- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-98 ◆THURSDAY ◆01 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୯୮ ◆ଗୁରୁବାର ◆୦୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

‘ଭୋଟ୍ ଚୋରି’ ବିରୋଧରେ ଇଣ୍ଡିଆ ମେଣ୍ଟର ରଣନୀତି

ଜ୍ଞାନେଶ ହଟାଅ, ବାଲଟ ଫେରାଅ

ଅକ୍ଟୋବର ୨ରୁ ମିଳିତ ଆନ୍ଦୋଳନ

୬ରେ ନିର୍ବାଚନ କମିସନ ଅଫିସକୁ ବିରୋଧୀ ସାଂସଦଙ୍କ ପଦଯାତ୍ରା

■ ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଏସଆଇଆରକୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ରଣନୀତି ପ୍ରସ୍ତୁତ କରିଛି ଇଣ୍ଡିଆ ମେଣ୍ଟ। ଆସନ୍ତା ଅକଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ୬ ତାରିଖ ଯାଏଁ ଦେଶବ୍ୟାପୀ ମିଳିତ ଆନ୍ଦୋଳନ କରିବାକୁ ମେଣ୍ଟ ଘୋଷଣା କରିଛି। ଯୁବ ଗୋଷ୍ଠୀକୁ ନେଇ ଗଣତନ୍ତ୍ର ବଞ୍ଚାଅ ରାଲିର ଆୟୋଜନ କରାଯିବ। ନିର୍ବାଚନରେ ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବହାର କରିବା ଉପରେ ନେତାମାନେ ଗୁରୁତ୍ୱ ଆରୋପ କରିଛନ୍ତି।

ବୁଧବାର ଇଣ୍ଡିଆ ମେଣ୍ଟ ନେତାମାନଙ୍କର ସାଢ଼େ ତିନି ଘଣ୍ଟା ଧରି ବୈଠକ ହୋଇଥିଲା। ବୈଠକ ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଲେ ଯେ ଆସନ୍ତା ୨ ତାରିଖରୁ ୮ ତରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ସମସ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯିବ ଏବଂ ଗଣତନ୍ତ୍ର ବଞ୍ଚା ରାଲି ବାହାର କରାଯିବ। ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀ ଏବଂ ଏନଜିଓଙ୍କୁ ସାମିଲ କରାଯିବ। ଅକ୍ଟୋବର ୬ ତାରିଖରେ ସମସ୍ତ ବିରୋଧୀ ଦଳ ସାଂସଦ ନିର୍ବାଚନ କମିସନ ଅଫିସ ଆଗରେ ବିକ୍ଷୋଭ କରିବେ। ସେ ଆହୁରି କହିଲେ ଯେ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ରାଷ୍ଟ୍ରପତିଙ୍କୁ ଭେଟି ଭୋଟ ଚୋରି ସରକାର ବିରୋଧରେ ▶ପୃଷ୍ଠା-୭

ତୁଟିବ କି ମହାନଦୀ କଳି ?

ଆଜି ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବୈଠକ

■ ଭୁବନେଶ୍ୱର, ୩୦।୯ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ଗୁରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ଯାଉଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍ ପାଟିଲ, ସିଡବ୍ଲ୍ୟୁସି ତଥା ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ ଟିମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହି ବୈଠକ ବେଶ ଗୁରୁତ୍ୱ ବହନ କରୁଛି। ବିଶେଷକରି ଦୁଇ ରାଜ୍ୟ ମଧ୍ୟରେ ଜଳ ବଣ୍ଟନର କୌଣସି ନିର୍ଦ୍ଦିଷ୍ଟ ଫର୍ମୁଲା ଉପରେ ସହମତି ହେବ କି ନାହିଁ, ତାହା ଉପରେ ନଜର ରହିବ।

ଆସିବ କି ଜଳ ବଣ୍ଟନ ଉପରେ ନିର୍ଦ୍ଦିଷ୍ଟ ଫର୍ମୂଲା

ଜଳ ବିଶେଷଜ୍ଞଙ୍କ ଚେତାବନୀ, ଓଡ଼ିଶାର ସ୍ୱାର୍ଥ ପ୍ରଭାବିତ ହେଲେ ସରକାରଙ୍କୁ ଜନତାଙ୍କ କାଠଗଡ଼ାକୁ ଟାଣିବୁ

ସୂଚନାଯୋଗ୍ୟ ଯେ ଛତିଶଗଡ଼କୁ ନେଇ ଓଡ଼ିଶା ସରକାର, ଜଳ ବିଶେଷଜ୍ଞଙ୍କର ମୁଖ୍ୟତଃ ତିନୋଟି ଅଭିଯୋଗ ରହିଆସିଛି। ଅଣମୌସୁମୀ ସମୟରେ ଓଡ଼ିଶାକୁ ଦାବି ଅନୁଯାୟୀ ଛତିଶଗଡ଼ ଉପରମୁଣ୍ଡରୁ ଜଳ ଛାଡ଼ିନଥାଏ। ସେହିପରି ମୌସୁମୀ ସମୟରେ ବିନା ଆଗୁଆ ତଥ୍ୟରେ ଛତିଶଗଡ଼ ହଠାତ୍ ପାଣି ଛାଡୁଥିବା ବେଳେ ଏହା ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି କରିଥାଏ। ତୃତୀୟ ତଥା ସବୁଠାରୁ ବଡ଼ ଉଦବେଗ ଉପରମୁଣ୍ଡରେ ଛତିଶଗଡ଼ର ବେଆଇନ ନିର୍ମାଣ ଅଟେ। ନିକଟ କିଛି ବର୍ଷରେ ବିନା ସିଡବ୍ଲ୍ୟୁସିଙ୍କ ଅନୁମତିରେ ଛତିଶଗଡ଼ ମହାନଦୀର ▶ପୃଷ୍ଠା-୭

ଏସ୍‌ସିବିରେ ମାନସିକ ରୋଗୀଙ୍କୁ ପିଟିପିଟି ମାରିଦେଲେ !

■ କଟକ, ୩୦।୯ (ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ (ଏସସିବି) ର ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଦୁଇ ଦିନ ପୂର୍ବରୁ ଚିକିତ୍ସା ପାଇଁ ମାନସିକ ରୋଗ ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ କେତେକ ସୁରକ୍ଷା କର୍ମୀ ନିର୍ମମ ମାଡ଼ ମାରିଥିବା କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ପରିବାର ଲୋକ ସଂଗୀନ ଅଭିଯୋଗ ଆଣିଛନ୍ତି। ମଙ୍ଗଳାବାଗ ଥାନାରେ ସମ୍ପୃକ୍ତ ମୃତକଙ୍କ ପରିବାର ପକ୍ଷରୁ ଭାଇ ବିନୋଦ ବିହାରୀ ଦାସ ଏଭଳି ଅଭିଯୋଗ ଆଣିବା ପରେ ରାଜ୍ୟର ସର୍ବବୃହତ୍ତ ରେଫରାଲ ହସପିଟାଲ ଭାବେ ପରିଚିତ ଏସସିବିରେ ରୋଗୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୃତକଙ୍କ ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ

ମୃତ ରୋଗୀ ଜଣକ ହେଉଛନ୍ତି ଯାଜପୁର କୁଆଖିଆ ଅଞ୍ଚଳର ଶ୍ରୀକାନ୍ତ ଦାସ। ମାନସିକ ସମସ୍ୟା ଯୋଗୁଁ ତାଙ୍କୁ ଦୁଇ ଦିନ ତଳେ ଏସସିବିର ମାନସିକ ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ଶ୍ରୀକାନ୍ତ ଗତକାଲି ରାତିରେ ଜୋରରେ ପାଟି ▶ପୃଷ୍ଠା-୭

ଚଳିତ ବର୍ଷ ୧ କୋଟି ଟନ୍ କମିବ ଚାଉଳ ଉତ୍ପାଦନ

■ ଭୁବନେଶ୍ୱର, ୩୦।୯ (ସମିସ): ଗତ ୧୭ ବର୍ଷରେ ପ୍ରଥମଥର ପାଇଁ ଦେଶରେ ଚାଉଳ ଉତ୍ପାଦନକୁ ଲାଗିଛି ବଡ଼ ଧକ୍କା। ୨୦୦୯ ମସିହା ପରେ ପ୍ରଥମଥର ପାଇ ଦେଶର ଚାଉଳ ଉତ୍ପାଦନ ଗୁରୁତର ପ୍ରଭାବିତ ହୋଇଛି। ଗତବର୍ଷ ଦେଶରେ ୧୫.୪ କୋଟି ଟନ୍ ଚାଉଳ ଉତ୍ପାଦନ ହୋଇଥିବାବେଳେ ଚଳିତ ବର୍ଷ ଏହା ୨ କୋଟି ଟନ୍ ହ୍ରାସ ପାଇ ୧୪.୪ କୋଟି ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଚାଉଳ ଉତ୍ପାଦନ ହ୍ରାସ ଆଶଙ୍କାରେ ବ୍ୟବସାୟୀମାନେ ଏବେଠାରୁ ଚାଉଳର ମୂଲ୍ୟ ବୃଦ୍ଧି କରିଛନ୍ତି।

୧୦ ପ୍ରତିଶତ ଯାଏ ବଢ଼ିଲା ସ୍ୱର୍ଣ୍ଣ ଚାଉଳ ମୂଲ୍ୟ

ସୋନା ମସୁରୀ ୨୫%, ବାସୁମତି ୩୦% ବୃଦ୍ଧି

ଇଥାନଲ ପାଇଁ ବ୍ୟବହାର ହୋଇଛି ୭୨ ଲକ୍ଷ ଟନ୍

ଭାରତୀୟମାନେ ସର୍ବାଧିକ ବ୍ୟବହାର କରୁଥିବା ସୋନା ମସୁରୀ, ସ୍ୱର୍ଣ୍ଣ ଓ ବାସୁମତୀ ଚାଉଳର ମୂଲ୍ୟ ୧୦%ରୁ ୩୦% ଯାଏ ବୃଦ୍ଧି ପାଇଛି। ୨୦୦୯ରେ ଖରାପ ପାଣିପାଗ ଓ ପ୍ରକୃତିର କୋପ ଯୋଗୁଁ ଚାଉଳ ଉତ୍ପାଦନ ପ୍ରାୟ୧୦% ହ୍ରାସ ପାଇଥିଲା; ଫଳରେ ଚାଉଳ ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା।

କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଚଳିତବର୍ଷ ସେପ୍ଟେମ୍ବର ୨୫ ସୁଦ୍ଧା ୪.୩୧ କୋଟି ହେକ୍ଟର ଜମିରେ ଖରିଫ ଚାଷ ହୋଇଛି। ଗତବର୍ଷ ୪.୪୭ କୋଟି ହେକ୍ଟର ଜମିରେ ଧାନ ଚାଷ ▶ପୃଷ୍ଠା-୭

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

World University Rankings 2027
4th Best
Among All Universities in India

1st in Eastern India
501+ Cohort Globally

Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities** in **India and across the globe**. KIIT ranks **4th** among both goverment and private universities in India and is placed in the **501–550 global cohort**. It has also maintained its **1st position** in **Eastern India** despite increased institutional participation worldwide.

- **Best Campus** Outstanding infrastructure & world-class facilities
- **Best Placement** Excellent Opportunities & Career Outcomes
- **Best Environment & Ambience** Supportive learning environment with a vibrant campus atmosphere
- **Student Friendly Campus** Student-centric approach with comprehensive support services
- **Parent-Friendly Institution** Transparent communication & parent engagement
- **Modern Student Library** 24×7 Study Space for Focused Learning

KIIT is an institute of 29 years (1997–2026) and a Deemed to be University of only 22 years (2004–2026)

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ସକାଳ
www.sakalaepaper.com

ବିଶେଷ ଟିପ୍ପଣୀ

ଯଦି ପୂର୍ବତନ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ଜଣେ ପ୍ରଭାବଶାଳୀ ବିଜେପି ନେତାଙ୍କୁ ଅଯୋଗ୍ୟ ବୋଲି ବିବେଚନା କରାଯାଇପାରିବ, ତେବେ ଜ୍ଞାନେଶ କୁମାରଙ୍କ ପରି ଜଣେ ଅବସରପ୍ରାପ୍ତ ଅମଲାଙ୍କୁ ଆହୁରି ସହଜରେ ବାଦ୍ ଦିଆଯାଇ ପାରିବ।

- ଶଶି ଥରୁର୍



ଜ୍ଞାନେଶଙ୍କ ଦୁଇ ସହଯୋଗୀ ୧୦ ମାସରେ ୧୪ ଥର ତାଙ୍କର ବିରୋଧ କରିଛନ୍ତି। ତେଣୁ, ତାଙ୍କୁ ପଦବୀରୁ ହଟାଇବା ଉଚିତ। ତାଙ୍କ ଭିତରେ ଟିକେ ବି ନୈତିକ ଲଜ୍ଜା ଥିଲେ ସେ ନିଜେ ଇସ୍ତଫା ଦେବା ଉଚିତ୍।

- ମଲ୍ଲିକାର୍ଜୁନ ଖଡ୍‌ଗେ

ଜେନ୍ Z

ବଞ୍ଚିବୁନି ଆମେ ଡରରେ,
ପୁରୁଷଙ୍କୁ ରଖ ଘର ଭିତରେ।

ପ୍ରିୟାଂଶୀ ମିଶ୍ର @Priyanshi4567

ଦୁବାଇ-ଇସ୍ରାଏଲ ବିମାନ ଅପହରଣ ଉଦ୍ୟମ!

- କକ୍‌ପିଟ୍‌ରେ ପାଇଲଟଙ୍କୁ କୋ-ପାଇଲଟଙ୍କ ଛୁରାମାଡ଼
- ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି
- ଦୁର୍ଘଟଣାରୁ ବର୍ତ୍ତିଲା ବିମାନ
- ସାଉଦିରେ ଜରୁରୀ ଅବତରଣ

ଦୁବାଇ/ତେଲ୍ ଆଭିଭ, ୩୦।୯ (ଏଜେନ୍ସି): ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଏ ଦୁବାଇ ବିମାନରେ ଆଜି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଝି ଆକାଶରେ ବିମାନ କକ୍‌ପିଟରେ ଦୁଇ ପାଇଲଟଙ୍କ ମଧ୍ୟରେ ମାରପିଟ୍ ହୋଇଛି। କୋପାଇଲଟଙ୍କ ଛୁରାମାଡ଼ରେ ପାଇଲଟ୍ ଆହତ ହୋଇଛନ୍ତି। କୁହାଯାଉଛି ଯେ କୋପାଇଲଟ୍ ବିମାନ ଅପହରଣ ପାଇଁ ଉଦ୍ୟମ କରୁଥିବା ବେଳେ ପାଇଲଟ୍ ଏହାକୁ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହି ସମୟରେ ବିମାନଟି ୧୭ ହଜାର ଫୁଟ୍ ତଳକୁ ଖସିଯାଇଥିଲା। ବିମାନରେ ଥିବା ଅନ୍ୟ ପାଇଲଟ୍ ଠିକ୍ ସମୟରେ ପରିସ୍ଥିତିକୁ ସମ୍ଭାଳିବା ଯୋଗୁଁ ବିମାନ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ପରେ ବିମାନକୁ ସାଉଦୀ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ଦୁଇ ପାଇଲଟଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ବିମାନ ସଂସ୍ଥା ପକ୍ଷରୁ ଏସଂପର୍କରେ ଅଧିକ ସୂଚନା ଦିଆଯାଇ ନାହିଁ। କିନ୍ତୁ ଇସ୍ରାଏଲ ଦାବି କରିଛି ଯେ ସୁଦାନ ନାଗରିକ ଥିବା କୋପାଇଲଟ ବିମାନ ଅପହରଣ କରି ଏହାକୁ ନ୍ୟୁୟର୍କ ଆକ୍ରମଣ ଭଳି ଇସ୍ରାଲଏଲରେ କୌଣସି ଟାୱାରରେ ଧକ୍କା ଦେବାକୁ ଯୋଜନା କରିଥିଲେ। ମାତ୍ର ଭାରତୀୟ ନାଗରିକ ଥିବା ପାଇଲଟ ଏହାକୁ ବ୍ୟର୍ଥ କରିଦେଇଛନ୍ତି ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଛନ୍ତି। କିନ୍ତୁ ଏବେ ଠାରୁ ଏସଂପର୍କରେ କୌଣସି ଅନୁମାନ ନଲଗାଇବା ଲାଗି ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି।

ସ୍ଥାନୀୟ ସମୟ ମଧ୍ୟରାତିରେ ବିମାନ ଭିତରେ ଏଭଳି ଆତଙ୍କ ସୃଷ୍ଟି ହୋଇଥିଲା। କକପିଟ୍ ଭିତରୁ ମାରପିଟ୍ ଓ ଚିତ୍କାର ଶୁଣିଥିଲେ କେତେକ ଯାତ୍ରୀ। ଏହାପରେ କକପିଟ୍ ଖୋଲିଥିଲା ଏବଂ ଜଣେ ପାଇଲଟ୍ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବାର ଦେଖାଯାଇଥିଲା। ସିଟରେ ବସିଥିବା ଅନ୍ୟ ପାଇଲଟ ଜଣକ ମଧ୍ୟ ରକ୍ତାକ୍ତ ଅବସ୍ଥାରେ ଥିଲେ। କିଛି ଯାତ୍ରୀ ସେମାନଙ୍କୁ ଉଦ୍ଧାର କରିବା ସମୟରେ ସେମାନଙ୍କ ଦେହରେ ରକ୍ତ ଛିଟା ଲାଗିଥିଲା। ବିମାନରେ ୧୮୦ ଯାତ୍ରୀ ଥିଲେ।

ଏହାକୁନେଇଇସ୍ରାଏଲରେଆତଙ୍କସୃଷ୍ଟିହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା। ଇସ୍ରାଏଲ୍ ନିଜ ଆକାଶମାର୍ଗ ବନ୍ଦ କରିବା ସହ ଫାଇଟର ଜେଟ୍ ପଠାଇଥିଲା। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ଜରୁରୀକାଳୀନ ବୈଠକ ଡାକିଥିଲେ। ଗଣ୍ଡଗୋଳ ସମୟରେ ବିମାନଟି ୩୪, ୦୦୦ ଫୁଟ୍‌ରୁ ୧୭, ୪୦୦ ଫୁଟ୍ ତଳକୁ ଖସି ଆସିଥିଲା। ଯାତ୍ରୀ ଏବଂ କ୍ରିୟୁ ସଦସ୍ୟମାନେ କକପିଟ୍‌ରେ ପଶି ଆକ୍ରମଣକାରୀଙ୍କୁ କାବୁ କରିଥିଲେ। ବିମାନଟି ସାଉଦି ଆରବର ତାବୁକ୍ ବିମାନବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା।

ମାଡ଼ିଆସୁଛି ଖାଦ୍ୟ ସଙ୍କଟ



- ସତର୍କ କରାଇଲେ ଭାରତର ବୈଦେଶିକ ମନ୍ତ୍ରୀ
- ୫୦ ବର୍ଷରେ ୫ମ ଥର ଆହ୍ୱାନର ସମ୍ମୁଖୀନ ବିଶ୍ୱ

ନ୍ୟୁୟର୍କ, ୩୦।୯ (ଏଜେନ୍ସି): ଆଗାମୀ ମାସଗୁଡ଼ିକରେ ବିଶ୍ୱ ଏକ ଗମ୍ଭୀର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱକୁ ସତର୍କ ସୂଚନା ଦେଇଛନ୍ତି। ନ୍ୟୁୟର୍କସ୍ଥିତ ଏସିଆ ସୋସାଇଟିରେ ବକ୍ତବ୍ୟ ରଖି ସେ କହିଛନ୍ତି ଯେ ୟୁକ୍ରେନ ଓ ଇରାନ ସଂଘର୍ଷ ଯୋଗୁଁ ଶସ୍ୟ ଯୋଗାଣ ବାଧାପ୍ରାପ୍ତ ହେବା ସହ ସାରର ପ୍ରବଳ ଅଭାବ ଦେଖାଦେଇଛି। ଏହା ସହିତ ସୁପର ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ବିଶ୍ୱ ଖାଦ୍ୟ ନିରାପତ୍ତା ପ୍ରତି ଆଶଙ୍କା ବୃଦ୍ଧି କରିଛି। ସମଗ୍ର ବିଶ୍ୱରେ ଫସଲ ହାନି, ମହାଯୁଦ୍ଧ, ଶକ୍ତି ସଙ୍କଟକୁ ଆନ୍ତର୍ଜାତୀୟ ଶକ୍ତି ସଂସ୍ଥା ଇତିହାସର ସବୁଠାରୁ ଭୟଙ୍କର ଶକ୍ତି ସଙ୍କଟ ଭାବେ ଘୋଷଣା କରିଛି। ଅନ୍ତର୍ଜାତୀୟ ବ୍ୟବସାୟ ଉପରେ ପ୍ରତିବନ୍ଧକ ଯୋଗୁଁ କଟକଣା ଯୋଗୁଁ ଚାଉଳ, ଗହମ ଓ ମକା ଦର ବୃଦ୍ଧି ପାଇଥିଲା। ଏହାଦ୍ୱାରା ୧ ଅରବରୁ ଅଧିକ ଲୋକ ଅପପୁଷ୍ଟିର ଶିକାର ହୋଇଥିଲେ। ୨୦୧୦-୧୧ରେ ମଧ୍ୟ ମରୁଡ଼ି ଯୋଗୁଁ ରୁଷ ଗହମ ରପ୍ତାନି ବ୍ୟାନ କରିଥିଲା। ଏହାପରେ ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ) ଖାଦ୍ୟ ମୂଲ୍ୟ ସୂଚକାଙ୍କ ୨୩୧ ପଏଣ୍ଟରେ ପହଞ୍ଚିଥିଲା।

ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ବାରମ୍ବାର ମୂଲ୍ୟ ବୃଦ୍ଧି ଘଟିଛି। ଏହା ଲକ୍ଷ ଲକ୍ଷ ଲୋକଙ୍କୁ ଆର୍ଥିକ ଭାବେ ଅସମର୍ଥ କରିଦେଇଛି। ଏହି ଅବସରରେ ସେ ଗତ ୫୦ ବର୍ଷ ମଧ୍ୟରେ ବିଶ୍ୱ ପାଞ୍ଚଟି ବଡ଼ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଥିବା ଦର୍ଶାଇଥିଲେ।

୧୯୭୨-୭୪ରେ ସୋଭିଏତ ୟୁନିଅନ, ଚୀନ, ଭାରତୀୟ ଉପମହାଦ୍ୱୀପ ଓ ଆଫ୍ରିକାର ସାହେଲ ଅଞ୍ଚଳରେ ଫସଲହାନି ଏବଂ ୧୯୭୩ର ତୈଳସଙ୍କଟ ଯୋଗୁଁ ବିଶ୍ୱରେ ଖାଦ୍ୟାଭାବ ଗୁରୁତର ହୋଇଥିଲା। ସେହିପରି ୨୦୦୭-୦୮ ମୂଲ୍ୟ ବୃଦ୍ଧି ହୋଇଥିଲା। ତୈଳ ଦର ବୃଦ୍ଧି, ବାୟୋଫୁଏଲ ଚାହିଦା ଓ ରପ୍ତାନି ୨୦୨୦ କୋଭିଡ଼ ସଙ୍କଟ ଯୋଗୁଁ ଲକଡାଉନ ହୋଇ ଲୋକେ ରୋଜଗାର ହରାଇଥିଲେ। ଏହାଫଳରେ ୧୫.୫ କୋଟିରୁ ଅଧିକ ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହୋଇଥିଲେ। ଏବେ ୨୦୨୨ ୟୁକ୍ରେନ ଯୁଦ୍ଧ ଯୋଗୁଁ କୃଷ୍ଣ ସାଗର ଅଞ୍ଚଳରୁ ଶସ୍ୟ ଓ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ୨୫.୮ କୋଟି ଲୋକ ପ୍ରବଳ ଖାଦ୍ୟାଭାବର ଶିକାର ହୋଇଛନ୍ତି। ସମ୍ପ୍ରତି ବିଶ୍ୱ ସଂଘର୍ଷ, ଜଳବାୟୁ ପରିବର୍ତ୍ତନ ଓ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ଯୋଗୁଁ ପୁଣି ଏକ ସଙ୍କଟର କଳାବାଦଲ ଦେଖାଦେଇଛି ବୋଲି ଜୟଶଙ୍କର କହିଥିଲେ।

ନିର୍ବାଚନ ଆୟୋଗଙ୍କ ୟୁ-ଟର୍ଣ୍ଣ

ଫର୍ମ-୬ରୁ ହଟିଲା ଅତିରିକ୍ତ ଘୋଷଣାନାମା

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ମୁଖ୍ୟ ନିର୍ବଚନ କମିସନ, ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆଦିକୁ ନେଇ ଦେଶରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି। ଏହାପରେ ନିର୍ବାଚନ କମିସନଙ୍କ ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ଦେଖା ଦେଇଛି। ଏହି ପରିପ୍ରେକ୍ଷିରେ ଯେଉଁ ରାଜ୍ୟଗୁଡ଼ିକରେ ଏସ୍‌ଆଇଆର ପ୍ରକ୍ରିୟା ଶେଷ ହୋଇଛି, ସେଠାରେ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ଅନଲାଇନ୍ ଫର୍ମ ୬ରୁ ଅତିରିକ୍ତ ଏସ୍‌ଆଇଆର୍ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ପ୍ରତ୍ୟାହାର କରିନେଇଛନ୍ତି। ଏହିସବୁ ରାଜ୍ୟରେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ପାଇଁ ଆବେଦନକାରୀମାନଙ୍କୁ ଏବେ କେବଳ ନିର୍ଦ୍ଧାରିତ ମୂଳ ଫର୍ମ ୬ ପୂରଣ କରିବାକୁ ପଡ଼ିବ। ଗତ ସେପ୍ଟେମ୍ବର ୨୬ରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ପରେ ଆୟୋଗ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆୟୋଗଙ୍କ ସ୍ପଷ୍ଟୀକରଣ ଅନୁଯାୟୀ, ଏହି ଅତିରିକ୍ତ ଘୋଷଣାନାମା କେବଳ ଏସ୍‌ଆଇଆର୍ ପ୍ରକ୍ରିୟା ପାଇଁ ହିଁ ଉଦ୍ଦିଷ୍ଟ ଥିଲା। ତେବେ ଯେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏବେ ବି ଏସ୍‌ଆଇଆର୍ ପ୍ରକ୍ରିୟା ଚାଲୁରହିଛି। ସେଠାରେ ନୂତନ ଆବେଦନକାରୀଙ୍କ ପାଇଁ ପୂର୍ବ ଭୋଟର ତାଲିକା ସହ ନିଜର କିମ୍ବା ପରିବାରର ସମ୍ପର୍କ ଦର୍ଶାଇବାର ଏହି ଘୋଷଣାନାମା ବଳବତ୍ତର ରହିବ। ଏହାପୂର୍ବରୁ ଫର୍ମ ୬ର ପରିବର୍ତ୍ତନକୁ ନେଇ ନିର୍ବାଚନ ଆୟୁକ୍ତ ସାନ୍ଧୁ ଓ ଯୋଶୀ ଆପତ୍ତି ଉଠାଇଥିଲେ ଏବଂ ସାନ୍ଧୁ ଏହାକୁ ବେଆଇନ ଦର୍ଶାଇ ହଟାଇବାକୁ ଦାବି କରିଥିଲେ। ତେବେ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ମୂଳ ଫର୍ମ ୬ରେ କୌଣସି ସଂଶୋଧନ କରାଯାଇନାହିଁ।

ସୋମାଲିଆ ଜଳଦସ୍ୟୁ ଆକ୍ରମଣ ଭାରତୀୟ ନାବିକଙ୍କ ସହ ୫ ମୃତ

ମୋଗାଦିସୁ, ୩୦।୯ (ଏଜେନ୍ସି): ସୋମାଲିଆର ସୁରକ୍ଷା ବାହିନୀ ଅପହୃତ ତେଲବାହୀ ଜାହାଜକୁ ଜଳଦସ୍ୟୁଙ୍କ କବଳରୁ ଉଦ୍ଧାର କରିଛି। ତେବେ ସେନା ଅଭିଯାନ ପୂର୍ବରୁ ଜଳଦସ୍ୟୁଙ୍କ ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ସମେତ ମୋଟ ୫ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିନି ଜଣ ପାକିସ୍ତାନୀ, ଜଣେ ଭାରତୀୟ ଓ ଜଣେ ମ୍ୟାଁମାର ନାଗରିକ ଅଛନ୍ତି। ଏହା ସହିତ ଅନ୍ୟ ଜଣେ ଭାରତୀୟ ଓ ତିନି ଜଣ ପାକିସ୍ତାନୀ ନାବିକ ଆହତ ହୋଇଛନ୍ତି। ଅଭିଯାନ ସମୟରେ ୧୬ ଜଣ ସନ୍ଦିଗ୍ଧ ଜଳଦସ୍ୟୁଙ୍କୁ ଗିରଫ କରାଯାଇଛି। ୧୮ ହଜାର ୫୦୦ ବ୍ୟାରେଲ ଜାଳେଣି ନେଇ ମୋଗାଦିସୁ ଯାଉଥିବା ଏହି ପାଲାଉ-ପତାକାଧାରୀ ଜାହାଜକୁ ଗତ ଏପ୍ରିଲ ୨୧ ରେ ଜଳଦସ୍ୟୁମାନେ ଅପହରଣ କରିନେଇଥିଲେ। ଏହି ଜାହାଜରେ ଭାରତ, ପାକିସ୍ତାନ, ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ମିଆଁମାରର ପ୍ରାୟ ୧୭ ଜଣ କର୍ମଚାରୀ ଥିଲେ। ମୃତ ନାବିକଙ୍କ ପାର୍ଥିବ ଶରୀର ଭାରତ ଆଣିବା ପାଇଁ ହାଇକମିସନ ପରିବାର ସହ ଯୋଗାଯୋଗରେ ଅଛନ୍ତି।

ଉମର ଖାଲିଦ, ଶର୍ଜିଲ ଇମାମଙ୍କ ଜାମିନ ଆବେଦନ ପୁଣି ଖାରଜ

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗାର ଷଡ଼ଯନ୍ତ୍ର ମାମଲାରେ ଛାତ୍ର ନେତା ଉମର ଖାଲିଦ ଓ ଶର୍ଜିଲ ଇମାମଙ୍କ ତୃତୀୟ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ପ୍ରତିଭା ଏମ. ସିଂହ ଓ ବିଚାରପତି ଦିନେଶ ଭଟ୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ ସେମାନେ ନ୍ୟାୟିକ ଅନୁଶାସନ ଦ୍ୱାରା ବନ୍ଧା ଏବଂ ସୁପ୍ରିମକୋର୍ଟଙ୍କ ଜାନୁଆରୀ ୫ର ଆଦେଶକୁ ବଦଳାଇ ପାରିବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ, ସୁରକ୍ଷିତ ସାକ୍ଷୀଙ୍କ ବୟାନ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ କିମ୍ବା ଆଦେଶ ତାରିଖରୁ ଗୋଟିଏ ବର୍ଷ ପୂରଣ ହେବା ପରେ ନିମ୍ନ ଅଦାଲତରେ ଜାମିନ ଆବେଦନ କରାଯାଇପାରିବ। ନାଗରିକତା ସଂଶୋଧନ ଆଇନ (ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ପ୍ରଦର୍ଶନ ସମୟରେ ଘଟିଥିବା ଏହି ହିଂସାରେ ୫୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୦୨୦ରୁ ଇମାମ ଏବଂ ଖାଲିଦ ବିନା ବିଚାରେ ଜେଲରେ ରହିଛନ୍ତି। ସେମାନଙ୍କର ଜାମିନ ଆବେଦନକୁ ସୁପ୍ରିମ କୋର୍ଟ ଖାରଜ କରିଥିଲେ।

ବିହାର ଅଫିସର୍ ଦମ୍ପତିଙ୍କ ଘରୁ ୧ କୋଟି ନଗଦ ଟଙ୍କା ଜବତ

ପାଟନା, ୩୦।୯ (ଏଜେନ୍ସି): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିହାରର ଜଣେ ବରିଷ୍ଠ ଅଫିସର ଦମ୍ପତିଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ବିପୁଳ ପରିମାଣର ଅଘୋଷିତ ସମ୍ପତ୍ତି ଜବତ କରିଛି। ପାଟନାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ସପ୍ଲାଇ) ରବୀନ୍ଦ୍ର କୁମାର ଦିବାକର ଏବଂ ତାଙ୍କ ପତ୍ନୀ ଦାନାପୁରର ଜିଲ୍ଲା ସବ୍-ରେଜିଷ୍ଟ୍ରାର କୁମାରୀ ସ୍ୱିଟିଙ୍କ ଘରେ ଚଢ଼ଉ ହୋଇଥିଲା। ଭିଜିଲାନ୍ସର ଡିଆଇଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଏଥିରେ ପାଟନା ଏବଂ ବେଗୁସରାଇସ୍ଥିତ ସେମାନଙ୍କ ପୈତୃକ ବାସଭବନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ାଉରେ ୧ କୋଟିରୁ ଅଧିକ ନଗଦ ଟଙ୍କା, ସୁନା-ରୂପା ଗହଣା, ୪୮ଟି ଦାମୀ ଘଣ୍ଟା ଏବଂ ଏକାଧିକ ଜମି ଓ ଫ୍ଲାଟ୍‌ର ଦଲିଲ୍ ଜବତ କରାଯାଇଛି। ସୂଚନା ଅନୁସାରେ, ପାଟନା ବାସଭବନରୁ ୭୦ ଲକ୍ଷ ଟଙ୍କା ନଗଦ ସହ ୬ ଲକ୍ଷ ଟଙ୍କା ମୂଲ୍ୟର ୪୮ଟି ଘଣ୍ଟା ମିଳିଥିବା ବେଳେ ବେଗୁସରାଇରୁ ୯ ଲକ୍ଷ ଟଙ୍କା ନଗଦ ଓ ଗହଣା ଜବତ ହୋଇଛି। ଏହା ବ୍ୟତୀତ ପାଟନାରେ ୧.୦୭ କୋଟି ଟଙ୍କାର ଦୁଇଟି ଫ୍ଲାଟ୍ ଏବଂ ୧.୨୮ କୋଟି ଟଙ୍କାର ତିନୋଟି ଜମି ସମ୍ପର୍କିତ କାଗଜପତ୍ର ହସ୍ତଗତ ହୋଇଛି। ଜବତ ସମ୍ପତ୍ତିର ସମ୍ପୂର୍ଣ୍ଣ ଯାଞ୍ଚ ଓ ଆକଳନ ପରେ ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ ଆନୁଷ୍ଠାନିକ ମାମଲା ରୁଜୁ କରାଯିବ। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

ୟୁପି ପୁଲିସକୁ ଭର୍ତ୍ସନା

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ଉତ୍ତର ପ୍ରଦେଶ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପ୍ରକ୍ରିୟାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଗଭୀର ଅସନ୍ତୋଷ ପ୍ରକାଶ କରି ଭର୍ତ୍ସନା କରିଛନ୍ତି। ଏକ ଏତଲାରେ ଅଭିଯୁକ୍ତଙ୍କ ନାମ ପ୍ରଥମେ ଫାଙ୍କା ରଖାଯାଇ ପରବର୍ତ୍ତୀ ସମୟରେ ଯୋଡ଼ାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି କୋର୍ଟ ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ ମୋଟରସାଇକେଲ୍ ଦୁର୍ଘଟଣା ମାମଲାର ଶୁଣାଣି କରି ସୁପ୍ରିମ୍ କୋର୍ଟ କହିଛନ୍ତି ଯେ, ଏଭଳି କାର୍ଯ୍ୟଶୈଳୀ ଦ୍ୱାରା ପୁଲିସ ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯିବ। ଆବେଦନକାରୀ ନିଜେ କୋର୍ଟରେ ହାଜର ହୋଇ ଅଭିଯୋଗ କରିଥିଲେ ଯେ, ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ସେ ଘଟଣାସ୍ଥଳରୁ ଧରି ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ। ତଥାପି ପୁଲିସ ଅଜଣା ବ୍ୟକ୍ତିଙ୍କ ନାମରେ ଏଫ୍‌ଆଇଆର୍ ରୁଜୁ କରିଥିଲା। ଶୁଣାଣି ସମୟରେ କୋର୍ଟ କ୍ଷୋଭ ପ୍ରକାଶ କରି କରିଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତ ଧରାପଡ଼ିବା ସତ୍ତ୍ୱେ ଅଜଣା ବ୍ୟକ୍ତିଙ୍କ ନାମରେ ଏତଲା କାହିଁକି ହେଲା? ୟୁପି ପୁଲିସକୁ ଭଙ୍ଗ କରିଦେବା କିମ୍ବା ସମସ୍ତ ତଦନ୍ତ ଭାର ସିବିଆଇକୁ ଦେବା ଶ୍ରେୟସ୍କର ହେବ ବୋଲି କୋର୍ଟ କହିଛନ୍ତି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଆହ୍ଲାବାଦ ହାଇକୋର୍ଟ ଷ୍ଟାଟସ୍ ରିପୋର୍ଟ ମାଗିବା ପରେ ପୁଲିସ ଏଫ୍‌ଆଇଆର୍‌ରେ ନାମ ଯୋଡ଼ିଥିଲା ଏବଂ ପରବର୍ତ୍ତୀ ସମୟରେ ଚାର୍ଜସିଟ୍‌ରୁ ଅଭିଯୁକ୍ତଙ୍କୁ ମୁକ୍ତ କରିଦେଇଥିଲା। ଏହାସହ ଜବତ ବାଇକ୍ ପ୍ରଥମେ ନମ୍ବର ପ୍ଲେଟ୍ ନଥିବା ବେଳେ ତଦନ୍ତ କାଗଜପତ୍ରରେ ପଞ୍ଜୀକରଣ ନମ୍ବର ଯୋଡ଼ାଯାଇଥିବା ଅଭିଯୋଗ ହୋଇଛି।

ଘରୁ ବାହାରିବା କଷ୍ଟକର ହୋଇଛି: ମମତା

ନୂଆଦିଲ୍ଲୀ, ୩୦।୯ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ବିଜେପି ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ରାଜନୈତିକ ହିଂସା ଓ ଉତ୍ତେଜନା ଏତେ ବୃଦ୍ଧି ପାଇଛି ଯେ ସେ ନିଜ ଘରୁ ବାହାରିବାକୁ ମଧ୍ୟ ଅସମର୍ଥ ବୋଲି ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ବୈଠକରେ ମମତା ଯୋଗ ଦେଇଥିଲେ। ସେଠାରେ ମମତା ଅଭିଯୋଗ କରିଛନ୍ତି ଯେ ବିଜେପି ରାଜ୍ୟରେ ଅରାଜକତା ଓ ସ୍ୱେଚ୍ଛାଚାରିତା ଚଳାଇଛି। ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ ଓ ବିରୋଧ କରାଯାଉଛି। ନିକଟରେ ହୁଗୁଲିଠାରେ ଟିଏମସି ବିଧାୟକ କୁନାଲ ଘୋଷଙ୍କ ଗାଡ଼ି ଉପରକୁ ଅଣ୍ଡା ଓ ପଥର ମାଡ଼ କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା। ଟିଏମ୍‌ସି ଏହାକୁ ବିଜେପିର ପ୍ରଯୋଜିତ ଷଡ଼ଯନ୍ତ୍ର ବୋଲି କହିଥିବା ବେଳେ ବିଜେପି ଏହାକୁ ଜନସାଧାରଣଙ୍କ ଆକ୍ରୋଶ ବୋଲି ଆଖ୍ୟା ଦେଇଛି। ଏହା ବ୍ୟତୀତ, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାକୁ ନେଇ ମମତା ବାନାର୍ଜୀ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଜ୍ଞାନେଶ କୁମାରଙ୍କୁ 'ଭ୍ୟାନିସ୍ କୁମାର' ବୋଲି କହି କଟାକ୍ଷ କରିଛନ୍ତି। ଏହାସହ ନିର୍ବାଚନ ଆୟୋଗ ଭୋଟରଙ୍କ ନାମ ତାଲିକାରୁ ହଟାଉଥିବା ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଥିବା ଦର୍ଶାଇ ସେ ସିଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ବୈଠକରେ ଇଣ୍ଡିଆ ମେଣ୍ଟର ୨୦ରୁ ଅଧିକ ବିରୋଧୀ ଦଳ ଏକତ୍ରିତ ହୋଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ବିରୋଧରେ ରଣନୀତି ପ୍ରସ୍ତୁତ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଭୋଟର ଅଧିକାର ସୁରକ୍ଷା, ନିର୍ବାଚନ ତାଲିକାରେ ସ୍ୱଚ୍ଛତା ଏବଂ ବାଲଟ ପେପର ଜରିଆରେ ନିର୍ବାଚନ କରାଇବା ପାଇଁ ଦାବି ରଖିଛନ୍ତି।

ନାଟୋକୁ ରୁଷ୍‌ର ପରମାଣୁ ଧମକ



ମସ୍କୋ/ବ୍ରସେଲ, ୩୦।୯ (ଏଜେନ୍ସି): ରୁଷ୍-ୟୁକ୍ରେନ ଯୁଦ୍ଧ ୪ ବର୍ଷରୁ ଊର୍ଦ୍ଧ୍ୱ ହେବା ସତ୍ତ୍ୱେ ଥମିବାର ନା ନେଉ ନାହିଁ। ଯୁଦ୍ଧ ବନ୍ଦ ହେବା ପରିବର୍ତ୍ତେ ସମଗ୍ର ୟୁରୋପକୁ ବ୍ୟାପୀବାର ଆଶଙ୍କା ସୃଷ୍ଟି ହୋଇଛି। ଏହାରି ମଧ୍ୟରେ ରୁଷ୍‌ର ସାମରିକ ଭୂଖଣ୍ଡ କାଲିନିନ୍‌ଗ୍ରାଡ୍‌କୁ ବିଚ୍ଛିନ୍ନ କିମ୍ବା ଘେରିବାକୁ ଚେଷ୍ଟା କଲେ, ପରମାଣୁ ଅସ୍ତ୍ର ସମେତ ନିଜର ସମସ୍ତ ସାମରିକ କ୍ଷମତା ବ୍ୟବହାର କରାଯିବ ବୋଲି ରୁଷ୍ ନାଟୋ ମେଣ୍ଟକୁ ଚେତାବନୀ ଦେଇଛି। ପୋଲାଣ୍ଡ ଏବଂ ଲିଥୁଆନିଆ ମଧ୍ୟରେ ଅବସ୍ଥିତ ଅତ୍ୟନ୍ତ ସାମରିକ ଅଞ୍ଚଳ କାଲିନିନ୍‌ଗ୍ରାଡ୍ ଉପରେ କୌଣସି ଆକ୍ରମଣ ହେଲେ କଠୋର ଜବାବ ଦିଆଯିବ ବୋଲି ମସ୍କୋ ବାର୍ତ୍ତା ଦେଇଛି। ନାଟୋ ନିକଟକୁ ପଠାଯାଇଥିବା ଏକ କୂଟନୈତିକ ନଥିରେ ରୁଷ୍ ଅଭିଯୋଗ କରିଛି ଯେ, ପଶ୍ଚିମା ଦେଶର ମେଣ୍ଟର ସାମରିକ ଅଭ୍ୟାସ ଏବଂ କାର୍ଯ୍ୟକଳାପ ଯୁଦ୍ଧର ବିପଦକୁ ବୃଦ୍ଧି କରିଛି। ସଂଘର୍ଷ ଆରମ୍ଭ ହେବା ମାତ୍ରେ ନାଟୋ ସଦସ୍ୟ ଦେଶଗୁଡ଼ିକର ନିଷ୍ପତ୍ତି ଗ୍ରହଣ କେନ୍ଦ୍ରଗୁଡ଼ିକ ଉପରେ ସିଧାସଳଖ ଆକ୍ରମଣ କରାଯାଇପାରେ ବୋଲି ମଧ୍ୟ ଏଥିରେ ସାବଧାନ କରାଯାଇଛି। ତେବେ ନାଟୋ ସଦସ୍ୟ ଦେଶଗୁଡ଼ିକ ଉପରେ ପ୍ରଥମେ ଆକ୍ରମଣ କରିବ ନାହିଁ ବୋଲି ରୁଷ୍ ସ୍ପଷ୍ଟ କରିଛି। ଏହାର ଜବାବରେ ନାଟୋ ପ୍ରବକ୍ତା ଆଲିସନ୍ ହାର୍ଟ ପ୍ରକାଶ କରିଛନ୍ତି ଯେ, ନାଟୋ ଏକ ପ୍ରତିରକ୍ଷାମୂଳକ ସଂଗଠନ। ଏହାର କୌଣସି କାର୍ଯ୍ୟକଳାପ ରୁଷ୍ ପ୍ରତି ବିପଦ ସୃଷ୍ଟି କରେନାହିଁ। ରୁଷ୍‌ର ଏହି ଧମକକୁ ଦାୟିତ୍ୱହୀନ ପରମାଣୁ ମନୋଭାବ ବୋଲି କହି ନାଟୋ ନିନ୍ଦା କରିଛି। ଏହାସହ ୟୁକ୍ରେନରେ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଜଣେ ବରିଷ୍ଠ ୟୁରୋପୀୟ ପ୍ରତିରକ୍ଷା ଅଧିକାରୀ କହିଛନ୍ତି ଯେ, ଶୀତଳ ଯୁଦ୍ଧ ପରଠାରୁ ରୁଷ୍ ପକ୍ଷରୁ ଏପରି ପ୍ରତ୍ୟକ୍ଷ ଧମକ ପ୍ରଥମ ଥର ପାଇଁ ଦିଆଯାଇଛି। ଏହାକୁ ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେପଟେ ଜଣେ ନାଟୋ କୂଟନୀତିଜ୍ଞ ଏହାକୁ ୟୁରୋପୀୟ ଦେଶଗୁଡ଼ିକୁ ଭୟଭୀତ କରିବା ଏବଂ ୟୁକ୍ରେନକୁ ସହାୟତାରୁ ଓହରିଯିବା ପାଇଁ ରୁଷ୍‌ର ଏକ ଚକ୍ରାନ୍ତ ବୋଲି କହିଛନ୍ତି।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-98 ◆THURSDAY ◆01 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୯୮ ◆ଗୁରୁବାର ◆୦୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଏସୀୟ କ୍ରୀଡ଼ା

ତୀରନ୍ଦାଜୀରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

■ ଟୋକିଓ, ୩୦।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ଦ୍ୱାଦଶ ଦିବସରେ ବୁଧବାର ଭାରତୀୟ ତୀରନ୍ଦାଜମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ତିନୋଟି ଯାକ ସ୍ୱର୍ଣ୍ଣ ଭାରତକୁ କମ୍ପାଉଣ୍ଡର ଦଳଗତ ଇଭେଣ୍ଟରୁ ମିଳିଥିଲା। କମ୍ପାଉଣ୍ଡ ବିଭାଗର ପୁରୁଷ ଓ ମହିଳା ଦଳ ସମେତ ମିକ୍ସଡ ଟିମ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଭାରତର ତିନୋଟି ଯାକ ଦଳ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଜ୍ୟୋତି ସୁରେଖା ଭେନ୍ନମ୍, ତନିପତ୍ରୀ ଚିକିତା ଓ ପ୍ରିତୀକା ପ୍ରଦୀପଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଫାଇନାଲରେ ୨୩୮-୨୩୪ ସ୍କୋରରେ ଚାଇନାକୁ ହରାଇ ଦିବସରେ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହାପରେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚିକିତା ଓ ସାହିଲ ରାଜେଶ ଯାଦବ ଯୋଡ଼ି ମାତ୍ର ୧ ପଏଣ୍ଟ (୧୫୮-୧୫୭)ରେ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ତୀରନ୍ଦାଜୀରେ ଅନ୍ତିମ ତଥା ତୃତୀୟ ସ୍ୱର୍ଣ୍ଣ ପଦକ ପୁରୁଷ କମ୍ପାଉଣ୍ଡ ଦଳକୁ ମିଳିଥିଲା। ସାହିଲ, କୁଶାଳ ଦଲାଲ ଓ ଗଣେଶ ମଣିରତ୍ନମ ତିରୁମୁରୁଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ରୋମାଞ୍ଚକର ଫାଇନାଲରେ ୨୩୮-୨୩୭ ସ୍କୋରରେ ଚାଇନାକୁ ହରାଇଥିଲା। ଫଳରେ ଆଜି ସାହିଲ ଓ ଚିକିତା ଡବଲ୍ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ବୁଧବାର ସୁଦ୍ଧା ଭାରତ ମୋଟ୍ ୬୦ଟି ପଦକ ଜିତି ତାଲିକାର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଯେଉଁଥିରେ ୧୦ ସ୍ୱର୍ଣ୍ଣ ୨୧ ରୌପ୍ୟ ଓ ୨୯ କାଂସ୍ୟ ପଦକ ରହିଛି।

ଓଡ଼ିଶାରେ ଏଲ୍‌ନିନୋ ପ୍ରଭାବହୀନ

ଅଧିକ ୨୯% ବର୍ଷିଲା ମୌସୁମୀ

■ ୬୫ ବର୍ଷରେ ଦ୍ୱିତୀୟ ସର୍ବାଧିକ ମୌସୁମୀ ବର୍ଷା
■ ୩-୪ ଦିନରେ ରାଜ୍ୟରୁ ମୌସୁମୀ ଅପସାରଣ

■ ଭୁବନେଶ୍ୱର,୩୦।୯ (ସମିସ): ଚଳିତ ବର୍ଷର ମୌସୁମୀ ଋତୁ ଶେଷ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁ ଭାବେ (ଜୁନ ୧ରୁ ସେପ୍ଟେମ୍ବର ୩୦) ପର୍ଯ୍ୟନ୍ତ ଧରାଯାଏ। ଏହି ମୌସୁମୀ ୪ ମାସ ମଧ୍ୟରେ ଭାରତରେ ସାମଗ୍ରିକ ଭାବେ ବର୍ଷା ୧୩ ପ୍ରତିଶତ କମ୍ ରହିଥିବା ବେଳେ ଓଡ଼ିଶାରେ ମୌସୁମୀ ବର୍ଷା ସ୍ୱାଭାବିକ ତୁଳନାରେ ୨୯ ପ୍ରତିଶତ ଏଧିକ ରହିଛି। ଏଲନିନୋ ପରିସ୍ଥିତି ସତ୍ତ୍ୱେ ଓଡ଼ିଶାରେ ଏଭଳି ପରିମାଣର ବର୍ଷା ହେବା, ପାଣିପାଗ ବିଜ୍ଞାନୀଙ୍କ ପାଇଁ ଏକ ଅପ୍ରତ୍ୟାଶିତ ଘଟଣା ସାଜିଛି। ଚଳିତ ବର୍ଷ ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ୮୬୮.୬ ମିମି ତୁଳନାରେ ୭୫୯.୪ ମିମି ବର୍ଷା ହୋଇଛି। ଏହା ସ୍ୱାଭାବିକ ତୁଳନାରେ ୧୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ୨୦୦୧ ପରଠାରୁ ଚଳିତ ବର୍ଷ ଦେଶରେ ମୌସୁମୀ ଚତୁର୍ଥ ସବୁଠାରୁ ନିଅଣ୍ଟିଆ ରହିଛି। ଅପରପକ୍ଷେ ଓଡ଼ିଶାରେ ଏଥର ମୌସୁମୀ ସ୍ୱାଭାବିକ ବର୍ଷା ୧,୧୫୦ ମିମି ତୁଳନାରେ ୧,୪୮୨ ମିମି ବର୍ଷା ହୋଇଛି (୨୯% ଅଧିକ)। ଏହି ପରିମାଣର ବର୍ଷା ଗତ ଗତ ୬୫ ବର୍ଷ ଭିତରେ ୨୦୦୬ ସବୁଠୁ ଅଧିକ ମୌସୁମୀ ବର୍ଷା ହେବାରେ ଦ୍ୱିତୀୟ ସର୍ବାଧିକ ବର୍ଷା ଭାବେ ପରିଗଣିତ ହୋଇଛି। ୨୦୦୬ରେ ରାଜ୍ୟରେ ୧୪୮୪.୩ ମିମି ବର୍ଷା ରେକର୍ଡ ହୋଇଥିଲା। ଚଳିତ ବର୍ଷ ଏଲ୍‌ନିନୋ ସ୍ଥିତି ଯୋଗୁଁ ▶ପୃଷ୍ଠା-୭

ବହି ଛାପା ତଥ୍ୟ ପ୍ରଦାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଟାଳଟୁଳ ନୀତି

କାହାକୁ ବଞ୍ଚାଉଛନ୍ତି ସରକାର?

■ ଭୁବନେଶ୍ୱର,୩୦।୯ (ସମିସ): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ପଦାକୁ ଆସିବା ପରେ ବହି ଛାପାକୁ ନେଇ ବଡ଼ ଧରଣର ଦୁର୍ନିତି ଅଭିଯୋଗ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ପ୍ରିଣ୍ଟିଂ ପ୍ରେସ୍‌ରେ ଅବଶ୍ୟକ ପୁସ୍ତକ ପ୍ରିଣ୍ଟିଂ କ୍ଷମତା ନ ଥିବାରୁ ଘରୋଇ ପ୍ରେସ୍‌ରେ ବହି ଛାପାରେ ୩୮୦ କୋଟି ଟଙ୍କା ଅନିୟମିତତା ହୋଇଥିବା ବିରୋଧୀ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ସରକାର ବ୍ୟାକ୍‌ଫୁଟରେ ଅଛନ୍ତି ଓ ବିଭାଗୀୟ ମନ୍ତ୍ରୀ ବିରୋଧୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି । ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରୁ ରାଜରାସ୍ତା ପର୍ଯ୍ୟନ୍ତ ବିରୋଧ ହୋଇଛି। ବିଧାନସଭା ଘେରାଉ କରାଯାଇଛି ଓ ଓଡ଼ିଶା ବନ୍ଦ ଡ଼କରା ବି ଦିଆଯାଇଛି। ଏହି ସମୟରେ ଏହି ଅଭିଯୋଗର ତଦନ୍ତ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି । ମାତ୍ର ଏହିସବୁ ଘଟଣା ଭିତରେ ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟ ଦେବାରେ ଗଣଶିକ୍ଷା ବିଭାଗ ଏବଂ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର ଟାଳଟୁଳ ନୀତି ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। କେଉଁ ରହସ୍ୟକୁ ଗୋପନ ରଖିବାକୁ ଓ କାହାକୁ ସୁରକ୍ଷା ଦେବା ପାଇଁ ସରକାର ଏପରି ନୀତି ଅବଲମ୍ବନ କରୁଛନ୍ତି;ତାହାକୁ ନେଇ ପ୍ରଶ୍ନ ଉଠିଛି ।

ପ୍ରିଣ୍ଟିଂ ପ୍ରେସ୍‌କୁ ସାମଗ୍ରୀ ଯୋଗାଣ ଓ ସେବା କ୍ରୟ ପାଇଁ ଗଠିତ ବିଭିନ୍ନ କ୍ରୟ କମିଟିର ବିବରଣୀ ସମେତ ଏଥିପାଇଁ ହୋଇଥିବା ଟେଣ୍ଡର ଓ ଚୟନ ହୋଇଥିବା ଫାର୍ମ ଓ ଏଜେନ୍ସି ବିବରଣୀ ଏବଂ ପାଠ୍ୟପୁସ୍ତକ ଛାପିବା ପାଇଁ ଠିକା ପାଇଥିବା ବେସରକାରୀ ପ୍ରିଣ୍ଟିଂ ପ୍ରେସ୍ ସମ୍ପର୍କରେ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟକୁ ଜଣେ ସୂଚନା ଅଧିକାର କର୍ମୀ ତଥ୍ୟ ମାଗିଥିଲେ। ଏହି ତଥ୍ୟ ପାଇଁ ୧୦,୯୮୬ ଟଙ୍କା ଦାଖଲ କରିବା ପାଇଁ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ ପକ୍ଷରୁ ଗତ ଅଗଷ୍ଟ ୨୯ ତାରିଖରେ ସଂପୃକ୍ତ ବ୍ୟକ୍ତିଙ୍କୁ ଅବଗତ କରାଯାଇଥିଲା। ବିଭାଗ ପକ୍ଷରୁ ଦିଆଯାଇଥିବା ଦେୟ ଦାବି ଅନୁସାରେ ସେପ୍ଟେମ୍ବର ୩ ତାରିଖରେ ଏ ବାବଦ ଦେୟ ପଇଠ କରାଯାଇଥିଲା। ମାତ୍ର ମାସେ ବିତି ଯାଇଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ଏଯାଏଁ ତଥ୍ୟ ପ୍ରଦାନ କରାଯାଇ ନାହିଁ। ମାସେ ହେବ ଅଧିକାରୀମାନେ ଏହି ତଥ୍ୟକୁ ଚାପି ରଖିଛନ୍ତି। ତଥ୍ୟ ପଦାକୁ ଆସିଲେ ସରକାରଙ୍କ ଦୁର୍ନୀତି ଗୁମର ଖୋଲିବା ଆଶଙ୍କା ଥିବାରୁ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି।

ଅପରପକ୍ଷରେ ପାଠ୍ୟପୁସ୍ତକ ତ୍ରୁଟି ଓ ଦୁର୍ନୀତି ଅଭିଯୋଗରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଗଣଶିକ୍ଷା ▶ପୃଷ୍ଠା-୭

ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱରରେ ପଦଯାତ୍ରା ଶୁଭାରମ୍ଭ କରିବେ ନବୀନ

■ ସାରା ରାଜ୍ୟରେ ଏକ ମାସ ଧରି ଚାଲିବ ପଦଯାତ୍ରା
■ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାବାସୀ ଉପେକ୍ଷିତ
■ ଲୋକଙ୍କ ପାଖରେ ପହଞ୍ଚିବ ସରକାରଙ୍କ ବିଫଳତା

■ ଭୁବନେଶ୍ୱର,୩୦।୯ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଗାନ୍ଧୀ ଜୟନ୍ତୀ ଠାରୁ ସବୁ ସାଂଗଠନିକ ଜିଲ୍ଲାରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହେବ। ଦଳୀୟ କର୍ମକର୍ତ୍ତା ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ଓ ବିଜେଡି ଶାସନ ସମୟର ସଫଳତାକୁ ନେଇ ପ୍ରତି ଘରକୁ ଯିବେ । ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଭୁବନେଶ୍ୱର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ▶ପୃଷ୍ଠା-୭

ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଉଲଗ୍ନ କରି ମାଡ଼

ଭିଡିଓ ଭାଇରାଲ; ୬ ଜଣଙ୍କ ନାଁରେ ମାମଲା

■ ଭଦ୍ରକ, ୩୦।୯ (ସମିସ): ଗାଁ ଦାଣ୍ଡରେ ଜଣେ ମହିଳାଙ୍କୁ ଅର୍ଦ୍ଧ ଉଲଗ୍ନ କରି ମାଡ଼ ମାରିବା ସହ ଘୋଷାରି ନେବା ଭଳି ଅଭାବନୀୟ ଘଟଣା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଣିତିଆ ଗାଁରେ ଘଟିଛି। ଗୁରୁତ୍ୱପୂର୍ଣ୍ଣ କଥା ମହିଳାଙ୍କୁ ଉଲଗ୍ନ କରି

ଆକ୍ରମଣ ବେଳର ଭିଡିଓ ଭାଇରାଲ ହେବା ଫଳରେ ଘଟଣାର ଗୁରୁତ୍ୱ ବଢ଼ିଯାଇଥିଲା।

ସୂଚନାନୁଯାୟୀ, ଗତ ୨୫ ତାରିଖ ଅପରାହ୍ଣ ୨ଟା ବେଳେ ବାଣିତିଆ ଗାଁର ଲକ୍ଷ୍ମୀଧର ମହାନ୍ତିଙ୍କ ପତ୍ନୀ ପ୍ରିୟତମା ମହାନ୍ତିଙ୍କୁ ସେହି ଗାଁର ▶ପୃଷ୍ଠା-୭

ଆଜିଠୁ +୨ ଫର୍ମ ପୂରଣ

■ ଭୁବନେଶ୍ୱର, ୩୦।୯ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ +୨ ବାର୍ଷିକ ପରୀକ୍ଷା ଫର୍ମ ପୂରଣ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ଆରମ୍ଭ ହେବ। ପ୍ରଥମେ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ୯ ତାରିଖ ଯାଏଁ ଚାଲିବ। ଫର୍ମପୂରଣ କରିଥିବା ପିଲାମାନେ ୧୫ ତାରିଖ ମଧ୍ୟରେ ଫି’ ଦାଖଲ କରିପାରିବେ। ଏହାପରେ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ଅକ୍ଟୋବର ୨୬ ରୁ ନଭେମ୍ବର ୧୧ ▶ପୃଷ୍ଠା-୭

ଓଲଟ ପାଲଟ

ଡବଲ ଇଞ୍ଜିନି ସର୍କାର ଅମଳେ
ଟଙ୍କାଗୁଡ଼ା ଗୋଡ଼ି ମାଟି,
ପଖାଳ ଖିଆରେ, ଭୁଲ୍ ବହି ଛପା
ସାରିଦେଲେ କୋଟି କୋଟି।
ରାଜଧାନୀ-ଖୋର୍ଦ୍ଧା-ପୁରୀ-ଭଦ୍ରକରେ
ଗଢ଼ାହୁଏ କୋଠାବାଟି,
ଅଢ଼େଇ ବରଷ ପୂରଣ ହୋଇନି
ସବୁ ଖାଇଯିବେ ଚାଟି ।
ଆଉ ନେଫଡ଼ ଥିବଟି
ବିଶ୍ୱଗୁରୁ ନାମ ବଦନାମ କରି
ଲୋକଙ୍କୁ ମାରନ୍ତି ପଟି ॥
-ଯାଯାବର

ଚାନ୍ଦୁଆରେ ଅଭାବନୀୟ ଘଟଣା

ଜରିମାନା ନ ଦେବାରୁ ବୃଦ୍ଧାଙ୍କ ଶବ ସତ୍କାରରେ ବାଧା

■ କୁଳିଅଣା,୩୦।୯ (ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆ ଥାନା ଅଧୀନ ନୁହାମାଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜରିମାନା ବାବଦ ଅର୍ଥ ଓ ସାମଗ୍ରୀ ନ ଦେବାରୁ ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କ ଶବ ଶତ୍କାରରେ ଗ୍ରାମର କିଛି ଲୋକ ବାଧା ସୃଷ୍ଟି କରିବା ସହ ପରିବାରବର୍ଗଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ପୁଅ ଚାନ୍ଦୁଆ ଥାନାରେ ଲିଖିତ ଏତଲା ଦାୟର କରିଛନ୍ତି। ଅଭିଯୋଗ ଅନୁଯାୟୀ, ନୁହାମାଡିଆ ଗ୍ରାମର ସ୍ୱର୍ଗତା ରିଣ୍ଟି ମାର୍ଣ୍ଡି (୮୦)ଙ୍କର ଗତ ୨୮ ତାରିଖ ସନ୍ଧ୍ୟାରେ ଦେହାନ୍ତ ହୋଇଥିଲା। ପରଦିନ ଅର୍ଥାତ ୨୯ ତାରିଖ ସକାଳେ ପରିବାରବର୍ଗ ଓ ସମ୍ପର୍କୀୟମାନେ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମର ମୁଖ୍ୟ ଧାନଚନ୍ଦ୍ର ହାଁସଦାଃ ଏବଂ କାନଗୟ ହାଁସଦାଃଙ୍କ ନିର୍ଦ୍ଦେଶରେ କିଛି ଲୋକ ସେମାନଙ୍କୁ ଅଟକାଇଥିଲେ। ଶବ ସତ୍କାର ପୂର୍ବରୁ ଏକ ହାଣ୍ଡି ହାଣ୍ଡିଆ, ୩ ଟି କୁକୁଡ଼ା ଏବଂ ନଗଦ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଦାବି କରାଯାଇଥିଲା। ମୃତକଙ୍କ ପରିବାର ଉକ୍ତ ଜରିମାନା ଦେବାକୁ ଅସମର୍ଥତା ପ୍ରକାଶ କରିବାରୁ ସେମାନଙ୍କୁ ଠେଙ୍ଗାବାଡ଼ି ଦେଖାଇ ଆକ୍ରମଣ ଧମକ ଦିଆଯିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇ ଶବ ସତ୍କାରରେ ବାଧା ସୃଷ୍ଟି କରାଯାଇଥିଲା। କେବଳ ସେତିକି ନୁହେଁ, ପରିବାରକୁ ଗାଁ ଦାଣ୍ଡରେ ଯିବାଆସିବା, ଗୃହପାଳିତ ପଶୁ ଚରାଇବା ଏବଂ ଚାଷଜମିକୁ ଯିବା ଉପରେ କଟକଣା ଜାରି କରାଯିବ ବୋଲି ଧମକ ଦିଆଯାଇଥିବା ମୃତକଙ୍କ ପୁଅ ନୀର ମାର୍ଣ୍ଡି ଚାନ୍ଦୁଆ ଥାନାରେ ଅଭିଯୋଗ କରିଛନ୍ତି।

ନବନିର୍ମାଣ ଯୁବଛାତ୍ର ସଂଗଠନର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନ ଦେଲେ ଆଗାମୀ ଦିନରେ ବଡ଼ ଲଢ଼େଇ: ଅକ୍ଷୟ କୁମାର

■ ଭୁବନେଶ୍ୱର, ୩୦।୯ (ସମିସ): ପିଲାଙ୍କ ପଢ଼ାବହିରେ ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ବୁଧବାର ସମଗ୍ର ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲା ଓ ସହରରେ ଦୋକାନବଜାର ବନ୍ଦ ରହିବା ସହ ବନ୍ଦର ପ୍ରଭାବ ଜୋର୍‌ଦାର୍ ପଡ଼ିଛି ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। କଳାହାଣ୍ଡିର ଭବାନୀପାଟଣା, ମୟୂରଭଞ୍ଜର ବାରିପଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ ଓ ନିମାପଡ଼ା, ବାଲେଶ୍ୱରର ସୋର ସମେତ ଜଗତସିଂହପୁର, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର ଓ ମାଲକାନଗିରି ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ପଡ଼ିଥିବା ସଂଗଠନ ପକ୍ଷରୁ କୁହାଯାଇଛି।

ରାଜଧାନୀରେ ସଂଗଠନର ରାଜ୍ୟ ସଂଯୋଜକ ମହମ୍ମଦ ମନ୍‌ୱର ଅଲ୍ଲୀଙ୍କ ନେତୃତ୍ୱରେ ଭୋର୍ ୬ଟାରୁ ଏକ ମୋଟରସାଇକଲ ▶ପୃଷ୍ଠା-୭

ଗାଁକୁ ନାହିଁ ରାସ୍ତା

ନବଜାତକକୁ ଧରି ୩ କିମି ରାସ୍ତା ଚାଲିଲେ ପ୍ରସୂତି

କେନ୍ଦୁଝର/ତେଲକୋଇ, ୩୦।୯ (ସମିସ)

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କୁମୁଣ୍ଡି ଗାଁର ଦେଶବନ୍ଧ ସାହିରେ ଘଟିଛି ଅଭାବନୀୟ ଘଟଣା। ଗାଁକୁ ରାସ୍ତା ନଥିବାରୁ ଆସିପାରିଲା ନାହିଁ ଆମ୍ବୁଲାନ୍ସ। ଘରେ ପ୍ରସବ ପରେ ଅନ୍ୟ ଉପାୟ ନପାଇ ପ୍ରସୂତି ନିଜ ନବଜାତ ସନ୍ତାନକୁ ଧରି ୩ କିଲୋମିଟର ଦୂର ପାଦରେ ଚାଲି ଆମ୍ବୁଲାନସ୍ ପାଖରେ ପହଞ୍ଚିଲେ। ସଂକୀର୍ଣ୍ଣ ରାସ୍ତାରେ ଛୁଆକୁ ଧରି ପ୍ରସୂତି, ପାଦରେ ଚାଲି ଆମ୍ବୁଲାନସ୍ ଯାଏ ପହଞ୍ଚିଥିଲେ। ସାମାନ୍ୟ ପାଦ ଖସିଲେ, ତଳେ ପଡ଼ିଯିବାର ଭୟ। ସୂଚନା ଅନୁଯାୟୀ, ଗାଁର ବୈଶାଗୁ ମୁଣ୍ଡାଙ୍କ ସ୍ତ୍ରୀ ବିଳାଶ ମୁଣ୍ଡାଙ୍କର ମଙ୍ଗଳବାର ରାତିରେ ପ୍ରସବ ବେଦନା ହୋଇଥିଲା। ରାତିରେ ଆମ୍ବୁଲାନସ୍‌କୁ ଖବର ଦେଇଥିଲେ ପରିବାର। ହେଲେ, ଗାଁକୁ ଆମ୍ବୁଲାନସ୍ ଆସିପାରି ନଥିଲା। ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁ ପହଞ୍ଚି ନଥିଲା। ଅନେକ ବିଳମ୍ବ ହେବାରୁ ଘରେ ବିଳାଶ ମୁଣ୍ଡାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ବୁଧବାର ସକାଳେ ଆମ୍ବୁଲାନସ୍ ପହଞ୍ଚିଥିଲା। ହେଲେ, ଗାଁକୁ ରାସ୍ତା ନଥିବାରୁ ୩କିଲୋମିଟର ଦୂରରେ ଅଟକି ରହିଥିଲା ଆମ୍ବୁଲାନସ୍। ପରେ, ଆଶାକର୍ମୀ ଏବଂ ପରିବାର ଲୋକଙ୍କ ସହାୟତାରେ ନବଜାତକକୁ କୋଳରେ ଧରି ଦୀର୍ଘ ୩ କିଲୋମିଟର ରାସ୍ତା ପାଦରେ ଚାଲି ଆମ୍ବୁଲାନସ୍ ନିକଟରେ ଅତି କଷ୍ଟରେ ପହଞ୍ଚିଥିଲେ ପ୍ରସୂତି। ଏହି ଗାଁରେ ୪୦ ଜଣ ଆଦିବାସୀ ଏବଂ ମୁଣ୍ଡା ପରିବାର ବସବାସ କରୁଥିବା ବେଳେ ଗାଁକୁ ଯିବାଆସିବା ପାଇଁ କୌଣସି ରାସ୍ତା ନାହିଁ। ଏନେଇ ବାରମ୍ବାର ପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରି କୌଣସି ଫଳ ହେଉ ନଥିବା କହିଛନ୍ତି ଲୋକେ।

ମଞ୍ଚା ଚାଷ ପ୍ରକଳ୍ପ ପରିଦର୍ଶନ

ତୁରୁମୁଙ୍ଗା, ୩୦।୯ (ସମିସ): ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ଓ ବନବିଭାଗର ମିଳିତ ଆନୁକୂଲ୍ୟରେ ବଣ ମହୁଲଡିହାଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ମହିଳା ଓ ଚାଷୀମାନଙ୍କୁ ଆର୍ଥିକ ଦିଗରୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟାପକ ସଚେତନତା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। କାର୍ଯ୍ୟକାରୀ ହେଉଥିବା ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ଅଧୀନସ୍ଥ ମଞ୍ଚା ପଦ୍ଧତିରେ ପନିପରିବା ଚାଷ କ୍ଷେତ୍ରକୁ ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ବନ ବିଭାଗର ଅମ୍ବାଡସିର ରାଜ୍ୟସ୍ତରୀୟ ସମୀକ୍ଷକ ଦଳର ରାଜକିଶୋର ସାହୁ, କେନ୍ଦୁଝର ବନଖଣ୍ଡର ନିର୍ମଳ ସାହୁ, ସହଯୋଗୀ ସ୍ୱେଚ୍ଛାସେବୀ ଟିମ ଲିଡର ରଣଜିତ ପଲେଇ ଏବଂ ବନପାଳ ପାଟଣା ନିରଞ୍ଜନ ସେଠୀ, ପ୍ରକଳ୍ପ ସଂଯୋଜକ ତଥା କୃଷି ବିଶେଷଜ୍ଞ ଯୋଗ ଦେଇଥିଲେ। ମଞ୍ଚା ପଦ୍ଧତିରେ କରାଯାଉଥିବା ଲତା ଜାତୀୟ ପନିପରିବା ଫସଲର ସ୍ଥିତି, ଜଳସେଚନ ବ୍ୟବସ୍ଥା, କୀଟନାଶକ ପରିଚାଳନା ଏବଂ ଉତ୍ପାଦିତ ସାମଗ୍ରୀର ସଠିକ୍ ବଜାରୀକରଣ ସମ୍ପର୍କରେ ତଦାରଖ କରାଯାଇଥିଲା। ମଞ୍ଚା ଚାଷ ହୋଇଥିବା ବଣମହୁଲଡିହା, ରହିଣଦୁମା ଓ ସଡଙ୍ଗବାହାଳିର କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଚାଷ ମାଧ୍ୟମରେ ସ୍ଥାନୀୟ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ପରିବାରର ଆର୍ଥିକ ଉନ୍ନତି ସାଧନ କରିପାରିବେ ବୋଲି ଅଧିକାରୀମାନେ କହିଥିଲେ।

ମାନବ-ହାତୀ ସହାବସ୍ଥାନ ସଚେତନତା ଶିବିର

କେନ୍ଦୁଝର ୩୦।୯ (ସମିସ): କେନ୍ଦୁଝର ବନଖଣ୍ଡ ଆନୁକୂଲ୍ୟରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ମାନବ-ହାତୀ ସହାବସ୍ଥାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ କହିଥିଲେ ଯେ ମଣିଷ ସମାଜକୁ ବଞ୍ଚାଇବା ପାଇଁ ପରିବେଶ ସନ୍ତୁଳନର ଗୁରୁତ୍ୱ ବୁଝିବାକୁ ପଡ଼ିବ। ହାତୀଙ୍କୁ ସୁରକ୍ଷା ଦେଲେ ବାକି ଅନ୍ୟାନ୍ୟ ବନ୍ୟଜନ୍ତୁ ମଧ୍ୟ ସୁରକ୍ଷିତ ରହିପାରିବେ। ଏଥିସହିତ ଜୀବିକା ଉପରେ ଧ୍ୟାନ ଦେବା ସହ ପ୍ରାଣୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଜରୁରୀ। ଜିଲ୍ଲାରେ ବର୍ତ୍ତମାନ ୧୬୦ଟି ହାତୀ ଅଛନ୍ତି ବୋଲି ସୂଚନା ଦିଆଯାଇଥିଲା। ନିୟନ୍ତ୍ରଣ କକ୍ଷକୁ ଖବର ଦେବା, ରାତିରେ ଟର୍ଚ୍ଚ ବ୍ୟବହାର କରିବା, ହାତୀଙ୍କୁ ନ ଗୋଡ଼ାଇବା ଏବଂ ବେଆଇନ ବିଦ୍ୟୁତ୍ ତାର ନ ଲଗାଇବା ପାଇଁ ସଚେତନ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ସଚେତନତା ବୃଦ୍ଧି କରାଯାଇ ମଣିଷ ଓ ହାତୀଙ୍କ ସୁରକ୍ଷା ନିଶ୍ଚିତ କରାଯାଉଥିବା ବେଳେ ପ୍ରାଣୀଚିକିତ୍ସା ବିଭାଗ ସହାୟତାରେ ହାତୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଇ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। କାର୍ଯ୍ୟକ୍ରମରେ ଆଇଏଫଏସ. ପ୍ରୋବେସନର ଲାଣ୍ଟି ଜୈନ, ଆଇଏଏସ ପ୍ରୋବେସନର ଡଃ ଜିତେନ୍ଦ୍ର ଚୌଧୁରୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗତ ସେପ୍ଟେମ୍ବର ୨୭ରୁ ବନ୍ୟପ୍ରାଣୀ ସପ୍ତାହ ପାଳନ ଆରମ୍ଭ ହୋଇଥିଲା ବେଳେ ଆସନ୍ତା ଅକ୍ଟୋବର ୩ରେ ରାଜ୍ୟସ୍ତରୀୟ ମୁଖ୍ୟ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି।

୨୭ ହଜାର ଟଙ୍କାରୁ ଅଧିକ ବକେୟା ବିଦ୍ୟୁତ ବିଲ୍

୭ ଦିନ ଧରି ଅନ୍ଧାରରେ କୁଦଗଡ଼ିଆ ଉଚ୍ଚବିଦ୍ୟାଳୟ

ସମସ୍ୟାରେ ୧୧୧ ଛାତ୍ରଛାତ୍ରୀ

ଚମ୍ପୁଆ, ୩୦।୯ (ସମିସ): ବିଦ୍ୟୁତ ବିଲ୍ ପୈଠ ନହେବାରୁ ଗତ ୭ ଦିନ ଧରି ଅନ୍ଧାରରେ ରହିଛି କୁଦଗଡ଼ିଆ ଉଚ୍ଚବିଦ୍ୟାଳୟ। ବକେୟା ବିଦ୍ୟୁତ ବିଲ୍ ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବାରୁ ବିଦ୍ୟାଳୟରେ ପାଠପଢ଼ା ସହ ଅନ୍ୟାନ୍ୟ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହାର ସିଧାସଳଖ ପ୍ରଭାବ ୧୧୧ ଜଣ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ବିଦ୍ୟାଳୟରେ ଫ୍ୟାନ୍ ଚାଲୁ ନଥିବା ସହ ପାନୀୟଜଳ ବ୍ୟବସ୍ଥା ଓ କମ୍ପ୍ୟୁଟର ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଗରମ ପରିବେଶରେ ଛାତ୍ରଛାତ୍ରୀଙ୍କୁ ପାଠପଢ଼ିବାକୁ ପଡୁଥିବା ବେଳେ କମ୍ପ୍ୟୁଟରଭିତ୍ତିକ ଶିକ୍ଷା ମଧ୍ୟ ବନ୍ଦ ହୋଇଯାଇଛି। ପାନୀୟଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେବାରୁ ଛାତ୍ରଛାତ୍ରୀ ଅସୁବିଧାରେ ପଡ଼ିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମେଶଚନ୍ଦ୍ର ମହନ୍ତ କହିଛନ୍ତି, ବିଦ୍ୟାଳୟର ବିଦ୍ୟୁତ ବିଲ୍ ବାବଦକୁ ୨୭ ହଜାର ୧୩୯ ଟଙ୍କା ବକେୟା ରହିଛି। ଏହି ବକେୟା ବିଲ୍ ସମ୍ପର୍କରେ ଡିଓ କାର୍ଯ୍ୟାଳୟକୁ ବିଲ୍ ପଠାଯାଇଥିବା ସେ ସୂଚନା ଦେଇଛନ୍ତି। ଏନେଇ ଡିଓ ପୂର୍ଣ୍ଣଚନ୍ଦ୍ର ବରିଆ କହିଛନ୍ତି, ସେ ବିଷୟଟି ବୁଝିବା ପରେ ଜଣାଇବେ। ତେବେ, ଘଟଣାଟି ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ତୁରନ୍ତ ବକେୟା ବିଲ୍ ପୈଠ କରାଯାଇ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରାଯିବାକୁ ଦାବି ହୋଇଛି।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଆନନ୍ଦପୁର, ୩୦।୯ (ସମିସ): ଆନନ୍ଦପୁର ମ୍ୟୁନିସିପାଲିଟି ୧୫ ନମ୍ବର ୱାର୍ଡ଼ ଘସିପୁରାର ପୂର୍ବତନ କାଉନସିଲର ସ୍ୱର୍ଗତ ଗିରିଧାରୀ ସାହୁଙ୍କ ପତ୍ନୀ ରମାମଣି ସାହୁ(୭୩)ଙ୍କ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ଦେହାନ୍ତ ହୋଇଯାଇଛି। ମୃତଦେହ ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଜେଡି ଯୁବ ନେତା ଅଜୟ ସାହୁ, ବୋହୂ କାଉନସିଲର ଉର୍ବଶୀ ସାହୁ, ସାନପୁଅ ମୃତ୍ୟୁଞ୍ଜୟ, ପୁତୁରା ଅକ୍ଷୟ, ବିଜୟ, ସଞ୍ଜୟ, ମନୋରଞ୍ଜନ, ମାନସ, ବବୁଲ, ଉପସ୍ଥିତ ଥିଲେ। ବୈତରଣୀ କୂଳ ଝାଡ଼େଶ୍ୱର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନପୁଅ ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ।

ବ୍ଲକ୍ ସଫେଇ ମିତ୍ରଙ୍କ ସୁରକ୍ଷା ଶିବିର

ଆନନ୍ଦପୁର, ୩୦।୯ (ସମିସ): ଘଷିପୁରା ବ୍ଲକ ପରିସରରେ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୨୫ଟି ପଞ୍ଚାୟତର ସଫେଇ ମିତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେମାନଙ୍କୁ ପିପିକିଟ ବଣ୍ଟନ କରାଯାଇଥିଲା। ସଫେଇ ମିତ୍ରଙ୍କୁ ବ୍ଲକ ବିଡ଼ିଓ ବିନିତା ବିଜୟିନୀ ସ୍ୱାଗତ ସମ୍ବର୍ଦ୍ଧନା କରି ଉତ୍ସାହିତ କରିଥିଲେ। ସାଇକୁଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କର୍ମଚାରୀ ଓ ବ୍ଲକର ସମସ୍ତ ପଦାଧିକାରୀ ସହଯୋଗ କରିଥିଲେ।

ଆନନ୍ଦପୁର ପୌରପାଳିକାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଆନନ୍ଦପୁର, ୩୦।୯ (ସମିସ): ଆନନ୍ଦପୁର ପୌରପାଳିକାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ତତ୍ତ୍ୱାବଧାନରେ ଚାଲିଛି। ଅଧକ୍ଷା ରାଜନୀରାଣୀ ଖଟୁଆଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ଗୀତିନାଟ୍ୟ ଏବଂ ପୁରସ୍କାର ବିତରଣ ଉତ୍ସବ ପାଳନ ହୋଇଥିଲା। କାଉନସିଲର କୃଷ୍ଣ ରଣା, ସୁରେନ୍ଦ୍ର ଦାସ, ସନତ କର ଏବଂ ସହକାରୀ ଯନ୍ତ୍ରୀ ସଂଗ୍ରାମ ବେହେରା ପ୍ରମୁଖ ଉକ୍ତ ଉତ୍ସବରେ ସାମିଲ ହୋଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଉପସ୍ଥିତ ସ୍ୱଚ୍ଛସାଥୀ, କର୍ମୀ ଏବଂ ସଫେଇ କର୍ମଚାରୀଙ୍କ ସମେତ କର୍ଯ୍ୟରତ ମହିଳାଙ୍କୁ ଏନେଇ ସଚେତନ କରିଥିଲେ। କମ୍ୟୁନିଟି ଅର୍ଗନାଇଜର ରାଜଶ୍ରୀ ମିଶ୍ର, ସାନିଟାରୀ ଇନସ୍ପେକ୍ଟର ଅଜୟ ରଣା ଏବଂ ସାନିଟାରୀ ଏକ୍ସପର୍ଟ ସାହାବାଜ ଆଲମଙ୍କ ସଂଯୋଜନାରେ ପୌରପାଳିକାର ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ, କର୍ମୀ ଏବଂ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଫକୀରପୁରର କ୍ଷୀରୋଦ ଦାସ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ସରକାରଙ୍କ ଯୋଜନାକୁ ଗୀତ ମାଧ୍ୟମରେ ଘୋଡାନାଚ ସହିତ ଅତି ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

ଆନନ୍ଦପୁର, ୩୦।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ, ଦର୍ଶନ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ସେମିନାର ହଲ୍‌ରେ ଏକ ସ୍ୱାଗତ ସମାରୋହ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାରାୟଣ ପତ୍ରି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ମୁଖ୍ୟ ଦୁର୍ଗାଶଙ୍କର ପରିଡ଼ା, ଓଡ଼ିଆ ବିଭାଗର ମୁଖ୍ୟ ଶ୍ରୀଲେଖା ସାହୁ ଏବଂ ଆନନ୍ଦପୁର ମହାବିଦ୍ୟାଳୟର ପ୍ରଶାସନିକ ବର୍ସର ପ୍ରଫୁଲ୍ଲ ପଣ୍ଡା ଯୋଗ ଦେଇଥିଲେ। ଦର୍ଶନ ବିଭାଗର ମୁଖ୍ୟ ସୁବ୍ରତ ପରିଡ଼ା ସଭାପତିତ୍ୱରେ ବିଭାଗର ଅଧ୍ୟାପକ ସତ୍ୟବ୍ରତ ସ୍ୱାଇଁ ମଧ୍ୟ ଏହି ସମାରୋହରେ ସହଯୋଗ କରିଥିଲେ। ସଭାରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଦର୍ଶନ ବିଭାଗ ପକ୍ଷରୁ ଉଷ୍ମ ସ୍ୱାଗତ ଜଣାଯାଇଥିଲା।

ରାଜ୍ୟ ହ୍ୟାଣ୍ଡବଲ୍‌ରେ ରିମୁଳି ବିଦ୍ୟାଳୟର ସଫଳତା

ଚମ୍ପୁଆ, ୩୦।୯ (ସମିସ): ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ, ରିମୁଳିର ଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ଯାଜପୁର ଜିଲ୍ଲାର ଚଡିଆଠାରେ ସେପ୍ଟେମ୍ବର ୨୪ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କେନ୍ଦୁଝର ଦଳ ରନର୍ସ-ଅପ୍ ହୋଇଛି। କେନ୍ଦୁଝର ଦଳରେ ରିମୁଳି ବିଦ୍ୟାଳୟର ୧୧ ଜଣ ଛାତ୍ରୀ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଅଂଶଗ୍ରହଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ତୋଫାନ କୁମାର ସାହୁ ଓ ଝାଡ଼େଶ୍ୱର ମହାନ୍ତଙ୍କ ମାର୍ଗଦର୍ଶନରେ ଛାତ୍ରୀମାନେ ଏହି ସଫଳତା ପାଇଛନ୍ତି। ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ କ୍ରୀଡ଼ାପ୍ରେମୀ କୃତୀ ଛାତ୍ରୀ ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ

ଆନନ୍ଦପୁର, ୩୦।୯ (ସମିସ): ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟର ୧୦ଟି ସାଂଗଠନିକ ଜିଲ୍ଲା ବୈଠକ ଆନନ୍ଦପୁର ସହରର ହୋଟେଲ ଆର୍ସିଲେକ୍ଟଠାରେ ରାଜ୍ୟ ସଭାପତି ବାଇଧର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗ ଦେଇଥିଲେ। ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ସେଠୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅନ୍ୟତମ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ରାଜ୍ୟ ଉପସଭାପତି ଶିବ ମଲ୍ଲିକ, କେନ୍ଦୁଝର ଜିଲ୍ଲା ସଭାପତି ଶାନ୍ତନୁ ସେଠୀ, ତୃପ୍ତିମୟୀ ଜେନା, ଶାନ୍ତନୁ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ।

ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ତୁରୁମୁଙ୍ଗା, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ପୋଇପାଣି ଗ୍ରାମ ନିକଟରେ ବୁଧବାର ସକାଳୁ ଭାଲୁ ଆକ୍ରମଣରେ ଗୋବର୍ଦ୍ଧନ ମହାନ୍ତ(୭୬) ଗୁରୁତର ଆହତ ହୋଇଛନ୍ତି। ଗୋବର୍ଦ୍ଧନ ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ବଣୁଆ ଭାଲୁ ଆକ୍ରମଣ କରିଥିଲା। ତାଙ୍କ ପେଟ ଓ ହାତରେ ଗଭୀର ଆହତ ଲାଗିଛି। ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଭାଲୁ ଆକ୍ରମଣ ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବନ ବିଭାଗ ଭାଲୁ ଗତିବିଧି ଉପରେ ନଜର ରଖିଛି।

ବରିଷ୍ଠ ସହାୟକ ଶରତ ବାରିକଙ୍କ ଅବସର ସମ୍ବର୍ଦ୍ଧନା

ବାଲିବନ୍ଧ, ୩୦।୯ (ସମିସ): ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଶରତ କୁମାର ବାରିକ ବୁଧବାର ତାଙ୍କ ସରକାରୀ କାର୍ଯ୍ୟରୁ ଅବସର ନେଇଥିବାବେଳେ ଗୋଷ୍ଠୀଶିକ୍ଷାଧିକରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଝୁମ୍ପୁରା ହାଇସ୍କୁଲରେ ତାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଝୁମ୍ପୁରା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ କାହ୍ନୁଚରଣ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ଝୁମ୍ପୁରା ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ, ଜିଲ୍ଲା କୃଷ୍ଣଲୀଳା ଲୋକନୃତ୍ୟ ସଙ୍ଘ ସଭାପତି ବ୍ରହ୍ମାନନ୍ଦ ବେହେରା, ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ମୁଖ୍ୟ ସୁଶାନ୍ତ ଦାସ, ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଝୁମ୍ପୁରା ବ୍ଲକ ସମେତ ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ବର୍ଗର ବହୁ ଲୋକ ଯୋଗ ଦେଇଥିଲେ।

ଶକ୍ତିମୟୀ ଉତ୍ପାଦକ ସମିତିର ବୈଠକ

ଆନନ୍ଦପୁର, ୩୦।୯ (ସମିସ): ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଶକ୍ତିମୟୀ ମହିଳା ଉତ୍ପାଦକ କମ୍ପାନୀର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ନୀଳମାଧବ ସୁନା ମୁଖ୍ୟଅତିଥି ଏବଂ ତପନ କୁମାର ପ୍ରଧାନ, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଆନନ୍ଦପୁର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆନନ୍ଦପୁର ବ୍ଲକ୍ ପ୍ରକଳ୍ପ ସମନ୍ୱୟକାରୀ ସରୋଜ ଦାଶ, ଉଦ୍ୟାନ ବିଭାଗର ବନ୍ଦନା ଥାଟୋଇ, ଶକ୍ତିମୟୀ ମହିଳା ଉତ୍ପାଦକ କମ୍ପାନୀର ସଭାପତି ଅନିତା ମହାନ୍ତ ଉପସ୍ଥିତ ଥିଲେ। ଶକ୍ତିମୟୀ ମହିଳା ଉତ୍ପାଦକ କମ୍ପାନୀର ପ୍ରାୟ ୧୨୦ ମହିଳା ଉଦ୍ୟୋଗୀ ଚାଷୀ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ଆନନ୍ଦପୁର ବ୍ଲକରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟ କିପରି ଭାବେ ଇ-ନାମ ମାଧ୍ୟମରେ ସଠିକ୍ ମୂଲ୍ୟରେ ବିକ୍ରିବଟା ହୋଇପାରିବ ଏବଂ ଚାଷୀମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରିବେ ସେହି ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଏହାକୁ ନିୟନ୍ତ୍ରିତ ବଜାର କମିଟିର ମଣ୍ଡି ପର୍ଯ୍ୟବେକ୍ଷକ ଶକ୍ତିପ୍ରସାଦ ମିଶ୍ର ଭଲ ଭାବରେ ଚାଷୀଙ୍କୁ ବୁଝାଇ କହିଥିଲେ। ଉପଜିଲ୍ଲାପାଳ କୃତୀ ଉଦ୍ୟୋଗୀ ମହିଳା ଚାଷୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ।

ରଜିଆରେ ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ

ଆନନ୍ଦପୁର, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନଙ୍କ ଆହ୍ୱାନକ୍ରମେ ଭାଗବତ ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଜିଲ୍ଲା ଭାଗବତ ଭକ୍ତ ସମ୍ମିଳନୀରେ ଚମ୍ପୁଆ ବ୍ଲକର ଶ୍ରେଷ୍ଠ ଭାଗବତ ଟୁଙ୍ଗି ରୂପେ ସମ୍ମାନିତ ହୋଇଥିବା ରଜିଆ ଭାଗବତ ଟୁଙ୍ଗିରେ ସପ୍ତାହବ୍ୟାପୀ ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଭାଗବତ ଟୁଙ୍ଗିର ପୁରାଣ ପଣ୍ଡା ତଥା ସମ୍ପାଦକ ହାଡ଼ିବନ୍ଧୁ ଗିରି, ଭାଗବତ ପ୍ରଚାରକ ଦୀନବନ୍ଧୁ ଗିରି ଓ ମୁଖ୍ୟକର୍ତ୍ତା ତଥା ସଭାପତି ବଳଭଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ସମ୍ପୂର୍ଣ୍ଣ କରି ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭାଗବତ ଜନ୍ମୋତ୍ସବ ଆନୁକୂଲ୍ୟରେ ଏକ ଭାଗବତ ସତସଙ୍ଗ ଅଧିବେଶନରେ କମଳାକାନ୍ତ ଗିରି ସଭାପତି, ମହେଶ୍ୱର ସିଂହ ମୁଖ୍ୟଅତିଥି ଓ ଚମ୍ପୁଆ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ରମାକାନ୍ତ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଭାଗବତ ଅନୁରାଗୀ ପ୍ରଦୀପ ଗିରିଙ୍କ ନେତୃତ୍ୱରେ ପ୍ରତିଦିନ ରାସଲୀଳା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ରାଧାକାନ୍ତ ପ୍ରଧାନ, ଶ୍ୟାମସୁନ୍ଦର ବେହେରା, ପରମେଶ୍ୱର ମହାରଣା, ବିପ୍ଳବ କେଶରୀ ଗିରି, ସୁକୁମାର ଗିରି, କୁମୁଦିନୀ ଗିରି, ଶକୁନ୍ତଳା ଗିରି, ଯଶୋଦା ଗିରି, ସୁଜାତା ଗିରି, ଭଗବତୀ ଗିରି, ଜ୍ୟୋସ୍ନାରାଣୀ ଗିରି, ସୁଦେବୀ ଗିରି, ପ୍ରତିମା ମଞ୍ଜରୀ ଗିରି, ସୁଦେବି ପ୍ରଧାନ, ଅଜିତ ବେହେରା ଓ ବ୍ରଜକିଶୋର ଗିରି ସହଯୋଗ କରିଥିଲେ।

ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ

ତେଲକୋଇ, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଦୋବଲାପାଳ ଉଚ୍ଚବିଦ୍ୟାଳୟରେ ବୁଧବାର ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହରେ ଦୋବଲାପାଳ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସିଏଫ ଶିବାଜୀ ମୋହନ ରାଓ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଜିଲ୍ଲା ମାଧ୍ୟମିକ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଅଶୋକ ନାଥ, ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନର ଡ଼ଃ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସମ୍ପାଦକ ଲିଙ୍ଗରାଜ ମହାନ୍ତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରତିନିଧି ଭାବେ ମହାଲକ୍ଷ୍ମୀ ନୋଡାଲ ଉଚ୍ଚବିଦ୍ୟାଳୟ ପଦ୍ମପୁରର ହିନ୍ଦୀ ଏବଂ ପ୍ରକାଶ ରଞ୍ଜନ ମହାନ୍ତ ଅଭିଭାଷଣ ରଖିଥିବା ବେଳେ ଛାତ୍ର ପ୍ରତିନିଧି ଭାବେ ଜପିଦାସ ସରକାରୀ ଉଚ୍ଚବିଦ୍ୟାଳୟ ବଡ଼ରମ୍ପାସ, ହାଟଡିହିର ଛାତ୍ରୀ ଖୁଶବୁ ତନୟା ଲେଙ୍କା ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦେଶାତ୍ମକବୋଧ ସଙ୍ଗୀତ, କବିତା ଆବୃତ୍ତି ଓ ଭାଷଣ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେବାନିବୃତ ପାଇଁ ତେଲକୋଇ ସରକାରୀ ଉଚ୍ଚବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଉମାକାନ୍ତ ବେହେରା ଓ ସରସୁଆଁ ନୋଡାଲ ଉଚ୍ଚବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଡମ୍ବରୁଧର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କେ.ବି ଉଚ୍ଚବିଦ୍ୟାଳୟ ଭଣ୍ଡାର ହିନ୍ଦୀ ଶିକ୍ଷୟିତ୍ରୀ ଗୀତାରାଣୀ ମହାନ୍ତ, ସରକାରୀ ଉଚ୍ଚବିଦ୍ୟାଳୟ କାଉଁରୀକଳାର ହିନ୍ଦୀ ଶିକ୍ଷକ ଆଲୋକ ପଣ୍ଡା ଓ ଦୋବଲାପାଳ ଉଚ୍ଚବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବିଜୟ ସାହୁ ସଭା ପରିଚାଳନା କରିଥିଲେ। ଛାତ୍ରୀମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲାର ୪୧୦ଟି ଉଚ୍ଚବିଦ୍ୟାଳୟର ସମସ୍ତ ହିନ୍ଦୀ ଶିକ୍ଷକଶିକ୍ଷୟିତ୍ରୀଙ୍କର ସହଯୋଗରେ ଅନୁଷ୍ଠିତ ହୋଇଥିବା ବେଳେ ଦୋବଲାପାଳ ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଭୂମିହୀନଙ୍କ ଲିଜ ଚାଷଜମିରେ ବହୁତଳ ପ୍ରାସାଦ

ଆନନ୍ଦପୁର, ୩୦।୯ (ସମିସ)

ଆନନ୍ଦପୁର ଉପଖଣ୍ଡରେ ଲିଜ ଜମିକୁ ନେଇ ବ୍ୟାପକ କେଳେଙ୍କାରୀ ନଜରକୁ ଆସିଛି। ବିଶେଷ କରି ଭୂମିହୀନ ଭାବେ ଚାଷ କରିବାକୁ ସରକାରଙ୍କଠାରୁ ପାଇଥିବା ଏକର ଏକର ଜମି ଏବେ ପୁଞ୍ଜିପତିଙ୍କ ହାତକୁ ଚାଲିଯାଇଛି। କେଉଁଠି ଚାଷ ପାଇଁ ଦିଆଯାଇଥିବା ଜମିରେ କମ୍ପାନୀ କାର୍ଯ୍ୟାଳୟ ତ କେଉଁଠି ବିଦ୍ୟାଳୟ, ଆଉ କେଉଁଠି କପଡା ଦୋକାନ ହୋଇଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଲିଜ ଜମିର ଚୁକ୍ତି ଖିଲାପକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହେବା ପରେ ଆନନ୍ଦପୁର ଉପଖଣ୍ଡରେ ହେରଫେର କରି ଜମି ବିକ୍ରି କରିଥିବା ଓ କିଣିଥିବା ଲୋକଙ୍କ ମଧ୍ୟରେ ଛନକା ପଶିଛି।

ଘସିପୁରା ତହସିଲ ଇଲାକାରେ ଭୂମିହୀନ ଭାବେ ଇନ୍ଦୁପୁରା ଗ୍ରାମର ପୁରନ୍ଦର ଧୀର ଲିଜ କେସ ନମ୍ବର ୪/୮୮/୮୯ ଅନୁସାରେ ସେତେବେଳେ ଆନନ୍ଦପୁର ତହସିଲରୁ ୧ ଏକର ଜମି ଚାଷକାମ କରିବାକୁ ଲିଜ ସୂତ୍ରରେ ପାଇଥିଲେ। ବ୍ୟାରେଜ ରୋଡ଼ରେ ଇନ୍ଦୁପୁରା ମୌଜାରେ ଥିବା ଏହି ଜମିକୁ ଚଅଁକତା ଭାବେ ବିକ୍ରି କରାଯାଇଛି। ଏହି ଜମି ଡ଼ିସିମିଲ ୨ ଲକ୍ଷରୁ ଅଧିକ ଟଙ୍କାରେ ବିକ୍ରି ହୋଇଥିବା ଜଣାପଡିଛି। ୨୦୨୧ରେ ଦେବାଶିଷ ରାଉତ, ପିତା ଅରଣ୍ୟକ ରାଉତ ୮ଡ଼ିସିମିଲ, ନିମାଇଁ ରାଉତ ପି ପ୍ରହ୍ଲାଦ ରାଉତ ୬ଡ଼ିସିମିଲ ସମେତ ଅନେକ ପ୍ରଭାବଶାଳୀ ଲୋକ ଜମି କିଣିଛନ୍ତି। ଏହି ଜମିଗୁଡିକୁ ସେହିବର୍ଷ ଘସିପୁରା ତହସିଲରେ ଚଅଁକତା କରାଯାଇ ଘରବାଡି ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ଏହି ବେଆଇନ କାରବାରରେ ବିପୁଳ ଅର୍ଥ କାରବାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କେବଳ ଦେବାଶିଷ କି ନିର୍ମଳ ନୁହେଁ; ଅନେକ ଲୋକ ପାଇଥିବା ଲିଜ ଚାଷଜମି ଏବେ ପୁଞ୍ଜିପତିଙ୍କ ଦଖଲରେ ରହିଛି। ଏପରିକି ଭୂମିହୀନଙ୍କ ଜମିରେ ଏବେ ବହୁତଳ ପ୍ରସାଦ ନିର୍ମାଣ କରାଯାଇଥିବା ପରିଲକ୍ଷିତ ହୋଇଛି। ଏହି ଜମି କେଳେଙ୍କାରୀରେ ରାଜସ୍ୱ ବିଭାଗର ଅଧିକାରୀଙ୍କଠାରୁ ତଳିଆ କର୍ମଚାରୀ ମଧ୍ୟ ସାମିଲ ରହିଛନ୍ତି। ଏନେଇ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏନେଇ ତର୍ଜମା କରାଯାଇ ସରକାରୀ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଘରବାଡ଼ି କିସମରେ ବି ଚଅଁକତା

ରେମୁଣା ଡିଗ୍ରୀ କଲେଜ ତରଫରୁ ପଥପ୍ରାନ୍ତ ନାଟକ

ରେମୁଣା, ୩୦।୯ (ସମିସ): 'ସେବା ସଂକଳ୍ପ ଅଭିଯାନ ୨୦୨୬' ଅବସରରେ ରେମୁଣା ଡିଗ୍ରୀ କଲେଜ ଓ କଲେଜର ଏନ.ଏସ.ଏସ ୟୁନିଟ ତରଫରୁ ଦୁଇଟି ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ତଥା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ବାଲେଶ୍ୱରଙ୍କ ନିର୍ଦ୍ଦେଶ ମତେ ଦେଶ ତଥା ରାଜ୍ୟରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହେବା

ଯୋଗୁଁ ରାଷ୍ଟ୍ରରେ ହୋଇଥିବା ପରିବର୍ତ୍ତନର ବିବରଣୀକୁ ନେଇ ଛାତ୍ରଛାତ୍ରୀଙ୍କ ଏକ ନାଟ୍ୟଦଳ ସଙ୍ଗୀତମୟ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ନାଟକ ପରିବେଷଣରେ ମୁଖ୍ୟ ଆକର୍ଷଣ ଭାବେ ନାଟ୍ୟଦଳ ଛାତ୍ରଛାତ୍ରୀଙ୍କ ଶିକ୍ଷା ଲାଭ କ୍ଷେତ୍ରରେ ଦେୟମୁକ୍ତ ଶିକ୍ଷା ବିଭିନ୍ନ ପ୍ରକାର ଶିକ୍ଷା ବୃତ୍ତିର ଉପାଦେୟତା ଓ ସରକାରଙ୍କର ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ନାଟକ ପ୍ରଦର୍ଶନ କରିଥିଲେ। ଉକ୍ତ ନାଟକକୁ ଜନସାଧାରଣ, ଛାତ୍ର, ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପଭୋଗ କରିବା ସହିତ ଉଚ୍ଚ ପ୍ରସଂଶା କରିଥିଲେ।

ସୋରରେ ଓଡ଼ିଶା ବନ୍ଦ

ସୋର, ୩୦।୯ (ସମିସ): ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ସୋରରେ ସଫଳ ହୋଇଛି। ଆଜି ସକାଳେ ୧୬ ନମ୍ବର ଜାତୀୟ ରାଜପଥ

ତଳନଗର ଠାରେ ରାଜରାସ୍ତା ରୋକ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡି ଅଟକି ରାଜରାସ୍ତା ଜାମ ହୋଇଥିଲା। ୪ ଘଣ୍ଟା ଧରି ରାସ୍ତାବନ୍ଦ ହେବା ପରେ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ଆଣିଥିଲା। ଫଳରେ ଦିନ ୧୧ଟା ଠାରୁ ରାଜରାସ୍ତାରେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା। ଆଗାମୀ ଦିନରେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନର ଜିଲ୍ଲା ସଭାପତି ରାଜେଶ ନାୟକ କହିଛନ୍ତି।

୧୦ ଦିନରେ ୫ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୩୦।୯ (ସମିସ)

ନିଆଁ ଲାଗିଲେ ଅଗ୍ନିଶମ ବାହିନୀ ଦୌଡ଼ି ଆସୁଛି, ଦମକଳ ଗାଡ଼ି ପାଣି ମାଡ଼ି ନିଆଁ ଲିଭାଉଛି। କିନ୍ତୁ ନିଆଁ ଲାଗିବା ପୂର୍ବରୁ ବିପଦ ଚିହ୍ନଟ କରିବାରେ ବିଭାଗ ଓ ଜିଲ୍ଲା ପ୍ରଶାସନ କେତେ ତତ୍ପର। ତାହା, ବାଲେଶ୍ୱରର ଲଗାତାର ଅଗ୍ନିକାଣ୍ଡ ଏବେ ଏହି ପ୍ରଶ୍ନକୁ

ଜଳିଗଲା ବାଇକ୍ ଶୋ'ରୁମ୍

ସାମ୍ନାକୁ ଆଣିଛି। ସେପ୍ଟେମ୍ବର ୨୦ରୁ ୩୦ ତାରିଖ ମଧ୍ୟରେ ସହରର ୫ଟି ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନିକାଣ୍ଡ ଘଟିଛି। ବାଲେଶ୍ୱର ଟିଚର୍ସ କଲୋନୀର ପେପର ପ୍ଲେଟ୍ ଗୋଦାମ, ଡିଆଇସି ଛକ ନିକଟ ଶାନ୍ତି ହୋଟେଲ, ପୁଲବଜାରର ପାର୍ଲର, ଏକ ହାର୍ଡୱେର ଦୋକାନ ଓ ସହଦେବଖୁଣ୍ଟାସ୍ଥିତ ହିରୋ ବାଇକ୍ ସୋରୁମ୍‌ରେ ନିଆଁ ଲାଗିଛି।

୨୦ତାରିଖରେ ଟିଚର୍ସ କଲୋନୀର ପେପର ପ୍ଲେଟ୍ ଗୋଦାମରେ ନିଆଁ ଲାଗିଥିଲା। ଦହନଶୀଳ କାଗଜ ସାମଗ୍ରୀ ଥିବାରୁ ନିଆଁ ଦ୍ରୁତ ଭାବେ ବ୍ୟାପିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ଏହାର ପରଦିନ, ସେପ୍ଟେମ୍ବର ୨୧ରେ ଡିଆଇସି ଛକ ନିକଟ ଶାନ୍ତି ହୋଟେଲରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ପରେ ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀର ତିନିଟି ଟିମ୍ ପ୍ରାୟ ଦୁଇ ଘଣ୍ଟା ଧରି ନିଆଁ ଲିଭାଇଥିଲେ। ପରେ ସେପ୍ଟେମ୍ବର ୨୫ରେ ପୁଲବଜାରର ଏକ ପାର୍ଲରରେ ନିଆଁ ଲାଗିଥିଲା। ଏହାପରେ ସେପ୍ଟେମ୍ବର ୩୦ ତାରିଖ ଅର୍ଥାତ ଆଜି ଦିନରେ ସହଦେବଖୁଣ୍ଟାର ହିରୋ ବାଇକ୍ ଶୋରୁମ୍‌ରେ ମଧ୍ୟ ଭୟାବହ ନିଆଁ ଲାଗିଥିଲା। ପ୍ରଥମେ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ନିଆଁର ଭୟାବହତା ଦେଖି ପରେ ଆଉ ଦୁଇଟି ଗାଡ଼ି ପହଞ୍ଚିଥିଲା। ମୋଟ ତିନିଟି ଦମକଳ ଗାଡ଼ି ଦୀର୍ଘ ସମୟ ଧରି ନିଆଁ ଲିଭାଇଥିଲା। ସୋରୁମ୍‌ରେ ଥିବା ବାଇକ୍, ସ୍କୁଟି ଓ ଅନ୍ୟାନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଇଭି ଯାନ ଓ ଚାର୍ଜିଂ ବ୍ୟବସ୍ଥା ମଧ୍ୟ ସେଠାରେ ଥିଲା। ବିଦ୍ୟୁତ୍ ତ୍ରୁଟି କିମ୍ବା ସର୍ଟସର୍କିଟ୍ ନେଇ ପ୍ରାଥମିକ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ। ସେହିଭଳି ସନ୍ଧ୍ୟା ସମୟରେ ରାମେଶ୍ୱର ମନ୍ଦିର ପାଖରେ ଥିବା ଏକ ହାର୍ଡୱେର ଦୋକାନରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଅଗ୍ନିଶମ ବାହିନୀ ଯାଇ ନିଆଁ କୁ ଆୟତ୍ତ କରିଥିବା ଜଣା ପଡ଼ିଛି। ଏହି ଘଟଣାଗୁଡ଼ିକୁ କେବଳ 'ନିଆଁ ଲାଗିଲା, ଦମକଳ ଆସିଲା, ନିଆଁ ଲିଭିଲା' ବୋଲି ଭାବିବାରେ ସୀମିତ ନରଖି ଏହି ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନିକାଣ୍ଡ ପୂର୍ବରୁ ଫାୟାର ସେଫ୍ଟି ଯାଞ୍ଚ ହୋଇଥିଲା କି ? ଯଦି ହୋଇଥିଲା, ଯାଞ୍ଚରେ କ'ଣ ତ୍ରୁଟି ମିଳିଥିଲା ? ତ୍ରୁଟି ମିଳିଥିଲେ ସୁଧାରିବା ପାଇଁ କେଉଁ ପଦକ୍ଷେପ ନିଆଯାଇଥିଲା ? କେଉଁ ପ୍ରତିଷ୍ଠାନକୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ମିଳିଥିଲା? କେଉଁଠାରେ ମିଳିନଥିଲା ? ଯାଞ୍ଚ ପରେ ମଧ୍ୟ ଯଦି ଅଗ୍ନିକାଣ୍ଡ ଘଟୁଛି, ତେବେ ଯାଞ୍ଚ ବ୍ୟବସ୍ଥାର ପ୍ରଭାବ କେତେ ? ଏଠି ଅଗ୍ନିଶମ ବିଭାଗର ଭୂମିକାକୁ ନେଇ ମଧ୍ୟ ବିରାଟ ପ୍ରଶ୍ନ ଉଠୁଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାରେ ତତ୍ପରତା ଦେଖାଇବା ନିଶ୍ଚିତ ଭାବେ ଜରୁରୀ। କିନ୍ତୁ ତା'ସହିତ ପ୍ରତିଷ୍ଠାନଗୁଡ଼ିକର ଅଗ୍ନିନିରାପତ୍ତା ବ୍ୟବସ୍ଥା ପୂର୍ବରୁ ଯାଞ୍ଚ କରିବା, ତ୍ରୁଟି ଚିହ୍ନଟ କରିବା ଓ ନିୟମ ପାଳନ ନହେଲେ ପଦକ୍ଷେପ ନେବା ମଧ୍ୟ ସମାନ ଗୁରୁତ୍ୱ ବହନ କରୁଛି।

ସେହିପରି ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ସହରର ବ୍ୟବସାୟିକ ପ୍ରତିଷ୍ଠାନ, ଗୋଦାମ, ହୋଟେଲ, ପାର୍ଲର, ଶୋରୁମ୍ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ଅଗ୍ନିନିରାପତ୍ତା ନିୟମ ପାଳନ ହେଉଛି କି ନାହିଁଏହାର ସମନ୍ୱିତ ନିରୀକ୍ଷଣ କେତେ ହେଉଛି ? ଅନୁମତି, ଲାଇସେନ୍ସ, ଫାୟାର ସେଫ୍ଟି ସାର୍ଟିଫିକେଟ୍ ଓ ବ୍ୟବହାରିକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତଫାତ ରହିଛି କି ? ଯଦି ତ୍ରୁଟି ଥିଲା, ତେବେ ଘଟଣା ପୂର୍ବରୁ କାହିଁକି ସୁଧାରା ହୋଇନଥିଲା ତାହା ଜିଲ୍ଲାବାସୀଙ୍କ ମନରେ ବିରାଟ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ଗତ ମେ' ୩୧ର ଆଇଟିଆଇ ରୋଡ୍‌ସ୍ଥିତ ଶିଳ୍ପାଞ୍ଚଳର ବାୟୋସେମ୍ କେମିକାଲ କମ୍ପାନୀରେ ଘଟିଥିବା ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଥିଲେ। ମେ'ର ଏହି ଗୁରୁତର ଘଟଣା ପରେ ସେପ୍ଟେମ୍ବରରେ ପୁଣି ୧୦ ଦିନରେ ୫ଟି ସ୍ଥାନରେ ନିଆଁ ଲାଗିବା ଘଟଣା ହେଉଛି ପ୍ରଶାସନିକ ପ୍ରତିରୋଧ ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି।

୭ରେ ନୀଳଗିରି ବ୍ଲକ ଘେରିବ ବିଜେଡି

ନୀଳଗିରି, ୩୦।୯ (ସମିସ): ସାମ୍ପ୍ରତିକ ପରିସ୍ଥିତିରେ ନୀଳଗିରି ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ନୀଳଗିରି ବ୍ଲକରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି, ଭତ୍ତା ବଣ୍ଟନରେ ପାତର ଅନ୍ତର ନୀତି, ପାଠ୍ୟ ପୁସ୍ତକ ରେ ମୁଦ୍ରାଣ ଜନିତ ତ୍ରୁଟି ପ୍ରମୁଖ ଦାବୀ ନେଇ ବିଜେଡ଼ି ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଜେଡ଼ି ପକ୍ଷରୁ ପ୍ରତି ଗ୍ରାମରେ ଜନ ସମ୍ପର୍କ

ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତା ୬ତାରିଖରେ ଔପଦା ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଏବଂ ଆସନ୍ତା ୭ ତାରିଖରେ ନୀଳଗିରି ବ୍ଲକ ଘେରାଉ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୬ତାରିଖରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ୮୦ ତମ ଜନ୍ମ ଦିବସ ପୂର୍ତ୍ତି ଅବସରରେ ନୀଳଗିରି ଠାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ନେଇ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ବିଜେଡ଼ି ଉପସଭାପତି ଗଙ୍ଗାଧର ମିଶ୍ର, ସାଧାରଣ ସମ୍ପାଦକ ରବୀନ୍ଦ୍ର ପରିଡ଼ା, ନୀଳଗିରି ବ୍ଲକ ସଭାପତି ରାଜୀବ ଦାସବାବୁ, ଯୁବ ବିଜେଡ଼ି ନେତା ରାମକୃଷ୍ଣ ମହାପାତ୍ର, ନୀଳଗିରି ନଗର କମିଟି ସାଧାରଣ ସମ୍ପାଦକ ସୁନୀଲ ପ୍ରଧାନ, ପୂର୍ବତନ ନଗରପାଳ ରାଧା ଗୋବିନ୍ଦ ଖଟୁଆ, ଆରବନ୍ଧ ଗ୍ରା:ପ ସରପଞ୍ଚ କୁଳମଣି ନାୟକ, ପିଠାହଟା ଗ୍ରା:ପ ପୂର୍ବତନ ସରପଞ୍ଚ ଭଜମନ ନାୟକ, ନରଣପୁର ଗ୍ରା:ପ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସିଂ, କେଶିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ପଞ୍ଚାୟତ ଯୁବ ନେତା ଶ୍ରୀମିବାସ ବାଗ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, ଛତ୍ରପୁର ପଞ୍ଚାୟତ ସଭାପତି ବିଦ୍ୟାଧର ଦଳେଇ, ନାଏବ ସରପଞ୍ଚ ହରେକୃଷ୍ଣ ମାଝୀ, ଧିରେନ୍ଦ୍ର ମୁଦୁଲି, ଡିଏନପୁର ଗ୍ରା:ପ ଯୁବନେତା ଶ୍ରୀକାନ୍ତ ପରିଡ଼ା, ପ୍ରହଲ୍ଲାଦ ବିନ୍ଧାଣୀ, ମାନସ ରାଉତ, ମହେଶ୍ୱର ଗୋଛାୟତ ପ୍ରମୁଖ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଚନ୍ଦନେଶ୍ୱର, ୩୦।୯ (ସମିସ): ଭୋଗରାଇ ବ୍ଲକ ରଣକୋଠା-ଚନ୍ଦନେଶ୍ୱର ରାସ୍ତାର ରଣକୋଠା ଛକଠାରେ ବାଇକ ଦୁର୍ଘଟଣାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଉକ୍ତ ରାସ୍ତାରେ ଅନଳିଆ ପଞ୍ଚାୟତ ନୁଟୁରା ଗ୍ରାମର ଶଶାଙ୍କ ଶେଖର ଗିରି ଗୋସ୍ୱାମୀ (୫୭) ବାଇକ ଯୋଗେ ରାତି ୧୦ ଟା ସମୟରେ ଚିଙ୍ଗୁଡ଼ି ଝିଲରୁ ଘରକୁ ଫେରୁଥିବା ବେଳେ ପଛପଟୁ ଅନ୍ୟ ଏକ ବାଇକ୍ ଜୋରରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଶଶାଙ୍କଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭୋଗରାଇ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଶବକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁଥିବା ଆଇଆଇସି ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

ରେଲଷ୍ଟେସନରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ

ବାଲେଶ୍ୱର, ୩୦।୯ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ପକ୍ଷରୁ ଚାଲିଥିବା 'ସ୍ୱଚ୍ଛତା ହିଁ ସେବା ୨୦୨୬' ଅଭିଯାନ ଅବସରରେ ଆଜି ବାଲେଶ୍ୱର ରେଳଷ୍ଟେସନ ଓ ନିକଟସ୍ଥ ରେଳ କଲୋନୀ ଅଞ୍ଚଳରେ ଏକ ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଳ ପରିସରକୁ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ରଖିବା ସହିତ ସଫେଇ ମିତ୍ରମାନଙ୍କ

ନିରାପତ୍ତା ଓ କଲ୍ୟାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ କିଟ୍ ବଣ୍ଟନ କରାଯାଇଛି, ଯାହା ସେମାନଙ୍କ କାର୍ଯ୍ୟପରିସରକୁ ଅଧିକ ସୁରକ୍ଷିତ, ସ୍ୱାସ୍ଥ୍ୟକର ଏବଂ ଶ୍ରମକୁ ସମ୍ମାନଜନକ କରିପାରିବ। ଏହି ଅଭିଯାନ ଅଧୀନରେ ହାଇ-ପ୍ରେସର ୱାଟର ଜେଟ୍ ଏବଂ ଆଧୁନିକ ମେକାନାଇଜ୍‌ଡ କ୍ଲିନିଂ ମେସିନ୍ ସାହାଯ୍ୟରେ ପ୍ଲାଟଫର୍ମଗୁଡ଼ିକୁ ଉତ୍ତମ ଭାବେ ଧୋଇ ପରିଷ୍କାର କରାଯିବା ସହ ଷ୍ଟେସନ ଆଖପାଖ ରେଳ ଟ୍ରାକ୍, ନାଳନର୍ଦ୍ଦମା ଓ ଅନାବନା ଗଛଲତା ସଫା କରାଯାଇ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ପାଇଁ ଏକ ନିର୍ମଳ ପରିବେଶ ସୃଷ୍ଟି କରାଯାଇଛି।

କବିବର ରାଧାନାଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ସୋର, ୩୦।୯ (ସମିସ): ସୋର ବ୍ଲକ କେଦାରପୁରସ୍ଥ କବିବର ରାଧାନାଥ ରାୟଙ୍କ ଜନ୍ମପୀଠରେ ଦୁଇଦିନ ଧରି ପାଳିତ ହେଉଥିବା କବିବରଙ୍କ ୧୭୮ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି। ସଂସଦର ସଭାପତି ଶୁଭେନ୍ଦୁ କୁମାର ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ

ଓ ସମାଲୋଚକ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ କବିବର ରାଧାନାଥ ଓ ତାଙ୍କର ସାହିତ୍ୟ ଚିର ଅମର। ତାଙ୍କ ସାହିତ୍ୟ ସାରା ଓଡ଼ିଶାର ସାଧାରଣ ମଣିଷଙ୍କ ତୁଣ୍ଡରେ ବଞ୍ଚିରହିଛି ଓ ବଞ୍ଚିରହିବ। କବିବର ହେଉଛନ୍ତି ନବ ରୋମାଣ୍ଟିକ ଚେତନାର ପ୍ରଥମ ଆବାହକ, ଉତ୍କଳୀୟତା ଓ ଭାରତୀୟତାକୁ ନେଇ ସେ ସୃଷ୍ଟି କରିଛନ୍ତି ଏକ ନୂତନ ଯୁଗ, ଯେଉଁଥି ପାଇଁ ସେ ଚିର ନମସ୍ୟ ଓ ପୂଜ୍ୟ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଯେ ରାଧାନାଥ ବିଶ୍ୱସାହିତ୍ୟର ଉତ୍କଳିକରଣ କରି ନିଜର ପରିଚୟ ଦେବା ସହିତ ଆମ ସାହିତ୍ୟକୁ ଆନ୍ତର୍ଜାତୀୟ ସ୍ତରକୁ ଉନ୍ନୀତ କରିପାରିଥିଲେ ଓ ଭିନ୍ନ ଶୈଳିର ଗଦ୍ୟ ରଚନା କରି ରାଧାନାଥ ହୋଇଛନ୍ତି ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରାବନ୍ଧିକ। ସମ୍ମାନିତ ଅତିଥିଭାବେ ସୋର ତହସିଲଦାର କୃଷ୍ଣମୋହନ ସିଂହ କହିଥିଲେ ଯେ ଆମେ ନୂତନ ପିଢ଼ିକୁ ଗୋଟିଏ ସପ୍ତାହରେ ଗୋଟିଏ ପୃଷ୍ଠା ରାଧାନାଥ ସାହିତ୍ୟ ପଢ଼ିବାକୁ ଦେବା ଆମର ଦାୟିତ୍ୱ, ସମୟ ସହିତ ନିଜ ଚିନ୍ତା ଚେତନାକୁ ଏକ କରି ବର୍ତ୍ତମାନର ଅଭିଭାବକ ମାନେ ଉତ୍ତରପିଢୀର ସମାଜକୁ ଗଢିବା ପାଇଁ ଦାୟିତ୍ୱ ନେବା ନିତ୍ୟାନ୍ତ ଜରୁରୀ। ଏହି ଅବସରରେ ବିଶିଷ୍ଟ ଗବେଷକ ସୁସାହିତ୍ୟିକ ଅଧ୍ୟାପକ କମଳାକାନ୍ତ ଦାସଙ୍କୁ କବିବର ସାହିତ୍ୟ ସମ୍ମାନ ଓ ଶିଳ୍ପୀ ଗୋଲକ ପାତ୍ରଙ୍କୁ କବିବର ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ତର ପ୍ରଦେଶର ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ- କେନ୍ଦ୍ରିୟ ହିନ୍ଦି ସଂସ୍ଥାନ, ଆଗ୍ରା ର ପ୍ରଫେସର ଡ. ଭରତ ସିଂ ପରମାର ସୁମଧୁର ବଂଶୀବାଦନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ଡ. ସତ୍ୟ ନାରାୟଣ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶ୍ରୀଧର ପ୍ରସାଦ ବେହେରା, ମନୀନ୍ଦ୍ର କୁମାର ଦୀକ୍ଷିତ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ମାନପତ୍ର ପାଠ କରିଥିଲେ। ସଂସଦର ସମ୍ପାଦକ ଅନିରୁଦ୍ଧ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବିବର ସ୍ମୃତି କମିଟିର ସମସ୍ତ ସଦସ୍ୟ, ସଦସ୍ୟା, ଗ୍ରାମବାସୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

ରୋମିରେ ୧୫ରେ ଜାତୀୟସ୍ତରୀୟ କଲାମ ଜୟନ୍ତୀ

ବାଲେଶ୍ୱର, ୩୦।୯ (ସମିସ): ପୂର୍ବତନ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଡ଼ଃ ଏ.ପି.ଜେ. ଅବଦୁଲ କାଲାମଙ୍କ ଜୟନ୍ତୀ ଅବସରରେ ଆସନ୍ତା ଅକ୍ଟୋବର ୧୫ ତାରିଖରେ ବାଲେଶ୍ୱରସ୍ଥିତ ରୋମି ଠାରେ ଏକ ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସଭାପତି ଡ. ନୀଳାଦ୍ରୀ ରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଔଷଧ ନିର୍ଭରତା କମାଇବା ସହ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ଏହି ଶିବିରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଅମ୍ଳତା, ମୋଟାପଣ ଓ ଅନ୍ୟାନ୍ୟ ଜୀବନଶୈଳୀଜନିତ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯିବ।

କଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା 'ଅଗ୍ନିଡେଣା' ବିଜ୍ଞାନ ପତ୍ରିକାର ସମ୍ପାଦକ ଡ଼ଃ ପଙ୍କଜ କୁମାର ଜେନା ପ୍ରକାଶ କରିଛନ୍ତି ଯେ, ଡ. କାଲାମଙ୍କ ସୁସ୍ଥ, ସକ୍ଷମ, ଶିକ୍ଷିତ ଓ ଜ୍ଞାନସମ୍ପନ୍ନ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ସାଧାରଣ ଜନତାଙ୍କୁ ସଚେତନ କରିବା ଏହି ଶିବିରର ପ୍ରମୁଖ ଉଦ୍ଦେଶ୍ୟ। ଏହି ମାଗଣା ଶିବିରରେ ସମସ୍ତ ବର୍ଗର ଲୋକ ଯୋଗଦେଇ ଜୀବନଶୈଳୀ ସମ୍ପର୍କିତ ପରାମର୍ଶ ନେବାକୁ ଆୟୋଜକମାନେ ଆହ୍ୱାନ କରିଛନ୍ତି। ଶିବିରରେ ଭାଗ ନେବା ପାଇଁ ମୋବାଇଲ ନମ୍ବର ୯୪୩୭୩୧୮୮୪୫ କିମ୍ବା ୭୩୨୭୯୬୫୭୨୧ରେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଇଂ ଗୋପାଳ ଚନ୍ଦ୍ର ଜେନା, ଚାଟାର୍ଡ଼ ସଞ୍ଜୀବ କୁମାର ନାୟକ, ହରିପଦ ଭୂୟାଁ, ଇଂ ଉପେନ୍ଦ୍ର ବେହେରା, ଦିଲୀପ କୁମାର ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଇନ୍ଦ୍ରଜିତ୍ ପାତ୍ର, ସଂଗ୍ରାମ କୁମାର ରାଉତ, ସତ୍ୟନାରାୟଣ ସାହୁ, ହେମନ୍ତ ବେହେରା, ଇଂ ସମରେଶ ସାମଲ, ବଳରାମ ସ, କୌଶିକ କୁମାର ଦାସ, ଇଂ ବିଜୟ କୁମାର ସ, ସୁଚିତ୍ରା ଜେନା, ବିଚିତ୍ରା ପ୍ରଧାନ, ଶୁଭଶ୍ରୀ ମିଶ୍ର, ଦମୟନ୍ତୀ ମହାପାତ୍ର ଓ ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ପରିଚାଳନା କରିବେ।

ଝକଝକି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଚନ୍ଦନେଶ୍ୱର, ୩୦।୯ (ସମିସ)

ଭୋଗରାଇ ବ୍ଲକ ଝକଝକି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଝାଟିବଣୀସ୍ଥିତ ପ୍ରସନ୍ନ କୁମାର ଏକାଡେମି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ୧୪ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଯୋଗଦେଇ ନିଜ ନିଜର ପ୍ରତିଭାର ନିଖୁଣ ପରିଚୟ ଦେଇଥିଲେ। ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ କୃତିବାସ ସାହୁ ମୁଖ୍ୟ ଉଦ୍‌ଘାଟକ ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ନେତା ଶ୍ରୀହରି ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଶିଶୁପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ନା କିଛି ପ୍ରତିଭା ଲୁଚି ରହିଛି। ତାହାକୁ ପ୍ରକାଶ କରିବା ପାଇଁ ଉପଯୁକ୍ତ ମଞ୍ଚ

ଓ ସୁଯୋଗ ମିଳିଲେ ଶିଶୁମାନଙ୍କ ଆତ୍ମବିଶ୍ୱାସ ବଢ଼ିବା ସହ ସେମାନେ ଭବିଷ୍ୟତରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିପାରିବେ। 'ସୁରଭି' ଭଳି ମହୋତ୍ସବ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ଏକ ଉତ୍ତମ ମଞ୍ଚ ସୃଷ୍ଟି କରୁଛି ବୋଲି ସେ ମତପ୍ରକାଶ କରିଥିଲେ। ଓଷ୍ଟା ଶିକ୍ଷକ ସଂଘର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା କେବଳ ପାଠପଢ଼ା ମଧ୍ୟରେ ସୀମିତ ନୁହେଁ। ଛାତ୍ରଛାତ୍ରୀଙ୍କ କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସୃଜନଶୀଳତା ଓ ଅନ୍ୟାନ୍ୟ ପ୍ରତିଭାର ବିକାଶ ମଧ୍ୟ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶିଶୁମାନଙ୍କ ମନରେ ଲୁଚି ରହିଥିବା ସୁପ୍ତ ପ୍ରତିଭାକୁ ଚିହ୍ନଟ କରି ତାହାକୁ ବିକଶିତ କରିବାରେ 'ସୁରଭି' ଭଳି କାର୍ଯ୍ୟକ୍ରମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଜଳସୋହରିଆ ପଞ୍ଚାୟତର ସରପଞ୍ଚ ସିନ୍ଧୁବତୀ ଦଳାଇ, ସମିତି ସଭ୍ୟ ଲକ୍ଷ୍ମୀକାନ୍ତ ଆଧେକ, ଝକଝକି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାର୍ତ୍ତିକ ଚନ୍ଦ୍ର ପାଳ, ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ପ୍ରତିଭା ବିକାଶ ସହ ସୃଜନଶୀଳତା ବୃଦ୍ଧି ନିମନ୍ତେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ଦେବଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନେ ନିଜର କଳା ଓ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ବିଭାଗର ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ପାଇବେ। ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ପ୍ରସନ୍ନ କୁମାର ଏକାଡେମିର ଶିକ୍ଷକ-ଶିକ୍ଷୟିତ୍ରୀମାନେ ସୁଚାରୁରୂପେ ପରିଚାଳନା କରିଥିଲେ।

ଡାକ୍ତର ଚିନ୍ତାମଣି ପଣ୍ଡାଙ୍କୁ 'ଜୀବନବ୍ୟାପୀ ସେବା ସମ୍ମାନ'

ବାଲେଶ୍ୱର, ୩୦।୯ (ସମିସ): ବାଲେଶ୍ୱରର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଚିନ୍ତାମଣି ପଣ୍ଡାଙ୍କୁ ପୂର୍ବାଞ୍ଚଳ ତଥା ରାଜ୍ୟସ୍ତରୀୟ ସଂଗଠନ 'ନିଓନେଟୋଲୋଜି ଫୋରମ୍' ତରଫରୁ ଭୁବନେଶ୍ୱର ଏମ୍ସ ପରିସରରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ 'ଜୀବନବ୍ୟାପୀ ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ

କରାଯାଇଛି। ଶିଶୁରୋଗ ଚିକିତ୍ସା, ସଚେତନତା ସୃଷ୍ଟି, ଶିଶୁ ମୃତ୍ୟୁହାର ନିୟନ୍ତ୍ରଣ କ୍ଷେତ୍ରରେ ଗବେଷଣାତ୍ମକ ଦୃଷ୍ଟିକୋଣ, ମାତୃସ୍ତନ୍ୟପାନର ଉପଯୋଗିତା, ସମୟପୂର୍ବରୁ ଟିକାକରଣ ଓ ସର୍ବୋପରି ଶିଶୁର ଲାଳନପାଳନ, ଯତ୍ନ ଓ ଶିଶୁ ସୁରକ୍ଷା ଅଭିଯାନ ଭଳି ବିଭିନ୍ନ କାର୍ଯ୍ୟଧାରାକୁ ବଳବତ୍ତର କରିଥିବାରୁ ଏହି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ନେଇ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଫୋରମ୍‌ର ସଭାପତି ଡାକ୍ତର ଆଲୋକ ସାହୁ, ସମ୍ପାଦକ ପଙ୍କଜ ମହାନ୍ତି, ଉପଦେଷ୍ଟା ଅଭିଜିତ ମହାପାତ୍ରଙ୍କ ସମେତ ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ବିଶିଷ୍ଟ ଡାକ୍ତରଙ୍କ ମଧ୍ୟରୁ ଡା. ସୁମନ ଶେଖର ନିମ୍ବାଲକର, ଡା. ଲେନିନ୍ ଭାରତୀ, ଡା. ଅମିତ ଉପାଧ୍ୟାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦାନ କରିଥିଲେ। ଡାକ୍ତର ପଣ୍ଡା ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ଗ୍ରାମର ସ୍ୱର୍ଗତ ବୈଦ୍ୟ-ଗୁରୁ ମଧୁସୂଦନ ପଣ୍ଡା ଏବଂ ସାବିତ୍ରୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର।

ସକାଳ
THE SAKALA

ସମ୍ପାଦକୀୟ

ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ।
-ଷ୍ଟିଭ୍ ଜବ୍ସ୍

ଘା' ପଚିଯିବା ପରେ...

ଶେଷରେ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ମାମଲାର ଶୁଣାଣି ପାଇଁ ଦେଶର ସର୍ବୋଚ୍ଚ ଅଦାଲତ ସମ୍ମତ ହୋଇଛନ୍ତି। କିନ୍ତୁ ଆମ ବିନମ୍ର ମତରେ ମାନ୍ୟବର ଅଦାଲତ ବିଳମ୍ବ କରିଦେଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ସେଠାରେ ସମ୍ପନ୍ନ ହୋଇଥିବା ଏସ୍ଆଇଆର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ଉଦ୍ଦେଶ୍ୟମୂଳକ ଯୋଗ-ବିୟୋଗ ଅଭିଯୋଗର ଶୁଣାଣି ବେଳେ ଏଭଳି ନ୍ୟାୟିକ ସମ୍ବେଦନଶୀଳତା ଦୃଷ୍ଟିଗୋଚର ହୋଇଥିଲେ ବୋଧହୁଏ ଆଜି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ରକ୍ଷକ(ନିର୍ବାଚନ ଆୟୋଗ) ବିଶ୍ୱ ଦରବାରରେ ସନ୍ଦେହ-ଚକ୍ଷୁଶୂଳ ହୋଇ ନ ଥା'ନ୍ତା କି ଏହି ମର୍ଯ୍ୟାଦାଜନକ ଅନୁଷ୍ଠାନ ଗଣତାନ୍ତ୍ରିକ-ଏକଚ୍ଛତ୍ରବାଦ ବିବାଦରେ ଗରିମା ହରାଇବା ପରି ସ୍ଥିତି ସୃଷ୍ଟି ହୋଇ ନ ଥା'ନ୍ତା। ଯିଏ ଭୋଟରଙ୍କ ବୈଧତାକୁ କାଠଗଡ଼ାକୁ ଟାଣିଥିଲା ସେ ସ୍ୱୟଂ କାଠଗଡ଼ାକୁ ଟାଣି ହୋଇଯାଇଛି।

ତିନିସଦସ୍ୟ ବିଶିଷ୍ଟ ନିର୍ବାଚନ ଆୟୋଗର ସମସ୍ତସଦସ୍ୟ ଶାସକ ଦଳର ଇଚ୍ଛାନୁସାରେ ନିଯୁକ୍ତି ପାଇଛନ୍ତି। ତଥାପି ଦୁଇ ଆୟୁକ୍ତଙ୍କ ମତ ଓ ପ୍ରସ୍ତାବ ଆଦିକୁ ଆଡ଼େଇ ଦେଇ ମୁଖ୍ୟ ଆୟୁକ୍ତ ଏକପାଖିଆ ନିଷ୍ପତ୍ତି ନେବା ଅଗଣତାନ୍ତ୍ରିକ। ଏଥିରୁ ପ୍ରଥମ ପ୍ରଶ୍ନ ଉଠୁଛି ଯେ ନିଷ୍ପତ୍ତି ନେବାରେ ଅନ୍ୟ ଦୁଇ ଆୟୁକ୍ତ ଦକ୍ଷତା ଓ ପାରିଦର୍ଶିତା ଉପରେ କିଛି ସନ୍ଦେହ ରହିଛି କି? ଦ୍ୱିତୀୟ ଅଥଚ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ମୁଖ୍ୟଆୟୁକ୍ତଙ୍କ ଏପ୍ରକାର ଏକଚାଟିଆ କାରବାର ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ନା ଅହଂକାର? ଏପ୍ରଶ୍ନର ଉତ୍ତର ଅଦାଲତ ଶୁଣାଣି ବେଳେ ମିଳିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ ମୁଖ୍ୟ ଆୟୁକ୍ତଙ୍କ ମନମୁଖି କାର୍ଯ୍ୟକଳାପକୁ ସହିବାର ଧୈର୍ଯ୍ୟ ଲଙ୍ଘନ କରିବା ପରେ ଅନ୍ୟ ଦୁଇ ଆୟୁକ୍ତ ବାଧ ହୋଇ ଲିଖିତ ସ୍ୱର ଉତ୍ତୋଳନ କରିଛନ୍ତି। ନିର୍ବାଚନ ରଣନୀତିକାର ଓ ରାଜନୈତିକ ବିଶାରଦଙ୍କ ଦୃଷ୍ଟିରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଆପତ୍ତିଜନକ ନିଷ୍ପତ୍ତି ସହିତ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏଜେଣ୍ଡା ଓ ନିର୍ବାଚନ ଫଳାଫଳ ମେଳ ଖାଉଥିବାରୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ପୃକ୍ତ ଗଣତାନ୍ତ୍ରିକ ଅନୁଷ୍ଠାନର କାର୍ଯ୍ୟପନ୍ଥା ଗର୍ହିତ।

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏସ୍ଆଇଆରର ସାମଗ୍ରିକ ବିବାଦସ୍ପଦ ପ୍ରକ୍ରିୟା ପାଇଁ କେବଳ ନିର୍ବାଚନ ଆୟୋଗ ଅଭିଯୁକ୍ତ ନୁହନ୍ତି। ବିରୋଧୀଦଳର ଅଭିଯୋଗ ଅନୁଯାୟୀ ଏଥିପାଇଁ ପ୍ରଚ୍ଛନ୍ନ ଚାପ ଓ ନିର୍ଦ୍ଦେଶ ଆସୁଥିଲା ଏବଂ ତାହାକୁ ନିର୍ବାହ କରୁଥିଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ। ଏହି ଅଭିଯୋଗ ବିଧିବଦ୍ଧ ପ୍ରମାଣ ଅପେକ୍ଷାରେ ଥିବା ବେଳେ ଅନ୍ୟ ଦୁଇ ଆୟୁକ୍ତଙ୍କ ଅସନ୍ତୋଷଭରା ଚିଠି ସାର୍ବଜନିନ ହୋଇ ଆଉ ଅଧିକ ପ୍ରମାଣର ଆବଶ୍ୟକତାରେ ପୂର୍ଣ୍ଣଚ୍ଛେଦ ଟାଣିଛି।

ପଶ୍ଚିମବଙ୍ଗ ଏସ୍ଆଇଆରରୁ ଯେଉଁ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଥିଲେ ସେଥିରୁ ୯୧% ପୁଣି ତାଲିକାଭୁକ୍ତ ହୋଇଛନ୍ତି। ଅର୍ଥାତ୍ ସେମାନେ ଅବୈଧ ନାଗରିକ ନ ଥିଲେ ବୋଲି ପ୍ରମାଣ ହୋଇଗଲା। କିନ୍ତୁ ସେମାନେ ଯେଉଁ ଭୋଟଦାନ ଅଧିକାର ହରାଇଲେ ତାହାର ଭରଣା କରିବ କିଏ? ସେତେବେଳେ ସମ୍ବିଧାନର ରକ୍ଷକ ଭାବରେ ଅଦାଲତ ନିରପେକ୍ଷ ରେଫରିର ଭୂମିକା ନିର୍ବାହ କରିବା ଭାରତର ଜନସାଧାରଣ ଆଶା କରିଥିଲେ। କିନ୍ତୁ ଅଦାଲତ ଆଶାନୁରୂପ ଗୁରୁତ୍ୱ ନ ଦେଲେ ନାହିଁ, ଅଧିକନ୍ତୁ ଏସ୍ଆଇଆରରେ ନିର୍ବାଚନ ଆୟୋଗର ସ୍ୱାଧୀନ ନିଷ୍ପତ୍ତିକୁ ସମର୍ଥନ କଲେ। କିନ୍ତୁ ତା' ଭିତରେ ଯେ ଏତେ କଥା ଥିଲା ତାହା ଏବେ ଯାଇ ସାମ୍ନାକୁ ଆସିଲା। ବିହାର ଏସ୍ଆଇଆରରେ ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିବା ବେଳେ ପଶ୍ଚିମବଙ୍ଗରେ ରେକର୍ଡ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିବା ପରେ 'ଆର ଥରକୁ ଭୋଟ ଦେବ' ଭଳି ହାଲ୍କା ରାୟ ଶୁଣିବାକୁ ମିଳିଲା। ତେଣୁ ସମୀକ୍ଷକଙ୍କ ମତରେ ଏବେ ଚେତିବା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିସାରିଛି। କେହି ତାଗିଦ୍ କରିବାର ସମ୍ଭାବନା ଊଣା ଥିବାରୁ ଏସ୍ଆଇଆରରେ ଉଦ୍ଦେଶ୍ୟମୂଳକ ପାତରଅନ୍ତର ଏକ ଅଭ୍ୟାସରେ ପରିଣତ ହେଲା ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ସଂକ୍ରମିତ ହୋଇଚାଲିଲା।

ନିର୍ବାଚନକୁ ସ୍ୱଚ୍ଛ ଓ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବାରେ ଏସ୍ଆଇଆରର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ତାହା ଯଦି ଉଦ୍ଦେଶ୍ୟମୂଳକ ବା ପାତରଅନ୍ତର ଭଳି ଗର୍ହିତ ଅଭିଯୋଗ ଜଡ଼ିତ ହୁଏ ଏବଂ ଏହାର ରକ୍ଷକମାନେ ଦେଖି ନ ଦେଖିବାର ଅଭିନୟ କରନ୍ତି ତେବେ ତାହା ସୁସ୍ଥ ଗଣତନ୍ତ୍ରର ପରିପନ୍ଥୀ। ଏଭଳି ଏକ ଅବାଞ୍ଛିତ ଘଟଣାକ୍ରମେ ଏସ୍ଆଇଆର ରୂପରେ ଗଣତନ୍ତ୍ର ପ୍ରକ୍ରିୟାରେ ସୃଷ୍ଟି ହୋଇଥିବା ଘା'ଟି କ୍ରମଶଃ ପଚିଯାଇ ସମଗ୍ର ଶରୀର(ଗଣତନ୍ତ୍ର) ର ୧୩ କୋଟି ସୁସ୍ଥ କୋଷ(ଭୋଟର)କୁ ମାରି ଅଲଗା କରିଦେଇଛି। ଘା' ଦେଇଥିବା ପୀଡ଼ାର ଉପଶମ ପାଇଁ କେବଳ ଅସ୍ତ୍ରୋପଚାର ହିଁ ଏକମାତ୍ର ବିକଳ୍ପ। କିନ୍ତୁ ଏହି ଅସ୍ତ୍ରୋପଚାର ଯେଉଁ ବିଭାଗ ଅଧୀନରେ ଆସୁଛି ସେ ତ ଘା'କୁ ଦେଖି ନ ଦେଖିବା ଭଳି ବା ଉଦ୍ଦେଶ୍ୟମୂଳକ ଭାବେ ନିରବ ସମର୍ଥନ କରୁଛି। ତେଣୁ ଗଣତନ୍ତ୍ର ରୂପକ ଶରୀରର ଚିକିତ୍ସା ପାଇଁ ବିକଳ୍ପ ଆୟୁର୍ବିଜ୍ଞାନ ବିଶେଷଜ୍ଞଙ୍କ ସନ୍ଧାନ ଅପରିହାର୍ଯ୍ୟ।

ସାହିତ୍ୟରେ ଅପହୃତ ସୁଯୋଗ

ଅବଶ ପରିଡ଼ା

ସଫଳତା କ'ଣ କେବଳ କଠିନ ପରିଶ୍ରମ ଉପରେ ନିର୍ଭର କରେ, ନା ଆରମ୍ଭରୁ ମିଳିଥିବା କୌଣସି ସୁବିଧା ଏହି ଯାତ୍ରାକୁ ସହଜ କରିଦିଏ? କାହିଁକି କିଛିଲୋକଙ୍କ ଉନ୍ନତି, ଲୋକପ୍ରିୟତା ବଢ଼ି ଚାଲିଥାଏ ଏବଂ ଅନ୍ୟପକ୍ଷେ ସମାନ ଭାବରେ କଠିନ ପରିଶ୍ରମ କରିବା ସତ୍ତ୍ୱେ ଆଉ କିଛି କାହିଁକି ପଛରେ ପଡ଼ିଯା'ନ୍ତି? ଏମିତି ପ୍ରଶ୍ନ ଆମ ମନକୁ ଆସିବା ସ୍ୱାଭାବିକ। ଉଦାହରଣ ସ୍ୱରୂପ, ଆପଣ ଦେଖିଥିବେ କିଛି ଜଣାଶୁଣା ବରିଷ୍ଠ ଲେଖକଙ୍କୁ ସଭା, ସମିତି, ଗଣମାଧ୍ୟମରେ ଅଧିକ ଗୁରୁତ୍ୱ ଦିଆଯାଏ। ବାରମ୍ବାର ସମ୍ବର୍ଦ୍ଧନା ଓ ପୁରସ୍କାର ବି ମିଳେ। ତାଙ୍କ ରଚିତ ବହିର ପ୍ରଚାର ଓ ପ୍ରସାର ମଧ୍ୟ ଅଧିକ ହୁଏ। ବିଡ଼ମ୍ବନା ଯେ ସମାନ ଜ୍ଞାନ ଓ ଲେଖନଶୈଳୀ ଥିବା ନୂଆ ଲେଖକଟି କିନ୍ତୁ ଏ ସବୁ ସୁଯୋଗ ହରାଏ। ଏହାର ଅର୍ଥ ନୁହେଁ ଯେ ସଫଳ ଲେଖକମାନେ ଏଥିପାଇଁ ଯୋଗ୍ୟ ନୁହନ୍ତି। ବରଂ ଏହାର ଅର୍ଥ ହେଉଛି ଯେ ପ୍ରତିଭା ଓ ବର୍ତ୍ତମାନର କାର୍ଯ୍ୟଦକ୍ଷତା ବ୍ୟତୀତ ଖ୍ୟାତି ମଧ୍ୟ ସୁଯୋଗ ଉପରେ ପ୍ରଭାବ ପକାଇପାରେ। ଚୁମ୍ବକରେ କହିଲେ ଯେଉଁମାନଙ୍କ ପାଖରେ ପୂର୍ବରୁ ଅଧିକ ସୁଯୋଗ ଅଛି ସେମାନେ ପ୍ରାୟତଃ ଆହୁରି ଅଧିକ ସୁଯୋଗ ପାଆନ୍ତି ଏବଂ ଯେଉଁମାନେ କମ୍ ସୁଯୋଗ ସହିତ ଆରମ୍ଭ କରନ୍ତି ସେମାନେ ପଛରେ ପଡ଼ିଯାନ୍ତି। ଏହାକୁ ସମାଜବିଜ୍ଞାନରେ 'ମାଥ୍ୟୁ ଇଫେକ୍ଟ' କୁହାଯାଏ। ଏହା ଏକ ସାଧାରଣ ସିଦ୍ଧାନ୍ତ ଉପରେ କାର୍ଯ୍ୟ କରେ। ତାହା ହେଉଛି ଧନୀ ଆହୁରି ଧନୀ ହୁଏ, ଗରିବ ଆହୁରି ଗରିବ ହୁଏ ଏବଂ ଲୋକପ୍ରିୟ ବ୍ୟକ୍ତି ଆହୁରି ଲୋକପ୍ରିୟ ହୁଏ।

ଆମେରିକୀୟ ସମାଜଶାସ୍ତ୍ରୀ ରବର୍ଟ କେ. ମର୍ଟନ୍ 'ମାଥ୍ୟୁ ଇଫେକ୍ଟ' ଶବ୍ଦର ପ୍ରଚଳନ କରିଥିଲେ। ଶୈକ୍ଷିକ ଭାବରେ ଏହାର ଅର୍ଥ ହେଉଛି ଯେ ଆରମ୍ଭରେ ଏକ ଛୋଟ ସୁଯୋଗ ବା ସୁବିଧା ପରବର୍ତ୍ତୀ କାଳରେ ବଡ଼ ସୁବିଧା ଆଣିପାରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହା ଦର୍ଶାଏ ଯେ ସଫଳତା ସବୁବେଳେ କେବଳ ପ୍ରତିଭା କିମ୍ବା କଠିନ ପରିଶ୍ରମର ଫଳାଫଳ ନୁହେଁ। ଯେଉଁମାନେ ଭଲ ଶିକ୍ଷା, ଅର୍ଥ, ପରିବାରର ସମର୍ଥନ, ଉଚ୍ଚ ସମ୍ପର୍କ କିମ୍ବା ଅପ୍ରତ୍ୟାଶିତ ସୁଯୋଗ ସହିତ ଆରମ୍ଭ କରନ୍ତି ସେମାନେ ପ୍ରାୟତଃ ସଫଳ ହେବାର ଅଧିକ ସୁଯୋଗ ପାଆନ୍ତି। ଆନୁଷ୍ଠାନିକ ବ୍ୟବସ୍ଥା ଏବଂ ସାମାଜିକ ସଂଗଠନଗୁଡ଼ିକ ଏହି ଛୋଟ ଓ ପ୍ରାରମ୍ଭିକ ସୁବିଧାଗୁଡ଼ିକୁ ବିଶାଳ ତଥା ସ୍ଥାୟୀ ଅସମାନତାରେ ପରିଣତ କରିସାରିଛନ୍ତି। ତେଣୁ ଆମ ଚାରିପାଖରେ ଥିବା ସାମାଜିକ ପରିସ୍ଥିତି କିଛି ଲୋକଙ୍କୁ ଆରମ୍ଭରୁ ଅଗ୍ରଣୀ ସ୍ଥିତି ପ୍ରଦାନ କରି ଅଧିକ ସୁବିଧା ହାସଲ କରିବା ସହଜ କରିଦେଇଛି।

ଉପରୋକ୍ତ ସାମାଜିକ ପରିବେଶକୁ 'ସଞ୍ଚିତ ସୁବିଧା'(କ୍ୟୁମୁଲେଟିଭ୍ ଆଡ୍‌ଭାଣ୍ଟେଜ୍) କୁହାଯାଏ। ଅତୀତରେ ହାସଲ କରିଥିବା ସଫଳତା, ସମ୍ପତ୍ତି କିମ୍ବା ସୁବିଧା ଆଧାରରେ ହିଁ ଜଣେ ବ୍ୟକ୍ତିକୁ ଭବିଷ୍ୟତରେ ଅଧିକ ସୁଯୋଗ ମିଳିଥାଏ। ଏହାର ସାମଗ୍ରିକ ଫଳାଫଳ ହେଉଛି ଯେ ଏହାଦ୍ୱାରା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ ସୁବିଧାସୁଯୋଗ ବୃଦ୍ଧି ପାଏ। ପରବର୍ତ୍ତୀ ସମୟରେ ଏହା ସ୍ୱୟଂ-ଦୃଢ଼ୀଭୂତ ଚକ୍ର(ସେଲ୍ଫ ରିଇନ୍‌ଫୋର୍ସିଂ ଲୁପ୍) ପରି ଏକ ଅବସ୍ଥା ସୃଷ୍ଟି କରେ। ସାହିତ୍ୟ ଜଗତରେ ମଧ୍ୟ ଏହାର ପ୍ରୟୋଗ ଦେଖାଯାଏ। ଏକ ବଡ଼ ପୁରସ୍କାର କେବଳ ସଫଳତାର ସ୍ୱୀକୃତି ନୁହେଁ, ବରଂ ଏହା ଏପରି ଏକ ସମ୍ବଳରେ ପରିଣତ ହୋଇଯାଏ ଯାହା ପରବର୍ତ୍ତୀ ସଫଳତା ହାସଲ କରିବାରେ ସହାୟକ ହୁଏ। ପୁରସ୍କାର ଉପରେ ହୋଇଥିବା ଏକ ଗବେଷଣା ଏହି ଧାରଣାକୁ ଆହୁରି ଦୃଢ଼ କରେ। କିନ୍ତୁ ଗବେଷକମାନେ ଏହା ମଧ୍ୟ ସତର୍କ କରାଇଦେଇଛନ୍ତି ଯେ କେବଳ ପୁରସ୍କାର ହିଁ ପରବର୍ତ୍ତୀ ସଫଳତାର କାରଣ ହେବ ବୋଲି ସେମିତି କୌଣସି ନିଶ୍ଚିତତା ନାହିଁ। ପୂର୍ବ ଦକ୍ଷତା, ଉତ୍ପାଦକତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଏହି ଢାଞ୍ଚାକୁ ପ୍ରଭାବିତ କରିପାରେ।

ବିପରୀତ ଭାବରେ କ୍ରମବର୍ଦ୍ଧିତ ସୁଯୋଗର ଅଭାବ ଦ୍ୱାରା ଏକ ଦୁଷ୍ଟ ବୃତ୍ତ ସୃଷ୍ଟି କରେ। ଯଦି ଆରମ୍ଭରୁ କାହା ପାଖରେ ସମ୍ବଳ ବା ସୁବିଧା ସୁଯୋଗର ଅଭାବ ଥାଏ, ତେବେ ତାହା ଗୋଟିକ ପରେ ଗୋଟିଏ ଅନେକ ସାମାଜିକ କିମ୍ବା ବ୍ୟବସ୍ଥାଗତ ସମସ୍ୟା ଛିଡ଼ା କରିଦିଏ। ଯାହାଫଳରେ ସେହି ଚକ୍ରବ୍ୟୂହରୁ ବାହାରିବା କଷ୍ଟକର ହୋଇପଡ଼େ। ଉଦାହରଣ ସ୍ୱରୂପ, ଜଣେ ନୂତନ ଲେଖକ, ଯାହାଙ୍କ ସାହିତ୍ୟ ଜଗତରେ କୌଣସି ସମ୍ପର୍କ ନାହିଁ, ସେ ନିଶ୍ଚିତ ଭାବରେ ପ୍ରବେଶ ନିୟନ୍ତ୍ରଣ ବାଧକର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ଥାଏ। ପ୍ରକାଶନ ସଂସ୍ଥା, ସାହିତ୍ୟିକ ସଂସ୍ଥା ବା ସରକାରୀ ସଂସ୍ଥାରେ ନୂଆ ପ୍ରତିଭାର ବିଶ୍ଳେଷଣ କରିବା ପାଇଁ ପ୍ରତିନିଧି ବା ମାଧ୍ୟମର ଆବଶ୍ୟକତା ପଡ଼େ। ଏହି ମାଧ୍ୟମ ସବୁ ନିର୍ଦ୍ଦିଷ୍ଟ ସାମାଜିକ ନେଟୱାର୍କ ଦ୍ୱାରା ପରିଚାଳିତ। ତେଣୁ ନୂଆବ୍ୟକ୍ତିଙ୍କୁ ସୁଯୋଗ ମିଳିବା କଷ୍ଟ ହୋଇପଡ଼େ। ସଂସ୍ଥାଗତ ସମର୍ଥନ ବିନା ଲେଖକଟି ସ୍ୱ-ପ୍ରକାଶନ କରେ, ନିଜ ପ୍ରଚାର ନିଜେ କରେ ଏବଂ ନିଜ କୃତି ବି ନିଜେ ବାଣ୍ଟେ। ଅପରପଟେ ମୁଖ୍ୟଧାରାର ସାହିତ୍ୟିକଙ୍କ ପରିସଂସ୍ଥା ଏହାକୁ ଗୁଣବତ୍ତାର ଅଭାବ ଭାବରେ ଭୁଲ ବ୍ୟାଖ୍ୟା କରନ୍ତି। ଏହାଦ୍ୱାରା ନୂଆ ଲେଖକଟି ସମୀକ୍ଷା, ପୁରସ୍କାର ଓ ପୁସ୍ତକର ପ୍ରସାରରୁ ବାଦ ପଡ଼ିଯାଏ। ଏହି ସାମାଜିକ ପୁଞ୍ଜିର ଅଭାବ ଯୋଗୁଁ ଅନେକ ସୃଜନଶୀଳ ଲେଖକଙ୍କ କୃତି ଅସଂଖ୍ୟ ଅପ୍ରାର୍ଥିତ ହାତଲେଖା ବା କବିତାର ଗଦାରେ ଅପଠିତ ହୋଇରହିଯାଇଛି। ଲେଖକ, ପ୍ରକାଶକ, ପାଠକ ଓ ସମୀକ୍ଷକମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ଭଲ ଥିଲେ ଜଣେ ଲେଖକର ବହି ସହଜରେ ବହୁତ ଲୋକଙ୍କ ପାଖରେ ପହଞ୍ଚିପାରେ।

ସାହିତ୍ୟର 'ମାଥ୍ୟୁ ଇଫେକ୍ଟ' ଦୁଇଟି କ୍ଷେତ୍ରରେ ପ୍ରତିଫଳନ ହୁଏ। ଯଥା ପ୍ରତିଷ୍ଠାନିକ ପକ୍ଷପାତିତା ଓ ସଙ୍କେତ ପ୍ରଦାନ। ସାହିତ୍ୟ ଜଗତରେ ଏମିତି ଅନେକ ଉଦାହରଣ ଅଛି, ଯେଉଁଠି ବଡ଼ ବଡ଼ ସାହିତ୍ୟିକ ଅନୁଷ୍ଠାନ, ପ୍ରକାଶନ ସଂସ୍ଥା, ପୁରସ୍କାର କମିଟିଗୁଡ଼ିକର ନୀତିନିୟମ କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ, ଭାଷା କିମ୍ବା ଶୈଳୀର ଲେଖକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଏହାକୁ ସାହିତ୍ୟରେ ପ୍ରତିଷ୍ଠାନିକ ପକ୍ଷପାତିତା କୁହାଯାଏ। ଏହି ପକ୍ଷପାତିତାର ଦୁଇଟି ରୂପ ଅଛି - ଭାଷାଗତ ପକ୍ଷପାତିତା ଓ ଲିଖନ ଶୈଳୀ। ବିଶ୍ୱସ୍ତରରେ ଇଂରାଜୀ ଭାଷାରେ ଲେଖୁଥିବା ଲେଖକମାନଙ୍କୁ ସହଜରେ ପ୍ରକାଶକ ଏବଂ ପାଠକ ମିଳିଯାଆନ୍ତି। କିନ୍ତୁ ଆଞ୍ଚଳିକ ଭାଷା ଯେପରିକି ଓଡ଼ିଆର ଭଲ ଲେଖକଙ୍କୁ ସେହିସ୍ତରର ମାନ୍ୟତା ମିଳିବା ପାଇଁ ବହୁତ ସଂଘର୍ଷ କରିବାକୁ ପଡ଼େ। ସେହିପରି ଉପନ୍ୟାସ, କବିତା ଓ ଗଳ୍ପ ତୁଳନାରେ ପ୍ରବନ୍ଧ ସାହିତ୍ୟକୁ କମ୍ ଗ୍ରହଣ କରାଯାଏ। ଦ୍ୱିତୀୟ ପକ୍ଷପାତିତା ହେଉଛି ପୁରସ୍କାର ଏବଂ ଚୟନ। ଅନେକ ସମୟରେ ବଡ଼ ସାହିତ୍ୟିକ ପୁରସ୍କାରଗୁଡ଼ିକରେ କେବଳ ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା, ନିର୍ଦ୍ଦିଷ୍ଟ ସାମାଜିକ ପୃଷ୍ଠଭୂମିରୁ ଆସିଥିବା ଲେଖକମାନଙ୍କୁ ଗୁରୁତ୍ୱ ଦିଆଯାଏ। ଫଳସ୍ୱରୂପ ନୂଆ ଓ ସୀମିତ ସମ୍ବଳ ଥିବା ପ୍ରତିଭାମାନେ ପଛରେ ପଡ଼ିଯାଆନ୍ତି।

ଏବେ ଆଲୋଚନା କରିବା ସାହିତ୍ୟରେ ସଙ୍କେତ ପ୍ରଦାନର ଭାବଧାରା ବିଷୟରେ। ସାହିତ୍ୟରେ ସଙ୍କେତ ହେଉଛି ଏକ ମାଧ୍ୟମ, ଯାହା ଦ୍ୱାରା ଜଣେ ଲେଖକ ବା ପୁସ୍ତକ ନିଜର ଗୁଣବତ୍ତା ବିଷୟରେ ପାଠକ ଓ ପ୍ରକାଶକମାନଙ୍କୁ ବିଶ୍ୱାସ ଦେଇଥାଏ। ସାହିତ୍ୟ ବଜାରରେ ହଜାର ହଜାର ବହି ଥିବାରୁ ପାଠକ କେଉଁ ବହିଟି ଭଲ ତାହା ଜାଣିବା ପାଇଁ କିଛି 'ସଙ୍କେତ' ଖୋଜିଥାଏ। ଯଦି ଏକ ବହି ବା ଲେଖକ ଏକାଡେମୀ ପୁରସ୍କାରପ୍ରାପ୍ତ କିମ୍ବା ବହିଟି ଏ ବର୍ଷର ଲୋକପ୍ରିୟ ବା ବେଷ୍ଟ ସେଲିଂ ବୋଲି ଲେଖାଥାଏ, ତେବେ ତାହା ପାଠକ ପାଇଁ ଏକ ସଙ୍କେତ ପାଲଟିଯାଏ। ପାଠକଟି ନ ପଢ଼ି ମଧ୍ୟ ଭାବିନିଏ ଯେ ବହିଟି ନିଶ୍ଚୟ ଉଚ୍ଚକୋଟୀର ହୋଇଥିବ। ସେହିପରି ବହିର ପ୍ରକାଶନ ସଂସ୍ଥାର ନାମ ମଧ୍ୟ ପାଠକଙ୍କ ପାଇଁ ଅନ୍ୟ ଏକ ସଙ୍କେତ। ଏହି ସୁଯୋଗ ବା ସୁବିଧା ସମସ୍ତ ପାଖରେ ନ ଥାଏ।

ସମାଜବିଜ୍ଞାନୀମାନେ 'ମାଥ୍ୟୁ ଇଫେକ୍ଟ'ର ଉପସଂହାର କରିଛନ୍ତି ଯେ ସମାନ ପ୍ରତିଭା, ଶିକ୍ଷା ଓ ଦୃଢ଼ ନିଷ୍ପତ୍ତି ଥିବା ସତ୍ତ୍ୱେ ଯଦି ସୁଯୋଗ ଭିନ୍ନ ଅଛି, ତେବେ ଅସମାନତା ନିଶ୍ଚିତ ଆସିବ। ସର୍ବଦା ବ୍ୟକ୍ତିଗତ ପାର୍ଥକ୍ୟର ପରିଣାମ ନୁହେଁ ଏହି ଅସମାନତା; ବରଂ କିଏ ସୁଯୋଗ ପାଏ ଓ କିଏ ସଫଳ ହୁଏ - ଏସବୁ ସାମାଜିକ ପ୍ରତିଷ୍ଠାନ, ସମ୍ପର୍କ ଓ ସଂଗୃହୀତ ସୁବିଧା ମଧ୍ୟ ନିର୍ଣ୍ଣୟ କରିପାରେ। ଏହି ଦ୍ୱନ୍ଦ୍ୱପୂର୍ଣ୍ଣ ସାମାଜିକ ଗଠନ ଜାଣିଶୁଣି ଏକ ବଡ଼ ବ୍ୟବଧାନ ସୃଷ୍ଟି କରୁଛି। ଫଳସ୍ୱରୂପ ଅସମାନତା କୌଣସି ବ୍ୟକ୍ତିଗତ ବିଫଳତାରେ ସୀମିତ ନରହି ଆମ ବ୍ୟବସ୍ଥାର ଏକ ଅଂଶବିଶେଷ ହୋଇସାରିଛି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

କରମ ପର୍ବ ଓ ଜାତିସଂଘର ଚିରନ୍ତନ ବିକାଶ ଲକ୍ଷ୍ୟ

ଡ. ବସନ୍ତ କୁମାର ମହାନ୍ତ

ଶରତ ଋତୁର ଆଗମନ ସହିତ ଛୋଟାନାଗପୁର ମାଳଭୂମି, ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳରେ ପରିବେଶଗତ ପରିବର୍ତ୍ତନ ଦେଖାଦିଏ। ଅମଳର ସମ୍ଭାବନା ନେଇ ଭାରାକ୍ରାନ୍ତ ଧାନଶିଷଗୁଡ଼ିକ କ୍ଷେତରେ ଦୋହଲୁଥିବା ବେଳେ ଗ୍ରାମାଞ୍ଚଳରୁ ମାଦଳର ସ୍ୱର ଧୀରେ ଧୀରେ ଭାସିଆସେ। ଏହା 'କରମ ପର୍ବ' ଆଗମନର ସୂଚନା ଦିଏ, ଯାହା ପୂର୍ବଭାରତରେ ପ୍ରକୃତିପୂଜାର ଅନ୍ୟତମ ଜୀବନ୍ତ ପ୍ରତୀକ।

ଆଦିବାସୀ କୁଡମି (କୁଡୁମି/କୁଡମି-ମାହତୋ) ସମ୍ପ୍ରଦାୟ ଏକ ଗର୍ବିତ କୃଷିଜୀବୀ ଗୋଷ୍ଠୀ, ଯାହାର ପରିଚୟ ଏହି ମାଳଭୂମିର ମାଟି ସହିତ ଗଭୀର ଭାବେ ଜଡ଼ିତ। କରମ କେବଳ ଏକ ଋତୁଭିତ୍ତିକ ଉତ୍ସବ ନୁହେଁ; ଏହା ପାରମ୍ପରିକ ଜ୍ଞାନର ଏକ ଅତ୍ୟନ୍ତ କାର୍ଯ୍ୟକ୍ଷମ ବ୍ୟବସ୍ଥା। ଆଧୁନିକ ପରିବେଶବାଦ ଏକ ସଂସ୍ଥାଗତ ରୂପ ନେବା ବହୁପୂର୍ବରୁ ଏହି ପ୍ରାଚୀନ ପର୍ବ ମାନବ-ପ୍ରକୃତି-ସଂସ୍କୃତି ମଧ୍ୟରେ ସମ୍ପର୍କକୁ ପୁନର୍ଗଠନ କରିବା ପାଇଁ ସମସାମୟିକ ବିଶ୍ୱକୁ ଏକ ମୌଳିକ ରୂପରେଖ ପ୍ରଦାନ କରିଆସିଛି ଏବଂ ମିଳିତ ଜାତିସଂଘର ଅନେକ 'ସ୍ଥାୟୀ ବିକାଶ ଲକ୍ଷ୍ୟ'କୁ ସିଧାସଳଖ ସମ୍ବୋଧିତ କରିଛି।

ବିଶ୍ୱସ୍ତରୀୟ ଜଳବାୟୁ ରଣନୀତିଗୁଡ଼ିକ ଯେତେବେଳେ ମାନବକୈନ୍ଦ୍ରିକ ଦୃଷ୍ଟିକୋଣର ସୀମାବଦ୍ଧତା ସହ ସଂଘର୍ଷ କରୁଛି, ସେତେବେଳେ କୁଡମି-ମାହତୋ ସମ୍ପ୍ରଦାୟର ବିଶ୍ୱବୋଧ ଏକ ସମ୍ପୂର୍ଣ୍ଣ 'ପ୍ରକୃତିକୈନ୍ଦ୍ରିକ' ମଡେଲ୍ ଉପରେ ଆଧାରିତ। ସେମାନଙ୍କର ପ୍ରକୃତିପୂଜନ ବିଶ୍ୱାସ ଅନୁଯାୟୀ, ମାନବ ସଂସ୍କୃତି ପ୍ରକୃତିର ବ୍ୟବସ୍ଥା ମଧ୍ୟରେ କେବଳ ଏକ ଉପବ୍ୟବସ୍ଥା ମାତ୍ର। କରମ ପର୍ବ ସମୟରେ, ଦେବତ୍ୱକୁ କୌଣସି ମାର୍ବଲ୍ ପଥର କିମ୍ବା ଧାତୁ ନିର୍ମିତ ମୂର୍ତ୍ତି ମାଧ୍ୟମରେ ପ୍ରକାଶ କରାଯାଏ ନାହିଁ; ବରଂ 'କରମ ବୃକ୍ଷ' ହିଁ ଭକ୍ତିର ଜୀବନ୍ତ କେନ୍ଦ୍ରବିନ୍ଦୁ। ମୌଖିକ ପରମ୍ପରାରେ ଉଦ୍ଭିଦ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଏବଂ ଋତୁଭିତ୍ତିକ କୃଷି କୌଶଳ ଯୁବପିଢ଼ି ନିକଟରେ ସହଜରେ ପହଞ୍ଚିଥାଏ। ଫଳସ୍ୱରୂପ ସମ୍ପ୍ରଦାୟର ପାରମ୍ପରିକ ସାଂସ୍କୃତିକ ଐତିହ୍ୟ ଜୀବନ୍ତ, ସୁଦୃଢ଼ ଓ ପରିବର୍ତ୍ତନଶୀଳ ପରିସ୍ଥିତି ସହ ଖାପ ଖୁଆଇ ଚାଲିବାର କ୍ଷମତା ବଜାୟ ରଖିଥାଏ।

ଏହି ଉତ୍ସବ ଧାନ ରୁଆ ଶେଷ ହେବା ପରେ ପାଳନ କରାଯାଏ। 'ଜାୱା' ଅନୁଷ୍ଠାନ ମାଧ୍ୟମରେ ଏହା ଏକ କ୍ଷୁଦ୍ର କୃଷି ପରୀକ୍ଷଣ କ୍ଷେତ୍ର ଭାବରେ କାର୍ଯ୍ୟ କରେ ଏବଂ ମିଳିତ ଜାତିସଂଘର ଏସଡିଜି ୨ (କ୍ଷୁଧାମୁକ୍ତ ବିଶ୍ୱ) ଲକ୍ଷ୍ୟକୁ ଆଗକୁ ବଢ଼ାଏ। ମୁଖ୍ୟ ପୂଜାର ପାଞ୍ଚ/ସାତ ଦିନ ପୂର୍ବରୁ 'କରମାତି' ଭାବରେ ପରିଚିତ ଅବିବାହିତା ଯୁବତୀମାନେ ନଦୀ କୂଳରୁ ପବିତ୍ର ବାଲି ସଂଗ୍ରହ କରନ୍ତି ଏବଂ ବାଉଁଶ ତିଆରି ଟୋକେଇରେ ତାହାକୁ ଭର୍ତ୍ତି କରନ୍ତି। ସେମାନେ ସ୍ଥାନୀୟ ଅଞ୍ଚଳର ସାତ ପ୍ରକାରର ମୁଖ୍ୟ ଫସଲ - ଯେପରିକି ଧାନ, କଞ୍ଚା (ଏକ ପ୍ରକାର ଡାଲି ଜାତୀୟ ଶସ୍ୟ), କୋଳଥ, ବିରି ଓ ସୋରିଷ ବୁଣନ୍ତି ଏବଂ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହଳଦୀ ପାଣି ଦେଇ ସେଗୁଡ଼ିକର ଯତ୍ନ ନିଅନ୍ତି। ଏହି ମଞ୍ଜିରୁ ବାହାରୁଥିବା ସତେଜ ହଳଦିଆ-ସବୁଜ ଅଙ୍କୁର ବା 'ଜାୱା' (ଅଙ୍କୁରିତ ଫସଲ) ସେହି ଅଞ୍ଚଳର ମୃତ୍ତିକା ଉର୍ବରତାର ଏକ ପ୍ରତ୍ୟକ୍ଷ ଜୈବସୂଚକ ଭାବରେ କାର୍ଯ୍ୟ କରେ ଏବଂ ଆଗାମୀ ଶୀତକାଳୀନ ଫସଲଚକ୍ର ପାଇଁ ପୂର୍ବାନୁମାନ ହୁଏ।

'କରମାତି'ମାନେ ଅନ୍ନଜଳ ତ୍ୟାଗ କରି କଠୋର 'କରମ' ବ୍ରତ ପାଳନ କରନ୍ତି। ସେମାନେ ମିଥ୍ୟା କହିପାରିବେ ନାହିଁ, ଲୋଭ କରିପାରିବେ ନାହିଁ କିମ୍ବା ହିଂସା ଆଚରଣ କରିପାରିବେ ନାହିଁ। ସମ୍ପ୍ରଦାୟର ବିଶ୍ୱାସ ଯେ ଯଦି କୌଣସି ଅଂଶଗ୍ରହଣକାରୀ ଏହି ନିୟମ ଭଙ୍ଗ କରନ୍ତି, ତେବେ 'ଜାୱା ଡାଲା' (ଅଙ୍କୁରିତ ଶସ୍ୟ ପାତ୍ର) ରେ ଥିବା ମଞ୍ଜିଗୁଡ଼ିକ ପଚିଯିବ। ବାଳିକାମାନଙ୍କୁ କେବଳ ନିଷ୍କ୍ରିୟ ଅଂଶଗ୍ରହଣକାରୀ ଭାବରେ ନୁହେଁ, ବରଂ ସାମାଜିକ ସଦ୍‌ଗୁଣ ଏବଂ କୃଷିଜନିତ ସଫଳତା ମଧ୍ୟରେ ଏକ ପ୍ରତ୍ୟକ୍ଷ ସଂଯୋଗକାରୀ ଭାବରେ ସ୍ୱୀକୃତି ଦେଇ କୁଡ୍ମି ସଂସ୍କୃତି ମହିଳାମାନଙ୍କୁ ସମ୍ପ୍ରଦାୟର ଅର୍ଥନୈତିକ ଓ ଆଧ୍ୟାତ୍ମିକ ବିକାଶର ମୂଳଦୁଆ ଭାବରେ ସମ୍ମାନ ପ୍ରଦାନ କରେ।

'କରମ' ପର୍ବର ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଏହାର ବାହ୍ୟ ସାମାଜିକ ଭେଦଭାବକୁ ଦୂର କରି ସମାଜର ସମସ୍ତ ବର୍ଗକୁ ଏକତ୍ରିତ କରିବାର କ୍ଷମତା। ସମଗ୍ର ଗ୍ରାମବାସୀ ପୋତାଯାଇଥିବା ଡାଳ ଚାରିପାଖରେ ଏକତ୍ରିତ ହୁଅନ୍ତି ଏବଂ 'କରମ' ଓ 'ଧରମ'ଙ୍କ ମୌଖିକ କାହାଣୀ ଶୁଣନ୍ତି। ଏହି କର୍ତ୍ତବ୍ୟଗୁଡ଼ିକ ମଧ୍ୟରେ ରହିଛି ଘରର ପରିଚ୍ଛନ୍ନତା ବଜାୟ ରଖିବା, ଅହଂକାର ତ୍ୟାଗ କରିବା ଏବଂ ବଜାରରେ କାରବାର ଶେଷରେ ଅତିରିକ୍ତ ମୁଠାଏ ଶସ୍ୟ ପ୍ରଦାନ କରି ସଚ୍ଚୋଟତା ପ୍ରଦର୍ଶନ କରିବା। ଭକ୍ତମାନେ ଡାଳଗୁଡ଼ିକୁ ସ୍ପର୍ଶ କରନ୍ତି ଏବଂ ସାମାଜିକ ଶପଥ ନିଅନ୍ତି: 'ରାଜରା କରମ, ହମାର ଧରମ' (କରମଙ୍କୁ ସୁରକ୍ଷା ଦେବା ହିଁ ମୋର ଧର୍ମପଥ)। ପୂଜାପାଠ ପରେ ସେମାନେ କରମ ନୃତ୍ୟ ପରିବେଷଣ କରନ୍ତି। ନୃତ୍ୟଶିଳ୍ପୀମାନେ କାନ୍ଧକୁ କାନ୍ଧ ମିଳାଇ, କହୁଣି ଯୋଡ଼ି ଏବଂ ପରସ୍ପରର ଅଣ୍ଟାରେ ହାତ ରଖି ଏକ ଅଖଣ୍ଡ ମାନବ ଶୃଙ୍ଖଳା ସୃଷ୍ଟି କରନ୍ତି।

ତୀବ୍ର ଜଳବାୟୁ ସଙ୍କଟ, ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦ ଏବଂ ଜୈବବିବିଧତା ହ୍ରାସ ଭଳି ସମସ୍ୟା ସହ ସଂଘର୍ଷ କରୁଥିବା ଆଜିର ପରିବେଶରେ 'କରମ' ପର୍ବ ଏକ ଯୁଗାନ୍ତକାରୀ ବାର୍ତ୍ତା ପ୍ରଦାନ କରେ। ସମୃଦ୍ଧି ଲାଭ କରିବା ପାଇଁ ମାନବଜାତିକୁ ପ୍ରକୃତି ଉପରେ ବିଜୟ ହାସଲ କରିବାର ଆବଶ୍ୟକତା ନାହିଁ; ବରଂ ଏଥିପାଇଁ ପ୍ରକୃତି ନିକଟରେ ନମ୍ରତାର ସହ ଆତ୍ମସମର୍ପଣ ଏବଂ ଆନ୍ତରିକତା ପ୍ରଦର୍ଶନ କରିବା ହିଁ ଯଥେଷ୍ଟ।

(ସହଯୋଗୀ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ)
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ(ବାରିପଦା)

ନିୟତି-ଉତ୍ତୀର୍ଣ୍ଣ-ପ୍ରଶାନ୍ତି: ସୁରେନ୍ଦ୍ର ମହାନ୍ତି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପୂର୍ବ ପ୍ରକାଶିତ ଉତ୍ତାରୁ...

ଜୀବନ ଓ ସାହିତ୍ୟ ଉଭୟକୁ ତନ୍ନ ତନ୍ନ କରି ପର୍ଯ୍ୟବେକ୍ଷଣ ଓ ଉପସ୍ଥାପନ କରିପାରିବାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଦକ୍ଷତା ଅନନ୍ୟ ଓ ଅତୁଳନୀୟ। ବିଶିଷ୍ଟ କବି, ଲେଖକ ମହାପୁରୁଷଙ୍କ ଜୀବନ-ଜ୍ୟୋତି ବିଚ୍ଛୁରଣ କରି ପାଠକର ଚେତନା ରାଜ୍ୟକୁ ଉଦ୍ଭାସିତ କରିଦେବାରେ କି ନିପୁଣ ସେ! ଦୀନକୃଷ୍ଣ ଦାସଙ୍କୁ କେନ୍ଦ୍ର କରି ଲେଖିଥିବା 'କବି' ଶୀର୍ଷକ ଗଳ୍ପଟି ମଧ୍ୟରେ କି ଅପୂର୍ବ ଭାବୋଚ୍ଛ୍ୱାସ ଭରିଦେଇପାରିଛନ୍ତି ସେ! ଜୀବନୀ ରଚନାରେ ତାଙ୍କ ଅନ୍ତଃଦୃଷ୍ଟି ଯେପରି ଉନ୍ମୋଚିତ, ଆତ୍ମଜୀବନୀ ରଚନା ବେଳେ ମଧ୍ୟ ସ୍ୱକୀୟ ପ୍ରଗାଢ଼ ଅନୁଭୂତି ବ୍ୟକ୍ତ କରିଦେବାରେ ସେ ଅକୁତୋଭୟ। ଆତ୍ମବିଶ୍ୱାସର ସୁଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ହୋଇଛି ତାଙ୍କ ଆତ୍ମକଥା 'ପଥ ଓ ପୃଥିବୀ'।

ଅନେକେ ତାଙ୍କ ଶବ୍ଦ ସୃଜନ, ବାକ୍ୟଗଠନ, ଆତ୍ମାଭିବ୍ୟକ୍ତିରେ ଅନୁସନ୍ଧାନ କରନ୍ତି ଅହଂର ଅଭିଘାତ। ଯାହାର ଅହଂ ନାହିଁ, ତା'ର କିଛି ନାହିଁ ବୋଲି ସେ ନିଜେ ହିଁ ତ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରିଦେଇଛନ୍ତି। ଅହଂ-ଚେତନା ମଣିଷର ବ୍ୟକ୍ତିତ୍ୱକୁ କିପରି ନିର୍ମାଣ କରିଥାଏ, ତାହା ଆଧ୍ୟାତ୍ମିକ ଜଗତର ସାଧକମାନେ ମଧ୍ୟ ପ୍ରମାଣିତ କରି ଦେଇଛନ୍ତି। ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ମହାଶକ୍ତି ହେଲା ତାଙ୍କର ଏହି ଅଟଳ ଆତ୍ମପ୍ରତ୍ୟୟ। ସାହିତ୍ୟର ଉପାସନା ନାମରେ ଯେଉଁମାନେ ଗୋଷ୍ଠୀ ଗଠନ କରନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ସେ ଦେଇଥିବା ଅଭିମତ ଆଜି କେତେ ପ୍ରାସଙ୍ଗିକ ବାସ୍ତବରେ! ସେ କହିଥିଲେ 'ଗୋଠ' ଦରକାର ନିରୀହ ମିରିଗ, ସମ୍ବରମାନଙ୍କ ପାଇଁ। ବାଘ ପାଇଁ କିନ୍ତୁ ଗୋଠର ପ୍ରୟୋଜନ ନଥାଏ। ଗୋଠ ଗଢ଼ିବା ଆତ୍ମପ୍ରତ୍ୟୟହୀନ ଦୁର୍ବଳମାନଙ୍କ ଧନ୍ଦା।' ତାଙ୍କ ରଚିତ 'ଶେଷସ୍ତମ୍ଭ' ବହିଟିରେ ସଂକଳିତ କ୍ଷୁଦ୍ରାକାର ବ୍ୟକ୍ତିନିଷ୍ଠ ରଚନା ସବୁ ପାଠକକୁ ଯେତିକି ବିଶ୍ୱ-ଅଭିମୁଖୀ କରିପାରିଛି ସେତିକି ମଧ୍ୟ କରିଦେଇଛି ଅନ୍ତର୍ମୁଖୀ।

ତାଙ୍କର ଜୀବନ-ନିଷ୍ଠା ବ୍ୟାପକ। ତାଙ୍କୁ ସେଥିପାଇଁ କୌଣସି ମତବାଦ ମାଧ୍ୟମରେ ବିଚାର କରିହୁଏ ନାହିଁ। ବିଶ୍ୱସାହିତ୍ୟ ଜଗତର ସମସ୍ତ ଆଧୁନିକ ତତ୍ତ୍ୱ ମଧ୍ୟକୁ ତାଙ୍କର ପ୍ରବେଶ ଥିଲା ଅତ୍ୟନ୍ତ ଗଭୀର। ତତ୍ତ୍ୱ-ନିହିତ ସତ୍ୟ ଓ ସୌନ୍ଦର୍ଯ୍ୟକୁ ଶିଳ୍ପ ରୂପ ଦେବାରେ ସେ ଗ୍ରହଣ କରିଛନ୍ତି ଅଗ୍ରଣୀ ଭୂମିକା। ବାସ୍ତବତାବାଦ, ପ୍ରତୀକବାଦ, ଅସ୍ତିତ୍ୱବାଦ, ଗାନ୍ଧୀବାଦ ଆଦିରେ ସେ ଅବଗାହନ କରିଛନ୍ତି ନିବିଡ଼ ଭାବରେ। ତାଙ୍କ ଗଳ୍ପଗୁଡ଼ିକ ଏତେ ପ୍ରତୀକଧର୍ମୀ ଯେ ତାହାର ସନ୍ତୋଷଜନକ ବ୍ୟାଖ୍ୟା ବି ସମ୍ଭବ ନୁହେଁ। ସେ ପୁଣି ଯେତିକି ପ୍ରକାଶିତ, ସେତିକି ପ୍ରଚ୍ଛନ୍ନ। ତାଙ୍କ ରଚନାକୁ ସେ 'ଇଭୋକେଟିଭ' ବୋଲି ସ୍ପଷ୍ଟ କରିଦେବା ତେଣୁ ବହୁଦୃଷ୍ଟିରୁ ଅର୍ଥପୂର୍ଣ୍ଣ। 'ରେବତୀ' ଗଳ୍ପ ଲେଖିବା ସମୟରେ ଫକୀରମୋହନଙ୍କ ଚିନ୍ତାକୁ ଯାହା ହୁଏତ ଆଲୋଡ଼ିତ କରି ନଥିବ, ସେପରି ଏକ ଭାବ-ସ୍ଫୁଲିଙ୍ଗ ସୁରେନ୍ଦ୍ର ମହାନ୍ତିଙ୍କୁ ତୀବ୍ର ଭାବରେ ଉଦବେଳିତ କରିଦେଇଥାଇପାରେ।

ନିଜ ସାହିତ୍ୟ ସୃଷ୍ଟିର ବୈଶିଷ୍ଟ୍ୟକୁ ଅନୁଭବ-ସିଦ୍ଧ ଶୈଳୀରେ ଆଲୋଚିତ ହେବା ଲକ୍ଷ୍ୟ କରି ସେ ଆହ୍ଲାଦିତ ହୋଇଛନ୍ତି। 'ଅନ୍ଧ ଦିଗନ୍ତ' ଉପନ୍ୟାସରେ ମୁଖ୍ୟ ଚରିତ୍ର ନିଧି ଦାସଙ୍କ ଚରିତ୍ର ଚିତ୍ରଣ ବେଳେ ଗାନ୍ଧୀଦର୍ଶନ ପ୍ରତି ଲେଖକଙ୍କ ପ୍ରତ୍ୟୟ ପ୍ରତିହତ ହୋଇଯିବା 'ବ୍ଲାସଫେମି' ଶୈଳୀର ସଂକେତ ବୋଲି ଦର୍ଶାଇଦିଆଯାଇଛି। ଅର୍ଥାତ ସମସ୍ତ ଆଦର୍ଶ ପ୍ରତି ଅନାସ୍ଥା ଭାବ। ସିନିକ ଦୃଷ୍ଟିଭଙ୍ଗୀ, ସଂଶୟାଚ୍ଛନ୍ନ ଚିତ୍ତାବସ୍ଥା। ତା' ହେଲେ ସୁରେନ୍ଦ୍ର ମହାନ୍ତିଙ୍କ କୌଣସି ଜୀବନ-ଦର୍ଶନ ପ୍ରତି ଆସ୍ଥାଶୀଳତା କ'ଣ ସୁଦୃଢ଼ ନ ଥିଲା? ସେହି ଦୃଷ୍ଟିରୁ ବିବେଚନା କଲେ ସେ ବୌଦ୍ଧ-ବିଚାରକୁ ଜୀବନ-ପରିପନ୍ଥୀ ବୋଲି ସୂଚିତ କରିବା କ'ଣ ତାଙ୍କର ସତ୍ୟସନ୍ଧାନର ଶେଷସୋପାନ? ସେ ବୁଦ୍ଧ-ପ୍ରଦର୍ଶିତ ନିର୍ବାଣ ପଥର ଯାତ୍ରୀ ନୁହନ୍ତି - ଏହା ହିଁ ଆମର ସୀମିତ ଉପଲବ୍ଧି।

ମନରେ ପ୍ରଶ୍ନ ଉଠେ 'ସାରୀପୁତ୍ତ'ଓ 'ମହାନିର୍ବାଣ'ର ସ୍ରଷ୍ଟା ଓ 'ଅମ୍ବାପଲ୍ଲୀ'ର ରଚୟିତା ସୁରେନ୍ଦ୍ର ମହାନ୍ତି କ'ଣ ସମାନ ଚେତନାର? ଅମ୍ବାପଲ୍ଲୀ ଯେତେବେଳେ ବୁଦ୍ଧଦେବଙ୍କ ପାଦତଳେ ସମର୍ପିତା, ସେତେବେଳର ବର୍ଣ୍ଣନା ତା'ହେଲେ ଆମ ହୃଦୟକୁ ମନ୍ଥିତ କରିଦିଏ କାହିଁକି? ଗଳ୍ପର ଶେଷ ବାକ୍ୟଟି ହେଲା : 'ଏ ଯେମିତି ପ୍ରବୃତ୍ତି ସହିତ ନିବୃତ୍ତିର, ମହାକାଳ ସହିତ ମୁହୂର୍ତ୍ତର, ଜୀବନ ସହିତ ନିର୍ବାଣର ମହାମିଳନ।' ଶବ୍ଦର ମହିମୋଜ୍ଜ୍ୱଳ ସ୍ଥାପତ୍ୟ ଓ ଅମ୍ବାପଲ୍ଲୀର ସମର୍ପଣ ସଙ୍ଗୀତ ମଧ୍ୟରେ ସୁରେନ୍ଦ୍ରଙ୍କ ପ୍ରାଣ-ବୀଣାର କମ୍ପନ କ'ଣ ଅବର୍ତ୍ତମାନ? ସିଏ ପୁଣି ଆଜୀବକର ଅଟ୍ଟହାସରେ କହନ୍ତି 'ପ୍ରବୃତ୍ତି ନୁହେଁ, ନିବୃତ୍ତି ନୁହେଁ, ସବୁ ହେଉଛି ନିୟତି। ମନୁଷ୍ୟ ପାପ-ପୁଣ୍ୟର ବହୁ ଊର୍ଦ୍ଧ୍ୱରେ।' ସୁରେନ୍ଦ୍ର ମହାନ୍ତିଙ୍କ ଶବ୍ଦ-ସ୍ଥାପତ୍ୟ ଯେତିକି ବର୍ଣ୍ଣନାତ୍ମକ, ତା'ଠାରୁ ଅଧିକ ବ୍ୟଞ୍ଜନାତ୍ମକ। ସେ ତେଣୁ ଏକ ଅକଳନୀୟ ସମୁଦ୍ର, ଠିକ ଜୀବନ ସଦୃଶ। ତାହାର ଗଭୀରତା ମାପିବା ପାଇଁ ଅଗ୍ରସର ହେଉଥିବା ଆମପରି ପାଠକ ଲବଣ-ପିତୁଳା ଠାରୁ ଆଉ କ'ଣ ଅଧିକ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଅବଶିଷ୍ଟାଂଶ...

ଜ୍ଞାନେଶ ହଟାଅ...

ସ୍ମାରକପତ୍ର ଦିଆଯିବ । ଏଥିପାଇଁ ରାଷ୍ଟ୍ରପତିଙ୍କୁ ଭେଟିବା ଲାଗି ସମୟ ଲୋଡ଼ାଯିବ । ଏହି ସମୟ ମଧ୍ୟରେ ୫ଟି ବଡ଼ ଧରଣର ରାଲି କରାଯିବ । ତେବେ ସମୟ ଓ ସ୍ଥାନ ସଂପର୍କରେ ଖୁବଶୀଘ୍ର ଘୋଷଣା କରାଯିବ । ଏସଂପର୍କରେ ଇଣ୍ଡି ମେଣ୍ଟର ନେତାମାନଙ୍କ ମଧ୍ୟରେ ବିଚାରବିମର୍ଶ ଜାରି ରହିଛି । ସେ କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ନୋଟବନ୍ଦୀ ଏବଂ ଭୋଟବନ୍ଦୀ ସଂପର୍କରେ ରାହୁଲ ଗାନ୍ଧୀ ଯାହା କହୁଥିଲେ, ତାହାକୁ ଲୋକମାନେ ଏବେ ହୃଦୟଙ୍ଗମ କରୁଛନ୍ତି ।

ରାହୁଲ ଗାନ୍ଧୀ କହିଲେ ଯେ ମୁଖ୍ୟ ନିର୍ବାଚନ କମିସନ ଜ୍ଞାନେଶ କୁମାରଙ୍କୁ ମୋହରା କରି ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ ଭୋଟ ଜୋରି ସହିତ ସମଗ୍ର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିଦେବାକୁ ବସିଛନ୍ତି । ଗଣତନ୍ତ୍ରର ସୁରକ୍ଷା ଲାଗି ସମସ୍ତ ବିରୋଧୀ ଦଳ ଏକାଠି ହୋଇଛନ୍ତି । ଆଗାମୀ କିଛି ମାସ ମଧ୍ୟରେ ଦେଶରେ ପରିବର୍ତ୍ତନ ଘଟିବ ବୋଲି ସେ କହିଛନ୍ତି । ଏହି ଅବସରରେ ମମତା ବାନର୍ଜୀ କହିଲେ ଯେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ହେଉଛନ୍ତି ମୁଖ୍ୟ ଦୋଷୀ । ତାଙ୍କୁ ହଟାଇବା ଲାଗି ଆନ୍ଦୋଳନକୁ ବ୍ୟାପକ କରାଯିବ ।

ଆଜିର ମେଣ୍ଟ ବୈଠକରେ ଖଡ଼ଗେଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଟିଏମସି ନେତ୍ରୀ ମମତା ବାନାର୍ଜୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ଏନସିପି (ଶରଦ) ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ଉପସ୍ଥିତ ଥିଲେ । ଶିବ ସେନା (ଉଦ୍ଧବ) ନେତା ଉଦ୍ଧବ ଠାକରେ ଏବଂ ଜେଏମଏମ ମୁଖ୍ୟ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଭିଡିଓ କନଫେରେନ୍ସିଂ ଜରିଆରେ ଯୋଡ଼ି ହୋଇଥିଲେ । ସିପିଆଇ, ସିପିଏମ୍, ମୁସଲିମ ଲିଗ୍, ଫରୱାର୍ଡ ବ୍ଲକ ଓ ଅନ୍ୟ ବିରୋଧୀ ଦଳର ନେତା ମଧ୍ୟ ସାମିଲ ହୋଇଥିଲେ ।

ତୁଟିବ କି...

ଉପରମୁଣ୍ଡରେ ଏକାଧିକ ବ୍ୟାରେଜ, ଆନିକଟ ନିର୍ମାଣ କରିଛି । ସମାନ ସମୟରେ ସିଡବ୍ଲ୍ୟୁସିର ନିୟମାବଳୀର ଅନୁପାଳନ କରିବାକୁ ଯାଇ ଓଡ଼ିଶା ତଳମୁଣ୍ଡରେ କୌଣସି ନିର୍ମାଣ କାର୍ଯ୍ୟ କରିନାହିଁ । ଯାହାଫଳରେ ଓଡ଼ିଶା ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ତେଣୁ ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ଓଡ଼ିଶାକୁ କେଉଁ ପ୍ରକାର ନ୍ୟାୟ ମିଳୁଛି, ତାହାକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି । ଅପରପକ୍ଷେ ଛତିଶଗଡ଼ ସହ ଆପୋଷ ସମାଧାନର ସୂତ୍ର କଣ ତାହା ରାଜ୍ୟ ସରକାର ଏଯାବତ୍ ସର୍ବସାଧାରଣରେ ପ୍ରକାଶ କରିନାହାନ୍ତି । ମହାନଦୀ ଜଳ ଉପରେ ଓଡ଼ିଶାର ଦେଢ଼ କୋଟି ଲୋକଙ୍କ ଜୀବନ, ଜୀବିକା ସିଧାସଳଖ ଭାବରେ ନିର୍ଭର କରିଥାଏ । ଏପରିସ୍ଥଳେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିକୋଣରୁ ଏତେବଡ଼ ପ୍ରସଙ୍ଗରେ ନିରବତାକୁ ନେଇ ବିଭିନ୍ନ ମହଲ କ୍ଷୋଭ ପ୍ରକାଶ କରି ଆସୁଛି । ସରକାର ନିଜ ରାଜ୍ୟର ଲୋକଙ୍କୁ ବିଶ୍ୱାସକୁ ନନେଇ କେଉଁ ଉଦ୍ଦେଶ୍ୟରେ ସେମାନଙ୍କୁ ଅନ୍ଧାରରେ ରଖିଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମହାନଦୀ ସହ ଜଡ଼ିତ ସଂଗଠନ ମହାନଦୀ ବଞ୍ଚାଅ ଆନ୍ଦୋଳନ ମଧ୍ୟ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛି । ସଂଗଠନ ଦାବି କରିବାକୁ ଯାଇ କହିଛି ଯେ ୧ ତାରିଖରେ ଅମିତ୍ ଶାହାଙ୍କ ଉପସ୍ଥିତିରେ ଯେଉଁ ବୈଠକ ବସିବ ସେଥିରେ ଓଡ଼ିଶାର କ'ଣ ପକ୍ଷ ରହିବ ତାହାକୁ ଓଡ଼ିଶାବାସୀଙ୍କ ପାଖରୁ ଲୁଚାଇ ରଖାଯାଇଛି ବୋଲି ଆମର ହୃଦବୋଧ ହେଉଛି । କାରଣ ଛତିଶଗଡ ମହାନଦୀକୁ କର୍ପୋରେଟ ସଂସ୍ଥାମାନଙ୍କ ପାଖରେ ବନ୍ଧା ପକାଇ ସାରିଛନ୍ତି । ସେହି କର୍ପୋରେଟ ହାଉସର ସ୍ୱାର୍ଥ ବିରୁଦ୍ଧରେ ଓଡ଼ିଶା ଏବଂ କେନ୍ଦ୍ର ସରକାର ନଯିବାର ସମ୍ଭାବନା ଅଧିକ ରହିଛି । ଯଦି ତାହା ହୁଏ ଏବଂ ଓଡ଼ିଶା ଓ ମହାନଦୀର ସ୍ୱାର୍ଥ ସହିତ ସାଲିସ କରାଯାଏ ତେବେ ଓଡ଼ିଶା ସରକାରଙ୍କୁ ଲୋକଙ୍କ କାଠଗଡାକୁ ଟଣାଯିବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି । ଅପରପକ୍ଷେ ସାଧାରଣ ଲୋକେ ମଧ୍ୟ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି । ଯଦି ଆପୋଷ ବୁଝାମଣାରେ ଓଡ଼ିଶାର ସ୍ୱାର୍ଥ ପ୍ରଭାବିତ ନହୁଏ, ତାହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର । ମାତ୍ର ଓଡ଼ିଶାର ସ୍ୱାର୍ଥ ଯଦି କିଞ୍ଚିତ ମାତ୍ରରେ ପ୍ରଭାବିତ ହେବ, ତାହାକୁ ଦୃଢ଼ ଭାବରେ ବିରୋଧ କରାଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଏସ୍‌ସିବିରେ ମାନସିକ...

କରିବାରୁ ତାଙ୍କୁ ସୁରକ୍ଷା କର୍ମୀ ଓ ୱାର୍ଡ ଆଟେଣ୍ଡାଣ୍ଟ ପ୍ଲାଷ୍ଟିକ ପାଇପରେ ମାଡ ମାରିଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତକଙ୍କ ଶରୀରରେ ଏକାଧିକ କ୍ଷତ ଓ ମାଡ଼ର ଚିହ୍ନ ରହିଥିବା ମଧ୍ୟ ସେମାନେ ଦାବି କରିଛନ୍ତି । ଏହି ଘଟଣା ପରେ ଆଜି ମୃତକଙ୍କ ପତ୍ନୀ ଏବଂ ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି । ପୁଲିସ ଏହି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୁଲିସ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ । ତେବେ ଅଭିଯୋଗ ଆଧାରରେ ମାନସିକ ରୋଗ ବିଭାଗର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି । ଉକ୍ତ ରାତିରେ କେଉଁ ସୁରକ୍ଷା କର୍ମୀ ଓ ଆଟେଣ୍ଡାଣ୍ଟମାନେ ନିୟୋଜିତ ଥିଲେ ତାହାର ତଥ୍ୟ ଲୋଡାଯାଇଛି ବୋଲି ଥାନାଧିକାରୀ କହିଛନ୍ତି । ଆଜି ମୃତଦେହର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏହାର ଭିଡିଓଗ୍ରାଫି କରାଯାଇଥିବା ଜଣାପଡିଛି ।

ଅନ୍ୟପଟରେ ଏସସିବି ମେଡିକାଲ କଲେଜ ଓ ହସପିଟାଲ ଅଧୀକ୍ଷକ କହିଛନ୍ତି ଯେ ଏହି ଅଭିଯୋଗର ତଦନ୍ତ ପୁଲିସ କରୁଛି । ଏଣୁ ସେ ସମ୍ପର୍କରେ ଅଧିକ କିଛି କହିହେବ ନାହିଁ । ପୁଲିସ ତଦନ୍ତରେ ମେଡିକାଲ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ । ତେବେ ଏହାର ବିଭାଗୀୟ ତଦନ୍ତ ହେବ କି ନାହିଁ ବୋଲି ପଚାରିବାରୁ ସେ ଏହାକୁ ଏଡାଇ ଦେଇଛନ୍ତି । ସମ୍ପୃକ୍ତ ୱାର୍ଡରେ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ଏବଂ ୱାର୍ଡ ଆଟେଣ୍ଡାଣ୍ଟଙ୍କୁ ପୁଲିସ ପଚରାଉଚରା କରିଲେ ମେଡିକାଲ ପକ୍ଷରୁ ସହଯୋଗ କରାଯିବ । ହସ୍ପିଟାଲ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରୋଗୀଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା । ରୋଗୀଙ୍କ ମୃତ୍ୟୁକୁ ନେଇ ହୋଇଥିବା ଏକ ଅଭିଯୋଗର ସତ୍ୟତା ଜଣାନପଡିବା ପର୍ଯ୍ୟନ୍ତ ଏ ସମ୍ପର୍କରେ କିଛି କହିବାକୁ ମେଡିକାଲ କର୍ତ୍ତୃପକ୍ଷ ମନା କରିଛନ୍ତି ।

ଚଳିତ ବର୍ଷ ୧ କୋଟି...

ହୋଇଥିବାବେଳେ ଚଳିତ ବର୍ଷ ୩.୬% କମ୍ ଜମିରେ ଧାନ ଚାଷ କରାଯାଇଛି । ସେହିପରି ଜଳବାୟୁ ପରିବର୍ତ୍ତନ ଓ ଏଲ୍‌ନିନୋ ପ୍ରଭାବରେ ଏକର ପିଛା ଫସଲ କମିବାର ଆଶଙ୍କା କରାଯାଉଛି । ଉତ୍ପାଦନ ହ୍ରାସର ପଛରେ ଦୁର୍ବଳ ମୌସୁମୀ, ଧାନ ଚାଷ ଅଞ୍ଚଳ କମିବା ଓ ଫସଲ ପାଚିବା ସମୟରେ ଜଳାଭାବ ପ୍ରମୁଖ କାରଣ । ଜୁନ୍-ସେପ୍ଟେମ୍ବର ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ପ୍ରାୟ ୧୨% କମ୍ ବର୍ଷା ହୋଇଥିବାବେଳେ ପଞ୍ଜାବ, ବିହାର, ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, କେରଳ ଓ ତେଲଙ୍ଗାନା ଭଳି ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟରେ ବର୍ଷାଭାବ ପରିମାଣ ପ୍ରାୟ ୪୦% ହୋଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଚାଉଳ ଉତ୍ପାଦନ ହ୍ରାସର ଚାପ ବଜାରରେ ଦେଖାଦେଇସାରିଲାଣି । ଉପଭୋକ୍ତା ବ୍ୟାପାର ବିଭାଗ ଅନୁସାରେ ଚାଉଳର ହାରାହାରି ଖୁଚୁରା ଦର ୭% ବଢ଼ି କିଲୋପିଛା ୪୫.୭୭ ଟଙ୍କାରେ ପହଞ୍ଚିଛି । ସୋନା ମସୁରୀର ଦର ପ୍ରାୟ ୨୫% ବଢ଼ି ୫୮ ଟଙ୍କା ହୋଇଥିବାବେଳେ 'ସ୍ୱର୍ଣ୍ଣ' ଚାଉଳ ୧୦% ବଢ଼ି ୩୫ ଟଙ୍କାରେ ପହଞ୍ଚିଛି । ବାସୁମତୀ ଧାନର ମଣ୍ଡି ଦର ମଧ୍ୟ ପ୍ରାୟ ୩୦% ବଢ଼ି କ୍ୱିଣ୍ଟାଲ ପିଛା ୪,୦୦୦ ଟଙ୍କା ହୋଇଛି ।

ଅନ୍ୟପକ୍ଷରେ ସରକାରୀ ପଣ୍ୟାଗାରଗୁଡ଼ିକରେ ପ୍ରାୟ ୫.୯୬ କୋଟି ଟନ୍ ଚାଉଳ ଷ୍ଟକ୍ ଥିବା କେନ୍ଦ୍ର ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି । ଅକ୍ଟୋବର ୧ ସୁଦ୍ଧା ନିର୍ଦ୍ଧାରିତ ବଫର ଷ୍ଟକ୍ ୧.୦୩ କୋଟି ଟନ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ବର୍ତ୍ତମାନ ଏହାର ଛଅ ଗୁଣ ଚାଉଳ ଗଚ୍ଛିତ ରହିଛି । ମାତ୍ର ଏହି ବିଶାଳ ଷ୍ଟକର ସମ୍ପୂର୍ଣ୍ଣ ଅଂଶ ବଜାରକୁ ଛାଡ଼ିବା ସମ୍ଭବ ନୁହେଁ । ଖାଦ୍ୟ ସୁରକ୍ଷା ଯୋଜନା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆଦି ନିମନ୍ତେ ବିପୁଳ ପରିମାଣର ଚାଉଳ ଆବଶ୍ୟକ । ଏହା ସହିତ ଏଫ୍‌ସିଆଇ ଚାଉଳର ଏକ ଅଂଶ ଇଥାନଲ ଉତ୍ପାଦନରେ ବ୍ୟବହୃତ ହେଉଛି । ୨୦୨୫-୨୬ରେ ଇଥାନଲ ପାଇଁ ୭୨ ଲକ୍ଷ ଟନ୍ ଚାଉଳ ଏଫ୍‌ସିଆଇ ଯୋଗାଇ ଦେଇଛି । ଚଳିତ ବର୍ଷ ଏହି ପରିମାଣ ପ୍ରାୟ ୧ କୋଟି ଟନ୍ ଛୁଇଁବ ବୋଲି ଆକଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଉତ୍ପାଦନ ହ୍ରାସ ଓ ଏକ ବଡ଼ ଅଂଶ ଇଥାନଲ ବ୍ୟବହାର ପାଇଁ ପ୍ରଦାନ କରାଯାଉଥିବାରୁ ଚାଉଳର ମୂଲ୍ୟ ଆହୁରି ବଢ଼ିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି ।

ଅଧିକ ୨୯% ...

ଓଡ଼ିଶା ସମେତ ସାରା ଦେଶରେ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ରହିବ ବୋଲି ଆଶଙ୍କା ଥିଲା । ଜୁନ୍ ମାସରେ ସୃଷ୍ଟି ହୋଇଥିବା ନିଅଣ୍ଟିଆ ସ୍ଥିତି ଏହି ଆଶଙ୍କାକୁ ଆହୁରି ଖୋରାକ୍ ଯୋଗାଇଥିଲା । କାରଣ ଜୁନ୍ ମାସରେ ଓଡ଼ିଶାରେ ମାତ୍ର ୧୧୦ ମିମି ବର୍ଷା ହୋଇଥିଲା, ଯାହା ସ୍ୱାଭାବିକଠାରୁ ପ୍ରାୟ ୪୭ ପ୍ରତିଶତ କମ୍ ରହିଥିଲା । ଏହି ସମୟରେ ଏଲ୍‌ନିନୋ ଧୀରେଧୀରେ ସକ୍ରିୟ ହେଉଥିବାରୁ ମୌସୁମୀ ଦୁର୍ବଳ ରହିବ ବୋଲି ଆଶଙ୍କା ଥିଲା । କିନ୍ତୁ ଜୁଲାଇ ମାସରେ ସ୍ଥିତି ବଦଳିଥିଲା । ଜୁଲାଇ ମାସରେ ୩ ଟି ଲଘୁଚାପ ସୃଷ୍ଟି ହେବା ସହ ଘନୀଭୂତ ହୋଇ ଗୋଟିଏ ଗଭୀର ଅବପତା, ଗୋଟିଏ ଅବପାତ ଓ ଗୋଟିଏ ସଦୃଶ ଲଘୁଚାପରେ ପରିଣତ ହୋଇଥିଲା । ଏହାର ପରିଣାମ ସ୍ୱରୂପ ଜୁଲାଇରେ ରାଜ୍ୟରେ ୬୨୭.୬ ମିମି ବର୍ଷା ହୋଇଥିଲା । ଏହା ସ୍ୱାଭାବିକଠାରୁ ୮୪ ପ୍ରତିଶତ ଅଧିକ ସହ ଜୁନ୍‌ର ସମସ୍ତ ନିଅଣ୍ଟିଆକୁ ଭରଣା କରିବାରେ ସକ୍ଷମ ହୋଇଥିଲା । ଏହି ବର୍ଷା ୧୯୦୧ ପରଠାରୁ ୧୨୬ ବର୍ଷର ଇତିହାସରେ ଜୁଲାଇ ମାସରେ ସର୍ବାଧିକ ବର୍ଷା ଭାବେ ରେକର୍ଡ କରିଛି । ପ୍ରଥମ ଥର ପାଇଁ ରାଜ୍ୟରେ ଜୁଲାଇ ମାସରେ ୬୦୦ମିମି ବର୍ଷା ଅତିକ୍ରମ କରିଥିଲା । ସେହିପରି ଅଗଷ୍ଟରେ ମଧ୍ୟ ୧୫ ପ୍ରତିଶତ ଅଧିକ ବର୍ଷା ହେବା ସହ ସେପ୍ଟେମ୍ବରରେ ମଧ୍ୟ ଏହି ଧାରା ଜାରି ରହିଥିଲା । ଚଳିତ ମୌସୁମୀ ଋତୁରେ ରାଜ୍ୟ ଉପରେ ମୋଟ୍ ୧୦ ଲଘୁଚାପ ପ୍ରଭାବ ପକାଇଥିବା ବେଳେ ଏଥିରୁ ୨ ଗଭୀର ଅବପାତ, ୩ ଅବପାତ, ୨ ସଦୃଶ ଲଘୁଚାପ ଏବଂ ୩ ଲଘୁଚାପରେ ପରିଣତ ହୋଇଥିଲା । ଏହି ଲଘୁଚାପ ଦ୍ୱାରା ରାଜ୍ୟ ଉପରେ ପାଖାପାଖି ୪୨ ଦିନ ବର୍ଷାର ପ୍ରଭାବ ପଡ଼ିଥିଲା । ଏହି ୪୨ ଦିନ ମଧ୍ୟରେ ରାଜ୍ୟରେ ୧୦୫୭.୮ ମିମି ବର୍ଷା ଅନୁଭୂତ ହୋଇଛି । ସାଧାରଣତଃ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପଗୁଡ଼ିକ ଓଡ଼ିଶା ଉପରେ ଅଧିକ ପ୍ରଭାବ ପକାଇଥାଏ । ଏହି ଲଘୁଚାପଗୁଡ଼ିକ ଓଡ଼ିଶା ଉପରେ ଗତି କରି ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଉତ୍ତର ଭାରତ ଆଡ଼କୁ ଯାଇଥାଏ । ଫଳରେ ସାରା ରାଜ୍ୟରେ ଭଲ ବର୍ଷା କରାଇବାରେ ଲଘୁଚାପ ସଫଳ ହୋଇଥାଏ । ବାରମ୍ବାର ଭାରି ବର୍ଷା ଯୋଗୁଁ ଏଥିରେ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ (ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଜଳକା) ଆଦି ନଦୀରେ ଏକାଧିକ ବାର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲା । ଏବେ ମୌସୁମୀ ଋତୁ ଶେଷ ହେବା ସହ ଦେଶର ବିଭିନ୍ନ ରାଜ୍ୟରୁ ମୌସୁମୀ ଅପସାରଣ ଆରମ୍ଭ ହୋଇଛି । ଆଗାମୀ ୩-୪ ଦିନ ମଧ୍ୟରେ ଓଡ଼ିଶାରୁ ମଧ୍ୟ ମୌସୁମୀ ଅପସାରଣ ନେଇ ପାଗ ଅନୁକୂଳ ହୋଇଛି ।

କାହାକୁ ବଞ୍ଚାଉଛନ୍ତି...

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି । ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦେଇଥିଲା । ମନ୍ତ୍ରୀ ଇସ୍ତଫା ନ ଦେଲା ପର୍ଯ୍ୟନ୍ତ ଆନ୍ଦୋଳନ ଓ ଧାରଣା ଜାରି ରହିବ ବୋଲି ସଂଗଠନଗୁଡ଼ିକ ରୋକଠୋକ୍ ଶୁଣାଉଥିବାରୁ ସରକାରଙ୍କ ଅଡୁଆ ବଢୁଛି । ଏପରି ସ୍ଥିତିରେ ପାଠ୍ୟପୁସ୍ତକ ଛାପା ତଥ୍ୟ ଲୋକଲୋଚନକୁ ଆସିଲେ ସରକାର ଅଧିକ ବିବାଦରେ ଛନ୍ଦି ହେବାର ଆଶଙ୍କା ରହିଛି । ଏଣୁ ତଥ୍ୟ ନ ଦେବା ପାଇଁ ବିଭାଗ ପକ୍ଷରୁ ଅଲିଖିତ ନିର୍ଦ୍ଦେଶନାମା ଜାରି ହୋଇଥିବା କୁହାଯାଉଛି ।

ଗାନ୍ଧୀ ଜୟନ୍ତୀରୁ ବିଜେଡିର...

ମେୟର ସୁଲୋଚନା ଦାସ ପ୍ରମୁଖ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି ଯେ ବିଜେପି ନିର୍ବାଚନ ସମୟରେ ଲୋକମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହାକୁ ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କରନାହିଁ । ଚାଷୀ, ଯୁବ, ଛାତ୍ର, ନାରୀ, ଆଦିବାସୀ, ଦଳିତ, ସଂଖ୍ୟା ଲଘୁ ଆଦି ସମସ୍ତ ବର୍ଗର ଲୋକେ ପ୍ରତାରଣାର ଶିକାର ହୋଇଛନ୍ତି । ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ନାରୀ ନିର୍ଯାତନା ବୃଦ୍ଧି ପାଉଛି । କେନ୍ଦ୍ର ସରକାର ଏମଏମଡିଆର ଆଇନ ଜରିଆରେ ସଂଘୀୟ ବ୍ୟବସ୍ଥାର ହତ୍ୟା କରି ଓଡ଼ିଶାର ଅର୍ଥନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି । ରାଜ୍ୟବାସୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟର ଓଡ଼ିଶାର ବିକାଶ ଧାରାକୁ ମନେ ପକାଉଛନ୍ତି । ବିଜେପି ସରକାରଙ୍କ ବିଫଳତାକୁ ନେଇ ଦଳ ଲୋକଙ୍କ ନିକଟକୁ ଯିବ । ମାସ ବ୍ୟାପୀ ସରକାରଙ୍କ ବିଫଳତାକୁ ବିଜେଡି ରାଜ୍ୟର ପ୍ରତ୍ୟେକ ଘରେ ପହଞ୍ଚାଇବ । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୩୪ଟି ସାଙ୍ଗଠନିକ ଜିଲ୍ଲାର ମୁଖ୍ୟାଳୟ, ପ୍ରତି ବ୍ଲକ୍, ପୌରପାଳିକା, ଏନ୍‌ଏସି, ମହାନଗର ନିଗମ ସବୁଠି ପଦଯାତ୍ରା ଅନୁଷ୍ଠିତ ହେବ ।

ଅଶୋକ ପଣ୍ଡା କହିଛନ୍ତି ଯେ ଉକ୍ତ ପଦଯାତ୍ରା ଜରିଆରେ ବିଜେପି ସରକାରର ବିଫଳତା ନେଇ ଲୋକଙ୍କୁ ସଚେତନ କରାଯିବ । ଭୁବନେଶ୍ୱରରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିବେ । ପ୍ରଥମ ଦିନରେ ୱାର୍ଡ ନମ୍ବର ୫୨ରେ ଲୋକଙ୍କ ପଦଯାତ୍ରାରେ ସାମିଲ ହେବେ । ବିଜେପିର ପାଣିଫୋଟକା ସଦୃଶ ପ୍ରତିଶ୍ରୁତି ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ପୁସ୍ତକ ତ୍ରୁଟି, ଏସଆଇଆର ଓ ଏମଏମଡିଆର ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ । ଧାନ ମଣ୍ଡି, କୃଷି, ଭତ୍ତା, ପେନସନ ଆଦି ପ୍ରତିଶ୍ରୁତି ପୂରଣ ହୋଇନାହିଁ । ବିଜେଡି ଶାସନ କାଳର ସଫଳତା ଓ ବିଜେପି ସରକାରଙ୍କ ବିଫଳତାକୁ ଲୋକ ଲୋଚନକୁ ଆଣିବୁ ବୋଲି ସେ କହିଛନ୍ତି । ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ ଗତ ଅଢେଇ ବର୍ଷ ମଧ୍ୟରେ ବିଜେପି ସରକାରଙ୍କ ମାଳ ମାଳ ବିଫଳତା ରହିଛି । ଆବାସ ଗୃହ ନାହିଁ, ଜୀବନ ଜୀବିକା ଉପେକ୍ଷିତ ହୋଇଛି । ଗମନା ଗମନ ପାଇଁ ମେଟ୍ରୋ ପ୍ରକଳ୍ପ କଥା କହିଥିଲେ ତାହା ମଧ୍ୟ ମିଥ୍ୟା ପ୍ରତିଶ୍ରୁତି ବୋଲି ପ୍ରମାଣିତ ହୋଇଛି । ନିର୍ବାଚନ ପ୍ରତିଶ୍ରୁତି ସବୁ ପ୍ରତାରଣା ସାଜିଛି । ବିଜେପି ସରକାରଙ୍କ ଅସଲ ମୁଖା ଲୋକଙ୍କ ସମ୍ମୁଖରେ ଉପସ୍ଥାପିତ କରାଯିବ । ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ ଲୋକେ ତାଙ୍କ ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଶାସନ କାଳକୁ ଏବେ ମନେ ପକାଉଛନ୍ତି । ଡବଲ ଇଞ୍ଜିନ ସରକାରଙ୍କ ଗତ ୨୭ମାସର ବିଫଳତା ଲୋକ ଲୋଚନକୁ ଆଣିବୁ । ବିଜୁ ଜନତା ଦଳର ଓଡ଼ିଶା ବାସୀଙ୍କ ବଳ ଓ ଓଡ଼ିଶା ବାସୀଙ୍କ ଦଳ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଲୋକଙ୍କ ପାଇଁ ଲଢେଇ କରୁଥିଲେ । କିନ୍ତୁ ବିଜେପି ସରକାରରେ ଲୋକେ ପ୍ରତାରିତ ହେଉଛନ୍ତି । ନାରୀ ନିର୍ଯାତନା ବୃଦ୍ଧି ସହ ମହିଳା ଆଜି ଅସୁରକ୍ଷିତ । ଓଡ଼ିଶାବାସୀଙ୍କ ଭାଗ୍ୟ ଭବିଷ୍ୟତକୁ ବିଜେପି ସରକାର ଉପେକ୍ଷିତ କରିଛନ୍ତି । ସମସ୍ତ ଜନ ସମସ୍ୟାକୁ ପ୍ରତ୍ୟେକ ଲୋକଙ୍କ ପାଖକୁ ନେଇ ଦଳ ଯିବ ବୋଲି ସେ କହିଛନ୍ତି ।

ଗୁଣିଗାରେଡ଼ି ସନ୍ଦେହରେ...

କେତେକ ପଡ଼ୋଶୀ ଗୁଣିଗାରେଡ଼ି ତଥା ପୂର୍ବ ଜମିଜମାକୁ କେନ୍ଦ୍ରକରି ରହିଥିବା ବିବାଦକୁ ନେଇ ସଂଘବଦ୍ଧ ଭାବେ ଗାଁ ଦାଣ୍ଡରେ ଉଲଗ୍ନ କରି ଘୋଷାରି ଆକ୍ରମଣ କରିଥିଲେ । ଘଟଣା ବେଳେ ତାଙ୍କ ସ୍ୱାମୀ ବାହାରେ ଥିବାରୁ ଗତ ୨୭ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ପୀଡ଼ିତା ମହିଳା ପ୍ରିୟତମା ଏତଲା ଦେଇଥିଲେ । ତେବେ ପୁଲିସ ଏହି ସମ୍ବେଦନଶୀଳ ଘଟଣାରେ ୬ ଜଣଙ୍କ ନାମରେ ଏକ ମାମଲା (ନଂ-୬୯୯/୨୬) ରୁଜୁ କରିଥିବା ଆଇଆଇସି ସୁବ୍ରତ ଦାସ ସୂଚନା ଦେଇଛନ୍ତି । ଯିଏ ଯେଉଁଥିରେ ପାରିଲା ମାଡ଼ ମାରିଲା । ଏପରିକି ଏହି ସମୟରେ କିଛି ଗ୍ରାମବାସୀ ଘରେ ପଶି ଲୁଟ୍ କରିଥିଲେ ବୋଲି ଅଭିଯୋଗ ହୋଇଛି । ଲହୁଲୁହାଣ ହୋଇ ସ୍ଥାନୀୟ ସରପଞ୍ଚ ଦାମୋଦର ମହଲାଙ୍କ ସହାୟତାରେ ଅଟୋରେ ବସି ଡାକ୍ତରଖାନାକୁ ଯାଉଥିଲାବେଳେ ଗ୍ରାମବାସୀ ଅଟୋରୁ ଘୋଷାରି ନେଇ ପୁଣି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ତେବେ ଖବର ପାଇ ଗାଁରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।

ଆଜିଠୁ +୨ ଫର୍ମ...

ତାରିଖ ଯାଏଁ ଚାଲିବ । ଏହାର ଫି' ୧୬ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଏହି ପର୍ଯ୍ୟାୟରେ ଫର୍ମ ପୂରଣ କରି ନଥିବା ପିଲାଙ୍କୁ ଫର୍ମ ପୂରଣ ପାଇଁ ଦ୍ୱିତୀୟ ସୁଯୋଗ ମିଳିବ । ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପିଲାମାନେ ଅକ୍ଟୋବର ୧୭ରୁ ୧୯ ତାରିଖ ମଧ୍ୟରେ ୨୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ । ଏହି ଦୁଇ ପର୍ଯ୍ୟାୟରେ ଫର୍ମ ପୂରଣ କରି ନ ଥିବା ପିଲାଙ୍କୁ ତୃତୀୟ ସୁଯୋଗ ମଧ୍ୟ ମିଳିବ । ୬୦୦ ଟଙ୍କା ଲେଖାଏଁ ଫାଇନ୍ ଦେଇ ନଭେମ୍ବର ୨୩ ରୁ ୨୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ । ଏହା ପରେ ଆଉ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ବା ଅବଧି ବୃଦ୍ଧି ପାଇବ ନାହିଁ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପରୀକ୍ଷା ସମ୍ପର୍କରେ ଅଧିକ ସୂଚନା ଦେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ ଚଳିତ ଥର ଏକ୍ସ ରେଗୁଲାର ପିଲାଙ୍କୁ ଫର୍ମ ପୂରଣ ପାଇଁ ଅଧିକ ସମୟ ଦିଆଯାଇଛି । କାରଣ କିଛି ପିଲା ରାଜ୍ୟ ବାହାରେ ଥିଲେ ମଧ୍ୟ ରାଜ୍ୟକୁ ଫେରିବା ପରେ ଫର୍ମପୂରଣ କରିପାରିବେ । ସେହିପରି ଡିସେମ୍ବର ୧୫ ସୁଦ୍ଧା ପିଲାଙ୍କୁ ଆଡମିଟ କାର୍ଡ ପ୍ରଦାନ କରିବା ପରେ ୨୨ ରୁ ଇଣ୍ଟେରନାଲ ପରୀକ୍ଷା ଆରମ୍ଭ ହେବ । ବନ୍ୟା ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପରୀକ୍ଷା ସୂଚୀ ପ୍ରସ୍ତୁତ ହେବ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ପରୀକ୍ଷା ସାରି ଏପ୍ରିଲ ୧୫ ସୁଦ୍ଧା ମୂଲ୍ୟାୟନ ମଧ୍ୟ ସରିବ । ପ୍ରତିବର୍ଷ ଫେବୃଆରୀ ତୃତୀୟ ସପ୍ତାହରୁ ପରୀକ୍ଷା ଆରମ୍ଭ ହେଉଥିବାବେଳଏ ଚଳିତ ଥର ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ପରୀକ୍ଷା ଆରମ୍ଭ ହେବ ବୋଲି ଡ. ପରିଡ଼ା ସୂଚନା ଦେଇଛନ୍ତି ।

ନବନିର୍ମାଣ ଯୁବଛାତ୍ର...

ଓ କାର୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବରମୁଣ୍ଡାଠାରେ ପହଞ୍ଚିଥିଲା । ସଂଗଠନର କର୍ମକର୍ତ୍ତାମାନେ ଚକୋଲେଟ୍ ବଣ୍ଟନ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦକୁ ସମର୍ଥନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଅଧିକାଂଶ ଦୋକାନବଜାର ବନ୍ଦ ରହିଥିବା ବେଳେ ଖୋଲା ରଖିଥିବା ଦୋକାନୀଙ୍କୁ ମଧ୍ୟ ସଂଗଠନର କର୍ମୀମାନେ ବନ୍ଦ ପାଳନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।

ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୬୭୮ ଟି ତ୍ରୁଟି ରହିଛି । ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱୀକାର କରିଥିବା ସତ୍ତ୍ୱେ ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ । ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ନ ଦେଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆହୁରି ବଡ଼ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ଅନ୍ୟପକ୍ଷରେ ବହି ବିଭ୍ରାଟ ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଗତ ମାସ ୨୦ ତାରିଖରୁ ଜାରି ରହିଥିବା ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଓ ସତ୍ୟାଗ୍ରହ ବୁଧବାର ୪୨ ଦିନରେ ପହଞ୍ଚିଛି । ସେହିପରି ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନଶନ ୨୫ ଦିନରେ ପହଞ୍ଚିଛି । ଏତେଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ କୌଣସି ପ୍ରୟାସ କରାଯାଇ ନ ଥିବା ସଂଗଠନ ଅଭିଯୋଗ କରିଛି । ମନୱର ଅଲ୍ଲୀ କହିଥିଲେ ଯେ ସଂଗଠନ ପକ୍ଷରୁ ଯେଉଁ ସତ୍ୟାଗ୍ରହ ଅନଶନ ଚାଲିଛି, ଏହା ଆମ ଶିକ୍ଷା ବ୍ୟବସ୍ଥାର ଉତ୍ତରଦାୟିତ୍ୱ । ଭୁଲ୍ ପାଠ୍ୟପୁସ୍ତକ କୋଟିଏ ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଚିନ୍ତନଶକ୍ତି ଉପରେ ପ୍ରଭାବ ପକାଇପାରେ । ତେଣୁ ଶିକ୍ଷା କ୍ଷେତ୍ରରେ ଅବହେଳା ଓ ଦାୟିତ୍ୱହୀନତାକୁ ନିରବରେ ଗ୍ରହଣ କରାଯିବ ନାହିଁ । ସରକାର ଦାବି ଗ୍ରହଣ ନ କରିବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଓ ଅହିଂସା ପଦ୍ଧତିରେ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ । ଏହି ଅବସରରେ ବିଜୁ ଜନତା ଦଳର ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସତ୍ୟାଗ୍ରହସ୍ଥଳରେ ପହଞ୍ଚି ଅକ୍ଷୟ କୁମାରଙ୍କ ଅନଶନକୁ ନୈତିକ ସମର୍ଥନ ଜଣାଇବା ସହ ଆଗାମୀ ଆନ୍ଦୋଳନର କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ । ଭୁବନେଶ୍ୱର ବନ୍ଦ ପାଳନ କାର୍ଯ୍ୟକ୍ରମରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି, ରାଜ୍ୟ ମହିଳା ଆବାହକ ମଧୁମିତା ସାମଲ, ବରିଷ୍ଠ କୃଷକ ନେତା ସୁରେନ୍ଦ୍ର ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

34001/907/2627

WORKS DEPARTMENT
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
E-Mail Id – eepwdrkl@gmail.com
Government of Orissa "e" Procurement Notice
Bid Identification No.: 19/ 2026-27 Dated:24.09.2026

1. Number of works: 5 (Five) number of Work
2. Estimated cost: RS. 5.68 Lakhs to Rs.18.36 lakhs
3. Period of completion: 1(one) calendar months to 2(Two) calendar months
4. Date & Time of availability of bid document in the portal: Dt.01.10.2026 at 11.00 A.M.
5. Last date/ Time for receipt of bids in the portal: Dt 14.10.2026 up to 05.00 P.M.
6. Date of opening of Bid: Dt. 15.10.2026 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, UditNagar.

Further details can be seen from the e-procurement portal http//tendersorissa.gov.in"

Superintending Engineer,
Rourkela (R&B) Division

OIPR-34001/34068/1/26-27/0012

ODISHA MINING ADARSHA VIDYALAYA, KALIAPANI & SUAKATI
AT-KALIAPANI, PO- KALIAPANI, VIA-KALARANGI ATTA
DIST-JAJPUR-755018 (ODISHA)
TENDER CALL NOTICE

Letter No:OMAVK /Tender/2026-27/ 1244 Date: 30.09.2026

Sealed tenders are invited from the registered and reputed firms for supply of the School **Grocery, Vegetables and Perishable items** to Odisha Mining Adarsha Vidyalaya, Kaliapani & Suakati (Currently functioning at OMAV Kaliapani Campus), District Jajpur, Odisha for a period of one year. The detailed notice, tender forms along with other Particulars/ list of items must be downloaded from the web site https://oav.edu.in/OMAVKAL . Completed quotation forms along with EMD and downloaded tender form with a cost of **Rs. 200/-(Two Hundred Only)** for each item in the shape of Bank Draft in favour of **ODISHA MINING ADARSHA VIDYALAYA KALIAPANI** payable at **UNION BANK OF INDIA, KALIAPANI** must reach by Speed Post / Registered Post by **2 PM. on 21.10.2026. (Bank Draft for EMD and Tender form Cost must be made separately).** School shall not be responsible for any postal delay.

Sd/- Principal

AFFIDAVIT
By virtue of an Affidavit No.77 dtd.25.05.2026 Sworn Before Executive Magistrate, Bhubaneswar. I, Tasif Saha s/o Basuddin Saha Vill-Khajuripada Po/Ps-Nirakarpur, Dist- Khordha, Odisha, Pin-752019. I have changed my name from "RAHUL SAHA" to "TASIF SAHA". Henceforth, I shall be known as **"TASIF SAHA"** for all future purposes

AFFIDAVIT
By the virtue an affidavit sworn before excutive magistrate, affidavit No -29111, dated -29.09.2026, Bhubaneswar.I Sohit Roshan,c/o-Sujit kumar Mohanty, resident of At -Ward no -19, Baghra Road, Baripada, Baripada Town, Mayurbhanj, Pin no -757001, Odisha, declare that I have changed my name from SOHIT ROSHAN MOHANTY to SOHIT ROSHAN, Henceforth, I shall be known as **SOHIT ROSHAN** for all future purposes

AFFIDAVIT
By virtue of an affidavit (CF No. 01, dtd- 29/09/2026) sworn before The Executive Magistrate, Padampur. I, **Sobit Sahu** (applicant name), S/o Bhojaraj Sahu, permanent resident of Vill-Buden, PO/PS- Buden, Dist-Bargarh, Odisha declare that I have changed my minor son's name from **Hasabanta Sahu** (old name) to **Jashabanta Sahu** (new name). Henceforth, he shall be known as **Jashabanta Sahu** (new name) for all purposes.
Sobit Sahu

OFFICE OF THE PRINCIPAL
D.A.V.AUTONOMOUS COLLEGE,
DAYANAND VIHAR, BHATIPARA, TITILAGARH
Dist- Bolangir, Odisha, Pin-767042
NAAC ACCREDITED 'B+'
Website: www.davcollegetitilagarh.org **E-mail:** principal.davcollege@gmail.com

Tender No.: 03/2026
TENDER CALL NOTICE

Sealed Tenders are invited from intending Manufacturers/Firms/ Suppliers/ Authorized Dealers having PAN & GST registration Number for supply, installation, testing and commissioning of Computer Laboratory equipment, furniture, networking and electrical works and NEP and AEDP Undergraduate (UG) Text Books and Reference Books for College by Speed Post/Registered Post/Courier on or before 15.10.2026. The above tender call notice as per finance and procurement guidelines of OGFR 2023, Govt. of Odisha. The undersigned reserves the right to reject/cancel any or all the quotations without specifying any reason thereof. The items shall be purchased from RUSA 2.0 Grant under D.H.E, Govt. of Odisha. The details of the requirements with specifications, terms and conditions are available in the college website - **www.davcollegetitilagarh.org.** In case of any doubt, you can contact Office of the Principal Mob-9078110060.

Principal
D.A.V. Autonomous College,
Titilagarh

OFFICE OF THE MUNICIPAL COUNCIL, KENDUJHARGADA 13001/2011/2627
At/P.O.-Kendujhargada, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com

REQUEST FOR PROPOSAL (RPF)
RPF NO.10275/KGM Date-09.09.2026

The Executive Officer, Keonjhargarh Municipality, Keonjhargarh, (Odisha) on behalf of Keonjhargarh Municipality invites Expression of Interest (EOI) for **"SELECTION OF AGENCY FOR S/R TO DD MEDICAL COLLEGE LECTURE THEATER MODIFICATION WORK IN Kendujhargada MUNICIPALITY"**

1. Intending bidders have to participate through **"Off-Line"** bidding only.
2. The bid documents will be available in the website- www.kendujhar.odisha.gov.in from **11.00 A.M of Dt. 01.10.2026 to 5.00 P.M. of Dt. 21.10.2026** for offline bidding.
3. Bids received will be opened at **11.30 A.M onwards on Dt. 22.10.2026.**
4. Further details are available in this RFP.

Executive Officer
Kendujhargada Municipality

OIPR-13001/13115/1/26-27/0015

34001/911/2627
GOVT OF ODISHA
OFFICE OF THE SUPERINTENDING ENGINEER, PANIKOILI (R&B) DIVISION, PANIKOILI
" e "- PROCUREMENT NOTICE
Bid Identification No. S.E. PKL(R&B)- 04/2026-27
E-mail address- eepwd.pkl@rediffmail.com

1.	Nature of the Work	:	Road Works
2.	Numbers of Work	:	12 (Twelve) Nos
3.	Estimated Cost	:	Rs.11.74 Lakh to Rs.99.01 Lakh (Approx)
4.	Period of Completion	:	2 calendar months (As per TCN)
5.	Date & Time of availability of bid document in the portal	:	From 11.00 A.M of dt.01.10.2026 to 1.00 P.M of dt.09.10.2026
6.	Last Date/ Time for receipt of bids in the portal	:	1:00 P.M of dt.09.10.2026
7.	Date of opening of Bid	:	5:00 P.M of dt.09.10.2026
8.	Name and address of the officer inviting Bid	:	Superintending Engineer, Panikoili (R&B) Division, Panikoili.

Further details can be seen from the e-procurement portal https://tendersodisha.gov.in

Superintending Engineer
Panikoili (R&B) Division

OIPR-34001/34067/1/26-27/0002

25001/1238/2627
Email: rd_bgh@yahoo.co.in
Gmail: rwd.bgh@gmail.com

OFFICE OF THE SUPERINTENDING ENGINEER
RURAL WORKS DIVISION, BARAGADA
e-Procurement Notice No. ONLINE-BGH- 06 OF 2026-27

1	Name of the Work	:	Road works during 2026-27 in the district of Baragada.
2	EMD	:	@ 1% of the estimated cost put to tender
3	Other details	:	As per DTCN

Procurement Officer	Bid Identification No.	Availability of Tender online for bidding: From	Availability of Tender online for bidding: To	Last Date & Time of Seeking tender clarification	Date & Time of opening of tender
1	2	3	4	5	6
Superintending Engineer, Rural Works Division, Baragada	ONLINE-BGH-06 OF 2026-27	03.10.2026 at 11.00 A.M.	23.10.2026 upto 5.00 P.M.	23.10.2026 upto 4.00 PM	26.10.2026 at 11.00 A.M.

Further details can be seen from the website www.tendersorissa.gov.in.

Superintending Engineer
R.W. Division, Baragada

OIPR-25001/25062/1/26-27/0009

25001/1241/2627
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, TITILAGRH

Letter No.7786 /Date. 28.09.2026

1st CORRIGENDUM
TCN EETIG-ONLINE-05/2026-27 LETTER NO. 7637 DATED. 19.09.2026

1st Corrigendum Notice vide this office Bid No. EETIG-online-05/2026-27 office letter No. 7637 Dated. 19.09.2026 regarding revised extension of time as per follows.

1. **Period of availability of tenders (Online)**

Sl No	Item	Time schedule as per NIT	Time schedule as per corrigendum notice
1	Bid start date and time	29.09.2026 at 11.00 AM	06.10.2026 at 11.00 AM
2	Bid due date and time	08.10.2026 up to 5.00PM	14.10.2026 up to 05.00PM
3	Tender seeking clarification date and time	07.10.2026 at 11.00 AM	13.10.2026 at 11.00 AM
4	Date & time of opening	09.10.2026 at 11.00 AM	15.10.2026 at 11.00 AM

Rest items are remained Unchanged
Further details can be seen from the website : www.tendersorissa.gov.in

Executive Engineer
R.W Division, Titilagarh

OIPR-25001/25078/1/26-27/0007

ସକାଳ THE SAKALA

ନକଲି ସାର ଓ ଔଷଧର ପ୍ରଭାବ

ଖରିଫ୍ ଧାନରେ ପତ୍ର ପୋଡ଼ା ସମସ୍ୟା

ଜଲେଶ୍ୱର, ୩୦।୯ (ସମିସ)

ଚଳିତବର୍ଷ ଜଲେଶ୍ୱର କୃଷି ଜିଲ୍ଲାରେ ଲଗାତାର ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଆଗୁଆ ରୁଆ ପୋତା ହୋଇଥିବା ଧାନ ଗଛ ଗୁଡ଼ିକୁ ବ୍ୟାପକ ମାତ୍ରାରେ ପତ୍ର ପୋଡା ରୋଗ ଗ୍ରାସ କରିଛି। ଧାନ ଗଛ ବୋଦା, ମୋଟା ଓ ଲମ୍ବା ହୋଇଥିବା ବେଳେ ହେକ୍ଟର ହେକ୍ଟର ଧାନ ଗଛର ପତ୍ର ଶୁଖିଯାଇ ସବୁଜ ଫସଲ ଧୂସର ରଙ୍ଗର ଦେଖାଯାଉଛି। ଏ ସମ୍ପର୍କରେ ପୁରୁଖା ଚାଷୀଙ୍କ ମତରେ ଧାନ କ୍ଷେତରେ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ, ସ୍ୱଳ୍ପ ପଟାସ ସାର ବ୍ୟବହାର, ମାଟି ପରୀକ୍ଷା ନହେବା ଏବଂ ଭିଟାମିନ ର ଅଭାବ, ନକଲି ସାର ପ୍ରୟୋଗ ଦାୟୀ ବୋଲି ଆଶଙ୍କା କରିଛନ୍ତି। ତେଣୁ କୃଷି ବିଭାଗ ପକ୍ଷରୁ ସମସ୍ତ ଜମିରେ ମୃତ୍ତିକା ପରୀକ୍ଷା କରାଯାଇ ନିୟନ୍ତ୍ରିତ ରାସାୟନିକ ସାର ପ୍ରୟୋଗ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି। ଏହା ସହିତ ଖରାଟିଆ ମାଟି ପ୍ରସ୍ତୁତ ନ କରି ଏକ ସାଥେ କାଦୁଅ ପ୍ରସ୍ତୁତି ଯୋଗୁଁ ମୃତ୍ତିକା ରେ ଯବକ୍ଷାରଜାନ ଅଧିକ ତିଆରି ହୋଇ ପତ୍ର ଶୁଖି ଯିବା ପ୍ରମୁଖ କାରଣ ବୋଲି କୁହାଯାଉଛି।ଜୈବିକ ଖତ ସାର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ବିଭିନ୍ନ ରାଷ୍ଟ୍ରାୟତ କୋମ୍ପାନୀ ଏବଂ ଅନାମ ଧେୟ କୋମ୍ପାନୀ ର ପ୍ରଲୋଭନ ର ଶିକାର ହେଉଛନ୍ତି ଚାଷୀ କୂଳ। ରସାୟନିକ ସାର କୀଟନାଶକର ଦର ମାତ୍ରାଧିକ ବୃଦ୍ଧି ପାଇଥିବା ବେଳେ ପଶ୍ଚିମବଂଗ ର ବହୁ କୋମ୍ପାନୀ, ନକଲି ସାର, ଅଣୁସା ଓ କୀଟନାଶକ କୁ ଦଲାଲ୍ ମାଧ୍ୟମରେ ଚାଷୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଫଳରେ ଅପେକ୍ଷାକୃତ କମ୍ ଦରରେ ଚାଷୀ ମାନେ ସେଗୁଡିକୁ ବ୍ୟବାହର କରି ଠକାମୀ ର ଶୀକାର ହୋଇ ଫସଲ ଅମଳରେ କ୍ଷତି ସହୁଛନ୍ତି। ଜଲେଶ୍ୱର ବ୍ଲକର ସୀମାନ୍ତ ଅଞ୍ଚଳରେ ଛତୁ ଫୁଟିଲା ଭଳି ସାର, କୀଟନାଶକ ଦୋକାନ ପସରା ମେଲାଇ ଚାଷୀଙ୍କୁ ଶୋଷଣ କରୁଛନ୍ତି। କୃଷି ଜିଲ୍ଲା କାର୍ଯ୍ୟାଳୟରେ କର୍ମଚାରୀ ଓ କୃଷି ମିତ୍ର ମରୁଡ଼ି ପଡ଼ିଥିବା ବେଳେ ଚାଷୀ ମାନଙ୍କୁ ସଚେତନ କରିବା ସମ୍ଭବ ହେଉନାହିଁ। କେତେଜଣ ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ଭରସାରେ କୃଷି କାର୍ଯ୍ୟାଳୟ ଜୀବିତ ରହିଥିବା ଆଲୋଚନା ହେଉଛି। ବ୍ଲକ କୃଷି କର୍ମଶାଳାରେ ହାତଗଣତି କୃଷକ ଙ୍କ ଉପସ୍ଥିତି ଥିବା ବେଳେ ପଞ୍ଚାୟତ ସ୍ତରରେ କୃଷକ ସମାବେଶ ଏବଂ ସଚେତନତା କାର୍ଯ୍ୟକ୍ରମ ହେଲେ ଅନ୍ନଦାତା ଅଧିକ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି। ଜଲେଶ୍ୱର କୃଷି ଜିଲ୍ଲା ପଶ୍ଚିମବଂଗ କୁ ଲାଗି ରହିଥିବାରୁ ଅଣପଞ୍ଜିକୃତ ସାର ଦୋକାନ ଚଢ଼ାଉ କରିବା ସହିତ ବୁଲା ବିକାଳି, କମ୍ପାନୀ କର୍ମଚାରୀ ଙ୍କୁ ଠାବ କରିବା ଜରୁରୀ ହୋଇପଡ଼ିଛି। ଏହି ସହିତ ଉତ୍ତର ବାଲେଶ୍ୱର ଅଞ୍ଚଳରେ କୃଷି ବିଶ୍ୱବିଦ୍ୟାଳୟ କିମ୍ବା କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲା ନାହିଁ। ତେଣୁ କୃଷକ ସମାଜ, ସଠିକ୍ ପ୍ରଶିକ୍ଷଣ ଓ କେତକ ଆବଶ୍ୟକ ପ୍ରୋତ୍ସାହନ ନପାଇ କୃଷି କାର୍ଯ୍ୟ ରୁ ମୁହଁ ଫେରାଉଛନ୍ତି। ତେଣୁ କୃଷକ କଲ୍ୟାଣ ଲାଗି ବିହିତ ପଦକ୍ଷେପ ନନେଲେ ଚାଷୀ କୂଳ ଘୋର କ୍ଷତି ସହିବ ବୋଲି ଆଶଙ୍କା କରାଯାଉଛି।

୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ

ଜଲେଶ୍ୱର, ୩୦।୯ (ସମିସ): ରାଜ୍ୟରେ ନିଶା କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ବେଳେ ଜିଲ୍ଲା ଅବକାରୀ ଅଧୀକ୍ଷକ ନିର୍ଦ୍ଦେଶ କ୍ରମେ ଜଲେଶ୍ୱରଅବକାରୀ ନିରୀକ୍ଷକ ପ୍ରଭାକର ସେଠୀଙ୍କ ନେତୃତ୍ୱାଧୀନରେ ଜଲେଶ୍ୱର, ବାଲିଆପାଳ ଓ ଭୋଗରାଇ ଅବକାରୀ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସୁଗୋ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଏକ ସ୍କୁଟିରେ ଦୁଇଜଣ ବ୍ୟକ୍ତି ବ୍ରାଉନସୁଗାର ନେଇ ଯାଉଥିବାର ସୂଚନା ପାଇ ଅବକାରୀ ଟିମ ଚଢାଉ କରିଥିଲେ। ଦୁଇଜଣଙ୍କୁ ଧରିବା ସହିତ ତାଙ୍କ ନିକଟରୁ ୨୧୦ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ସ୍କୁଟି ଜବତ କରାଯାଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଗିରଫ ଯୁବକ ମାନେ ହେଲେ ଭୋଗରାଇ ଥାନା ଅନ୍ତର୍ଗତ ଗ୍ରାମର ପ୍ରମୋଦ କୁମାର ଦାସ(୪୫) ଓ ଶ୍ରୀବସ୍ତପୁର ଗ୍ରାମର ତପନ ଲାୟା(୪୭)। ଏଥିନେଇ କେଶ ନଂ ୧୫/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଜଲେଶ୍ୱର, ଭୋଗରାଇ ଓ ବାଲିଆପାଳ ଅବକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।

ଦୁଇଟି ମେସିନ ଓ ୩ଟି ଡମ୍ଫର ଜବତ

ସୋର, ୩୦।୯ (ସମିସ): ଆଜି ଭୋର ସମୟରେ ଖଣି ବିଭାଗ ତରଫରୁ ମହୁମୁହାଣ ପଥର ଖାଦାନରେ ଚଢ଼ାଉ କରି ଦୁଇଟି ପୋକଲିନ ଏବଂ ତିନୋଟି ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କରାଯାଇଛି। ଭୋର ସମୟରେ ଖାଦାନର ୪୨ ନମ୍ବର କ୍ୱାରୀରେ ପଥର ଲୁଟ ଚାଲିଥିବା ନେଇ ଖଣି ବିଭାଗକୁ ଖବର ମିଳିଥିଲା।ଫଳରେ ଜିଲ୍ଲା ଖଣି ଅଧିକାରୀ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣି ଚଢ଼ାଉ କରି ପଥର ଲୁଟରେ ଲାଗିଥିବା ୨ଟି ପୋକ୍ଲିନ ମେସିନକୁ ଜବତ କରିଥିବା ବେଳେ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ରାଜପଥରେ ପଥର ବୋଝେଇ କରି ଯାଉଥିବା ୩ଟି ପଥର ବୋଝେଇ ଡମ୍ଫରକୁ ଜବତ କରି ବାସୁଦେବପୁର ଥାନାରେ ଜିମା ଦେଇଥିଲେ। ଚଢ଼ଉ ହେଉଥିବା ଖବର ପାଇ ମାଫିଆମାନେ ଛତ୍ରଭଙ୍ଗ ଦେଇଥିବା ବେଳେ ଅନେକ ପଥର ବୋଝେଇ ଗାଡି ରାସ୍ତାରେ ପଥର ଢ଼ାଳି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଆବାସିକ ଶିକ୍ଷକ ମାର୍ଗଦର୍ଶକ ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର, ୩୦।୯ (ସମିସ): ଉଦ୍ୟୋଗିତା, ନବସୃଜନ ଓ ନୂତନ ଉଦ୍ୟମ ବିକାଶ ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦକ୍ଷେପ ଆହୁରି ସୁଦୃଢ଼ ହୋଇଛି। ଗୁଜରାଟର ଗାନ୍ଧୀନଗର ସ୍ଥିତ ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଚଳିତ ମାସ ୨୧ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ଛଅଦିନିଆ ଆବାସିକ ଶିକ୍ଷକ ମାର୍ଗଦର୍ଶକ ବିକାଶ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ଅଂଶଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ପକ୍ଷରୁ ନବସୃଜନ ଓ ଉଦ୍ୟମ ପ୍ରୋତ୍ସାହନ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏଥିରେ ଯୋଗଦେଇଥିଲେ। ଏଥିସହ ଏହି ପ୍ରଶିକ୍ଷଣରେ ବାଲେଶ୍ୱର କେ.କେ. ଏସ୍ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ଼କ୍ଟର ଜ୍ୟୋତିର୍ମୟୀ ପ୍ରଧାନ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ଼କ୍ଟର ସ୍ୱପ୍ନା ସରିତା ମହାପାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣରେ ସାମିଲ ହୋଇଥିଲେ। ପ୍ରଶିକ୍ଷଣରେ ଉଦ୍ୟୋଗିତା ଶିକ୍ଷାଦାନ, ବ୍ୟବସାୟିକ ଧାରଣା ବିକାଶ, ବ୍ୟବସାୟ ମଡେଲ ପ୍ରସ୍ତୁତି, ନୂତନ ଉଦ୍ୟମକୁ ମାର୍ଗଦର୍ଶନ, ଉଦ୍ୟମ ପ୍ରତିପୋଷଣ, ଅର୍ଥସହାୟତାର ସୁଯୋଗ ଓ ବୌଦ୍ଧିକ ସମ୍ପତ୍ତି ଅଧିକାର ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ଏକ ନବସୃଜନ କେନ୍ଦ୍ର ପରିଦର୍ଶନ କରିବା ସହ ନିଜ ଶିକ୍ଷାନୁଷ୍ଠାନ ପାଇଁ ଉଦ୍ୟୋଗିତା ଓ ନବସୃଜନ ବିକାଶ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଏହି ପ୍ରଶିକ୍ଷଣର ମୁଖ୍ୟ ଫଳାଫଳ ଭାବେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଧାରଣା ଚିହ୍ନଟ କରିବା, ତାହାକୁ ନୂତନ ଉଦ୍ୟମରେ ପରିଣତ କରିବା ଏବଂ ଉଦ୍ୟୋଗୀ ଭାବେ ଆଗକୁ ବଢ଼ିବା ପାଇଁ ମାର୍ଗଦର୍ଶନ ଦେବାରେ ଅଧିକ ସକ୍ଷମ ହେବେ। ଏହା ବିଶ୍ୱବିଦ୍ୟାଳୟରେ ନବସୃଜନ ଓ ଉଦ୍ୟୋଗିତାର ପରିବେଶକୁ ଆହୁରି ସୁଦୃଢ଼ କରିବ। ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଳା ମଧ୍ୟ ସରକାରୀ ଶିକ୍ଷାନୁଷ୍ଠାନରେ ଉଦ୍ୟୋଗିତା ସଂସ୍କୃତି ବିକାଶରେ ଏହି ପଦକ୍ଷେପର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ନବସୃଜନ, ଉଦ୍ୟମ ପ୍ରତିପୋଷଣ ଓ ଛାତ୍ର ଉଦ୍ୟୋଗିତା ବିକାଶ ପ୍ରୟାସକୁ ଆହୁରି ଗତିଶୀଳ କରିବା ନେଇ ଆଶାବ୍ୟକ୍ତ କରାଯାଇଛି।

ଆଜିଠୁ ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର, ୩୦।୯ (ସମିସ): ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୧ ଓ ୨ ତାରିଖରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୨୩୦ ଜଣ ପ୍ରତିଯୋଗୀ ଓ ମ୍ୟାନେଜର ଏବଂ ୧୧୦ ଜଣ କ୍ରୀଡ଼ା ପରିଚାଳକ ଓ ପରିଦର୍ଶକ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ କବାଡ଼ି, ଖୋଖୋ, ଭଲିବଲ, ଫୁଟବଲ, କ୍ରିକେଟ, ବିଚ୍ ଭଲିବଲ ଓ ଚେସ୍ ଭଳି ୭ଟି କ୍ରୀଡ଼ା ସାମିଲ ହୋଇଛି। ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ପ୍ରତିଯୋଗିତା ହେବ। ଫଳରେ ମୋଟ ୪ଟି ବୟସ ବର୍ଗରେ ଛାତ୍ରଛାତ୍ରୀମାନେ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିବେ। ଅକ୍ଟୋବର ୧ ତାରିଖ ସକାଳ ୧୦ଟାରେ ଖ୍ରୀଷ୍ଟିଆନ ହାଇସ୍କୁଲ ଖେଳ ପଡ଼ିଆରେ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ ଏଥିରେ ସଭାପତିତ୍ୱ କରିବେ। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟକ ଭାବେ ଯୋଗଦେବେ। ସେହିପରି ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେବା ର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାଶ ସ୍ୱାଗତ ଭାଷଣ ଦେବେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ବାର୍ଷିକ ବିବରଣୀ ପାଠ କରିବେ। ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିବେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ମହୋତ୍ସବକୁ ନେଇ ଛାତ୍ରଛାତ୍ରୀ, କ୍ରୀଡ଼ା ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

କମ୍ପ୍ୟୁଟର ସାକ୍ଷରତା କର୍ମଶାଳା

ଜଳେଶ୍ୱର ବ୍ଲକ, ୩୦।୯ (ସମିସ): ରୋଟାରୀ କ୍ଲବ୍ ଅଫ୍ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ପ୍ରଥମ 'ରୋଟାରୀ କନେକ୍ଟ ୩୬୦' ଏ ଆଇ କମ୍ପ୍ୟୁଟର ସାକ୍ଷରତା କର୍ମଶାଳା ଆଜି ପୂର୍ବାହ୍ନରେ ପି ଏମ୍ ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୁକୁମାର ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କ୍ଲବ୍ ସଂଯୋଜକ ଡ଼.ଅଜିତ୍ କୁମାର ମହାନ୍ତି, ଜଳେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବ୍ରତ ଘୋଷାଲ, ଓ.କେ.ସି.ଏଲ ବାଲେଶ୍ୱର ଜିଲ୍ଲା ସଂଯୋଜକ ସୁବୀର ଚନ୍ଦ୍ର ଦେ, ସିଦ୍ଧେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ହରି ଶଙ୍କର ମହାନ୍ତି, ସୁଭାଶିଷ ମିଶ୍ର, ଚିନ୍ମୟ କୁମାର ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ କମ୍ପ୍ୟୁଟର ସାକ୍ଷରତା କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କମ୍ପ୍ୟୁଟର ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ କରିଥିବା ବେଳେ ଶେଷରେ ଓ.କେ.ସି.ଏଲ ଜଳେଶ୍ୱର ଶାଖା ମୁଖ୍ୟ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ୨୩୧ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

୨୨ ପଞ୍ଚାୟତରେ ବୁଥ ଓ ପଞ୍ଚାୟତ ଗଠନ ପ୍ରକ୍ରିୟା ଶେଷ

ଖଇରା ଓ ସମୁଳିଆରେ ସଂଗଠିତ ହେଉଛି ବିଜେଡି

ଖଇରା, ୩୦।୯ (ସମିସ): ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରା ଓ ସିମୁଳିଆରେ ବିଜେଡି ଧିରେ ଧିରେ ସଙ୍ଗଠିତ ହେବାରେ ଲାଗିଛି ବିଜେପି ଛାଡି ବହୁ ପୁରୁଣା କର୍ମୀ ଦଳକୁ ପ୍ରଥାବର୍ତ୍ତନ ପରେ ପତ୍ରଝଡିଥିବା ଦଳ ପୁଣି ଥର ପଲ୍ଲବିତ ହୋଇଛି। ବିଜେଡି ଜିଲାସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବ୍ଲକ ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ୧ମାସ ମଧ୍ୟରେ ଲଗାତାର ୨୨ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଓ ସିମୁଳିଆ ବିଜ୍ଞାପିତ ଅଞ୍ଚଳର ୨୧ୱାର୍ଡରେ କର୍ମୀ ସମ୍ମିଳନୀ ଆୟୋଜିତ ହେବା ସହ ପଞ୍ଚାୟତ ଓ ବୁଥ କମିଟି ଗଠନ ପ୍ରକ୍ରିୟା ଶେଷ ହୋଇଛି। ଏହି ଅବସରରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦଖଲ ପାଇଁ ଜିଲା ଓ ବ୍ଲକ ନେତୃବୃନ୍ଦ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ବ୍ଲକ ସଭାପତି ରାଜେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏମଏମଡିଆର ପ୍ରସଙ୍ଗ ଉଠାଇ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ଓଡ଼ିଶାକୁ ତାର ନ୍ୟାଯ୍ୟ ଦାବିରୁ ବଞ୍ଚିତ କରାଯିବା ସହ ସବୁ ବର୍ଗର ଲୋକଙ୍କୁ ଶୋଷଣ କରାଯାଉଛି। ଅଢେଇ ବର୍ଷ ଶାସନ ଭିତରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆକାଶଛୁଆଁ ପାଲଟିଛି। ୟୁପିଆଇ କାରବାର ଉପରେ କଟକଣା ଲଗାଇ ଛୋଟ ଛୋଟ ବ୍ୟବସାୟୀଙ୍କ ମେରୁଦଣ୍ଡ ଉପରେ ପ୍ରହାର କରୁଥିବା ଭଳି ପ୍ରସଙ୍ଗ ଉଠାଇ ରଙ୍ଗମରା ସରକାରକୁ କ୍ଷମତାଚ୍ୟୁତ କରିବାକୁ ହେଲେ ୱାର୍ଡସ୍ତରରୁ ଆରମ୍ଭ କରି ଜିଲାପରିଷଦ ପର୍ଯ୍ୟନ୍ତ ବିଜେଡି ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ବିଜେଡି ଜିଲା ଉପସଭାପତି ଜୟନ୍ତ କୁମାର ରାଉତ, ମହିଳା ସଭାପତି ଜୟନ୍ତୀ ପତି, ବ୍ଲକ କମିଟି କୋଷାଧ୍ୟକ୍ଷ ବିଶ୍ୱଭୂଷଣ ପ୍ରଧାନ, ସିମୁଳିଆ କୋଷାଧକ୍ଷ ଉମାକାନ୍ତ ମହାରଣା, ସୁରେଶ ମହାପାତ୍ର, ପ୍ରହଲ୍ଲାଦ ପତି, ରବୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବ୍ଲକ ଓ ପଞ୍ଚାୟତରେ ଚାଲିଥିବା ଦୁର୍ନିତି ଉପରେ ଆଲୋକପାତ କରି ସାଧାରଣ ଗରୀବ ଲୋକଙ୍କୁ ଅବହେଳିତ କରାଯାଉଥିବା ପ୍ରକାଶ କରିଥିଲେ। ଖଇରା ବ୍ଲକର ହରିପୁର, ଗଡ଼ପୋଖରୀ, ବଡନୁଆଗାଁ, ବର୍ତ୍ତନା, ନୟାଖଣ୍ଡି, ସାରକୋଣା, କଇଥଗଡ଼ିଆ, ବାଉଁଶଗଡ଼ିଆ, ଖଇରା, ରଟିଣା, ମହତୀପୁର, ପଳସା, ଗୋବିନ୍ଦପୁର, ସାରୁଗାଁ, ସାରଡାଙ୍ଗ, ଗରସଙ୍ଗ, ମାଣିତ୍ରୀ, ଅନ୍ତରା, ବଡଜୟିପୁର, ଡୁଙ୍ଗୁରା ଇତ୍ୟାଦି ପଞ୍ଚାୟତ ଦଳର ବୁଥ ଓ ପଞ୍ଚାୟତ କମିଟି ଗଠନ ହେବା ସହ ସିମୁଳିଆ ବ୍ଲକର ଅଡା ଓ ଏନଏସିର ବିଭିନ୍ନ ୱାର୍ଡରେ କମିଟି ଗଠନ ତଥା କର୍ମୀ ସମ୍ମଳନୀ ଶେଷ ହୋଇଛି। ଏଭଳି ପ୍ରସ୍ତୁତି ବିରୋଧଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ବିଦ୍ୟାଳୟର ସଫଳତା

ବାଲେଶ୍ୱର, ୩୦।୯ (ସମିସ): ଦୃଷ୍ଟିବାଧିତଙ୍କ ପାଇଁ ଆୟୋଜିତ ତୃତୀୟ ଓସିଏଭିସି ଦୃଷ୍ଟିବାଧିତଙ୍କ ପାଇଁ ଓଡ଼ିଶା ଚେସ୍ ଚାମ୍ପିୟନ ସିପ ଚେସ୍ ପ୍ରତିଯୋଗିତାରେ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣାର ୧୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଚେସ୍ ପ୍ରତିଯୋଗିତା ଚଳିତ ମାସ ୨୬ ଓ ୨୭ ତାରିଖରେ ଭୁବନେଶ୍ୱର ସ୍ଥିତ ପ୍ରଚେଷ୍ଟା ଠାରେ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୬୦ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ଚେସ୍ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୦ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଚୟନ ପାଇଁ ମନୋନୀତ ହୋଇଥିବା ବେଳେ ସେଥିମଧ୍ୟରୁ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ, ରାଣୀପାଟଣା ବାଲେଶ୍ୱରର ଦୁଇଜଣ ଛାତ୍ରୀ ମେଘନା ସିଂହ ଓ ଇତିକ୍ରୀଷ୍ଟା ଭଞ୍ଜ ରାଜ୍ୟସ୍ତରରେ ଚୟନ ହୋଇଛନ୍ତି। ଏହି ଦୁଇ ଛାତ୍ରୀ ଆସନ୍ତା ଅକ୍ଟୋବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ଆୟୋଜିତ ହେବାକୁ ଥିବା ପରବର୍ତ୍ତୀ ଜାତୀୟ ସ୍ତରର ଚେସ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସେମାନଙ୍କର ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଭିଭାବକମାନେ ଆନନ୍ଦ ପ୍ରକାଶ କରିବା ସହ ଦୁଇ ଛାତ୍ରଛାତ୍ରୀଙ୍କୁ ଆଗାମୀ ପ୍ରତିଯୋଗିତା ରେ ସଫଳତା ପାଇଁ ନିର୍ଦ୍ଦେଶକ ଦିବାକର ସ ଶୁଭେଚ୍ଛା ଜଣାଇଛନ୍ତି।

ସେବା ପକ୍ଷ ଅଭିଯାନ

ଜଳେଶ୍ୱର ବ୍ଲକ, ୩୦।୯ (ସମିସ) : ରାଇବଣିଆ ଅଞ୍ଚଳର ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ 'ସେବା ପକ୍ଷ' ପାଳନ ଅବସରରେ ପଥପ୍ରାନ୍ତି ନାଟକ ଅଧ୍ୟାପକ ରମାକାନ୍ତ ଦେଙ୍କ ରଚିତ 'ଶ୍ରୀକ୍ଷେତ୍ର ଡୋରି' ବିଭିନ୍ନ ଛକରେ ମଞ୍ଚସ୍ଥ ହୋଇ ଯାଇଛି। ଏହି ନାଟକ କୁ କୃଷ୍ଣମୋହନ ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଂଯୋଜିକା ଭାବରେ ମାନସୀ ଘୋଷ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଉଦଘାଟକ ଭାବେ ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତ ଯୋଗ ଦେଇ ଥିବା ବେଳେ ପରିଚାଳନା ରେ ଦୈତ୍ୟାରି ପ୍ରସାଦ ଦେ, ମୂରଲୀଧର ମହାନ୍ତି, ଜ୍ଞାନେନ୍ଦ୍ର ନାଥ ରଣା, ଦେବବ୍ରତ ପ୍ରଧାନ, ମଦନ କୁମାର ନାୟକ, ଧନଞ୍ଜୟ ଦତ୍ତ, ଜ୍ୟୋତିର୍ମୟ ଅଧିକାରୀ ତୃପ୍ତି ପ୍ରଧାନ, ଅଂଶୁମାନ ଗୋସ୍ୱାମୀ, ପ୍ରବୀର କୁମାର ପ୍ରମାଣିକ, ସୁମିତ୍ କୁମାର ଦଳାଇ, ଆବୁ ନାସାର, ଜୟଦେବ ସେଣ, ସନ୍ତୋଷ କୁମାର ପାତ୍ର, ସତ୍ୟ ସୁନ୍ଦର ରଣା, ଦିବ୍ୟଜ୍ୟୋତି ବାଗ, ସୁକୁମାର ବେହେରା ଓ କବିତା ସେନାପତି ପମୁଖ ରହିଥିଲେ। ସାଗର ସେଣ, ରାକେଶ କୁମାର ଜେନା, ସାଇ ପ୍ରସାଦ ନନ୍ଦ, ଅପୁ ନାୟକ, ସନ୍ଦୀପ ଘଡ଼େଇ, କ୍ରୀଷ୍ଟା ଜେନା, ଶ୍ରେୟା ଶ୍ରୀ ଚାନ୍ଦ, ସନ୍ଧ୍ୟା ରାଣୀ ବେହେରା, ଶ୍ରାବଣୀ ବେହେରା, ବୈଷ୍ଣବୀ ସାହୁ, ସଙ୍ଗୀତା ସେଣ, କ୍ରିଷ୍ଟା ଦାସ, ପ୍ରିୟଙ୍କା ମାଇତି ଆଦି ନିଖୁଣ ଅଭିନୟ କରି ଉଚ୍ଚ ପ୍ରଶଂସିତ ହେବା ସହ ଉପସ୍ଥିତ ଦର୍ଶକଙ୍କଠାରୁ ପୁରସ୍କୃତ ହୋଇଥିଲେ।

ନିଶାମୁକ୍ତ ଅଭିଯାନ

ବାଲେଶ୍ୱର, ୩୦।୯ (ସମିସ): ମା' ଦୁର୍ଗା ଜନକଲ୍ୟାଣ ସମିତି, ନୂଆଗାଁ ପକ୍ଷରୁ ନିଶାମୁକ୍ତ ଅଭିଯାନ କରାଯାଇଛି। ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତର ସୁନାମୁହିଁ ଆଦିବାସୀ ବସ୍ତିରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସମିତିର ସଭାନେତ୍ରୀ ଶାକମ୍ବରୀ ସିଂଙ୍କ ନେତୃତ୍ୱରେ ପରିବାରର ସଦସ୍ୟ ସଦସ୍ୟାଙ୍କୁ ମିଶନଶକ୍ତି କାର୍ଯ୍ୟାୟଳୟ ନିକଟରେ ଏକାଠି କରି ନିଶାର ପ୍ରଭାବ, ନିଶା କିପରି ଆର୍ଥିକ, ସାମାଜିକ ଓ ଶାରୀରିକ ଭାବେ ଦୁର୍ବଳ କରୁଛି ତାହା ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ସାହିର ଝିଅ ଓ ବୋହୂମାନେ ଯୋଗଦେଇଥିଲେ। ଆଦିବାସୀ ପରମ୍ପରା ଓ ସଂସ୍କୃତିକୁ କୌଣସି ପରିସ୍ଥିତିରେ ନଭୂଲିବାକୁ ପରାମର୍ଶ ଦିଆଯାଇଥିଲା। ନିଶା କବଳିତ ମଣିଷର ସାମାଜିକ ସମ୍ମାନ କିପରି ହ୍ରାସ ହେଉଛି ତାହା ବୁଝାଇଥିଲେ। ଏଥିରେ ସମିତିସଭ୍ୟ କାର୍ତିକ ପାତ୍ର, ସମିତିର ସମ୍ପାଦିକା ସରସ୍ୱତୀ ଜେନା, କୋଷାଧ୍ୟକ୍ଷା କବିତା ମଲିକ ଯୋଗଦେଇ ନିଶା ଠାରୁ ଦୂରେଇ ରହିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

ନୂତନ ଭତ୍ତା ପାଇବାରୁ ବଞ୍ଚିତ ଶତାଧିକ ହିତାଧିକାରୀ

ଜଳେଶ୍ୱର ବ୍ଲକ, ୩୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ୩୫ ଗୋଟି ଗ୍ରାମ ପଞ୍ଚାୟତର ଯୋଗ୍ୟ ଭତ୍ତା ହିତାଧିକାରୀ ମାନେ ଆଜକୁ ୨ ରୁ ତିନି ବର୍ଷ ଧରି ବୃଦ୍ଧା ପିତା ମାତା ଭତ୍ତା ପାଇବା ପାଇଁ ଚାତକ ଭାବେ ଅନାଇ ବସିଛନ୍ତି। ବିଭିନ୍ନ ସମୟରେ ଅନେକ ଗ୍ରାମ ପଞ୍ଚାୟତ ମାନଙ୍କରେ ଭତ୍ତା ପାଉଥିବା ମୃତବ୍ୟକ୍ତିଙ୍କ ଶୂନ ସ୍ଥାନରେ ନୂତନ ଭତ୍ତା ପାଇବାରୁ ବ୍ୟବସ୍ଥା ରହିଥିବା ବେଳେ ବ୍ଲକ ସାମଜିକ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଓ ଦାୟିତ୍ୱ ହୀନତା କାରଣରୁ ଆଜି ନୂତନ ଭତ୍ତା ପାଇବାରେ ତାଲିକା ଲିଷ୍ଟରେ ଅନେକ ଯୋଗ୍ୟ ହିତାଧିକାରୀ ମାନେ କୌଣସି ଆବେଦନରେ ଛୋଟ ଛୋଟ ଭୁଲ ଭଟକା ପାଇଁ ତାଲିକାରୁ ବାଦ ପଡ଼ିଛନ୍ତି। ଜଳେଶ୍ୱର ବ୍ଲକର ସାମାଜିକ ସୁରକ୍ଷା ବିଭାଗର କନିଷ୍ଠ ସହାୟକ ପାର୍ଥ ସାରଥୀ ସାହୁ ୨୭/୭/୨୦୨୬ ଚିଠି ନମ୍ବର ୧୮୬୧ ରେ ଜଳେଶ୍ୱର କାର୍ଯ୍ୟାଳୟରେ ଯୋଗ ଦେଇ ଆଜକୁ ୨ମାସ ହେଲା ଜଳେଶ୍ୱର ନ ଆସି ଜିଲ୍ଲା ସାମଜିକ ସୁରକ୍ଷା ବିଭାଗରେ ରହୁଛନ୍ତି। ଯାହା ଫଳରେ ଅନେକ ଗ୍ରାମ ପଞ୍ଚାୟତ ନିର୍ବାଚନ ପ୍ରତିନିଧି ଓ ଯୋଗ୍ୟ ହିତାଧିକାରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି କି ଯଦି ଭତ୍ତା ଆବେଦନ ପାଇଁ କୌଣସି ଭୁଲ ରହିଥିଲା ତାହାଲେ କାହିଁକି କର୍ତ୍ତୃପକ୍ଷ ସେମାନଙ୍କୁ ଅବଗତ ନ କରାଇ ସମ୍ପୂର୍ଣ୍ଣ ଭାବେ ରିଜେକ୍ଟ କରିବା ଫଳରେ ପୁଣି ଯୋଗ୍ୟ ଗରିବ ଅସହାୟ ଭତ୍ତା ହିତାଧିକାରୀ ମାନେ ନୂତନ ଆବେଦନ କରିବା ସାଙ୍ଗକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଆବେଦନ କରିଥିବା ଯୋଗ୍ୟ ଭତ୍ତା ହିତାଧିକାରୀଙ୍କ ପାଇଁ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।

ଆଙ୍ଗନ କା ଉତ୍ସବ ପାଳିତ

ସିମୁଳିଆ, ୩୦।୯ (ସମିସ): ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୋଷଣ ମାସ ଆଙ୍ଗନ କା ଉତ୍ସବ ପାଳିତ ହୋଇଯାଇଛି। ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ନଅବରୀ ଗ୍ରାମର ଅଙ୍ଗନବାଡି (୨)ସେଣ୍ଟରରେ ୱାର୍କର କୁଞ୍ଜଲତା ପେଡ଼ା, ନାଏବ ସରପଞ୍ଚ କୌଶଲ୍ୟା ବେହେରାଙ୍କ ଅଧକ୍ଷତାରେ ପୁରୁଷ ଅଭିଭାବକ ବିଭିନ୍ନୟ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି କରିଥିଲେ। ଶିଶୁବିକାଶ କେନ୍ଦ୍ରର ଅଧିକାରିଣୀ ଖୋଲଣା ସୁନ୍ଦରୀ ଜେନା, ସୁପରଫାଇଜର ତୃପ୍ତି ଲତା ମାଝି, କୋର୍ଡିନେଟର ଶିଳ୍ପାରାଣୀ ସାହୁ ମିଳିତ ଭାବେ. ଅଙ୍ଗନ ବାଡ଼ି କେନ୍ଦ୍ରକୁ ଯାଇ ପ୍ରସ୍ତୁତି ପୁଷ୍ଟିକର ଖାଦ୍ୟକୁ ତଦାରଖ କରି ଚୟନ କରିଥିଲେ।

ଦୀନକୃଷ୍ଣ କଲେଜ ଆଗରେ ଏସ୍ଏଫ୍ଆଇର ବିକ୍ଷୋଭ

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୩୦।୯ (ସମିସ): ଶିକ୍ଷା ସମସ୍ୟାର ପ୍ରତିକାର ପାଇଁ ନବନିର୍ମାଣ କୃଷକ ସଂଘର ଡ଼ାକରାରେ ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମକୁ ଏସ୍.ଏଫ୍.ଆଇ. ଦୀନକୃଷ୍ଣ କଲେଜ ଶାଖା ପକ୍ଷରୁ ନୈତିକ ସମର୍ଥନ କରି କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜରେ ସାଧାରଣ ଗରିବ ଘରର ପିଲା ଅର୍ଥ ଅଭାବରୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ି ନ ପାରି ବାଧ ହୋଇ ଶିକ୍ଷା ଅର୍ଜନ କରିବା ପାଇଁ ଦୀନକୃଷ୍ଣ କଲେଜରେ ପାଠ ପଢୁଛନ୍ତି। ମାତ୍ର, ଉତ୍ତର ବାଲେଶ୍ୱରର ଏକ ପୁରୁଣା ସରକାରୀ କଲେଜ ହୋଇଥିଲେ ମଧ୍ୟ କର୍ତ୍ତୃପକ୍ଷ ମନଇଚ୍ଛା ଆଡ଼ମିସନ, ରି-ଆଡ଼ମିସନ ଓ ପରୀକ୍ଷା ଫିସ୍ ବୋଝ ଛାତ୍ରଛାତ୍ରୀମାନଙ୍କ କାନ୍ଧରେ ଲଦି ଦେଉଛନ୍ତି। ଏହା ସତ୍ତ୍ୱେ କଲେଜରେ ବିଶୁଦ୍ଧ ପାନୀୟ ଜଳ ଓ ବ୍ୟବହାର ଉପଯୋଗୀ ଶୌଚାଳୟର ସୁବିଧା ନାହିଁ। ଲାଇବ୍ରେରୀ ବହି ୭ ଦିନ ବଦଳରେ ବର୍ଷତମାମ ଛାତ୍ରଛାତ୍ରୀଙ୍କୁ ଦିଆଯାଉ, ଖେଳ ଉପକରଣ ଯୋଗାଇବା ସହିତ ଖେଳପଡ଼ିଆର ମରାମତି କରାଯାଉ, ଆବଶ୍ୟକ ସମସ୍ତ ଅଧ୍ୟାପକ ପଦବୀ ପୂରଣ କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରି କରିବା, କଲେଜରେ ଛାତ୍ରସଂସଦ ନିର୍ବାଚନ ଚାଲୁକରିବା, ଶିକ୍ଷା ଓ ନିଯୁକ୍ତି ଗ୍ୟାରେଣ୍ଟି ଇତ୍ୟାଦି ଦାବିରେ ସ୍ଲୋଗାନ୍ ଦିଆଯାଇ ଥିଲା। ଶିକ୍ଷାବିଭାଗର ଗୁରୁତ୍ୱର ବିଫଳତା ପାଇଁ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା ଦାବି କରାଯିବା ସହିତ କୁଶପୁତ୍ତଳିକା ଦାହ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଚ୍ୟୁତାନନ୍ଦ ଜେନା, ରୋହିତ ବାରିକ, ସଞ୍ଜୟ ଜେନା, ବରୁଣ ଜେନା, ଭବତୋଷ ଦାସ, ରୋହିତସାହୁ, ଗୌତମ ମାହାଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

ଦୋକାନ ଗୃହ ବଣ୍ଟନରେ ଅନିୟମିତତା ଅଭିଯୋଗ

ଦୋକାନ ଗୃହ ଦେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

ନୀଳଗିରି, ୩୦।୯ (ସମିସ)

ନୀଳଗିରି ଏନ୍ଏସି ପକ୍ଷରୁ କେ ସି ହାଇସ୍କୁଲ ଗୋପବନ୍ଧୁ ହଷ୍ଟେଲ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇଅଛି। ମାତ୍ର ରାସ୍ତା ପ୍ରଶସ୍ତି କରଣ ପାଇଁ ସମସ୍ତ ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ଏନ୍ ଏ ସି ପକ୍ଷରୁ ସୁଚନା ଜାରି କରାଯାଇଥିଲା। ନୂତନ ଦୋକାନ ଗୃହ ନିର୍ମାଣ ହେବା ପରେ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଘର ଯୋଗାଇ ଦିଆ ଯିବ ବୋଲି ପ୍ରକାଶ କରିଥିଲେ। ପରେ ସମସ୍ତ ଦୋକାନ ଘର ଗୁଡିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା।। ତା ମଧ୍ୟରେ ବରିସାହି ଗ୍ରାମର ବୃନ୍ଦାବନ ବିଶ୍ୱାଳ ର ପୁଅ ଶିବ ଶଙ୍କର ବିଶ୍ୱାଳଙ୍କର ଏକ ସେଲୋନ୍ ଦୋକାନ ମଧ୍ୟ ଭଙ୍ଗା ଯାଇଥିଲା। ତାର ଦୋକାନର ସମସ୍ତ କାଗଜ ପତ୍ର ମଧ୍ୟ ଥିଲା। ମାତ୍ର ଶିବ ଶଙ୍କର ବିଶ୍ୱାଳଙ୍କୁ ଦୋକାନ ଗୃହ ବଣ୍ଟନ ଲିଷ୍ଟରେ ନାମ ନଥିବା ବେଳେ ଶେଷରେ ସେ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ।

ଶିବ ଶଙ୍କର ବିଶ୍ୱାଳ ର ଟ୍ରେଡ ଲାଇସେନ୍ସ (୧୬୨/୨୦୧୭) ସହ ଗ୍ରାଉଣ୍ଡ ଟ୍ୟାକ୍ସ ମଧ୍ୟ ଦେଇ ଆସୁଥିଲେ। ମାତ୍ର କାର୍ଯ୍ୟାଳୟ ତରଫରୁ ୨୦୨୨, ଜାନୁଆରୀ ୪ ଓ ୫ତାରିଖରେ କଚେରୀ ଛକ ଠାରୁ ବାଇ ପାସ୍ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱର ଦୋକାନ ଗୁଡିକର ମିଳିତ ଗଣନା ରିପୋର୍ଟରେ ୧୪ଜଣଙ୍କର ନାମ ନଥିବା ବେଳେ ଦୋକାନ ଗୃହ ପାଇଥିବାର ଦେଖିବାକୁ ମିଳିଛି। ଅନ୍ୟ ଏକ ଦୋକାନୀ ନୀଳଗିରି ବ୍ଲକ ନିକଟରେ ଦୋକାନ ରହିଥିବା ବେଳେ ତାଙ୍କୁ କୋଉ ଆଇନ୍ ବଳରେ ସେଠାରେ ତଳ ମହଲାରେ ପ୍ରଦାନ କରାଗଲା। ଏ ନେଇ ଶିବ ଶଙ୍କର ବିଶ୍ୱାଳ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରେ ଆଶ୍ରୟ ନେଇଥିଲେ। ସମସ୍ତ ଦସ୍ତାବିଜ୍‌କୁ ପାଥେୟ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଦେଶ ମୂଳେ ପୂର୍ବରୁ ଯୋଉଠି ଦୋକାନ ଘର ଥିଲା, ସେହି ଠାରେ ଦେବା ପାଇଁ ଗତ ୨୪/୯/୨୬, ଡବ୍ଲୁ, ପି(ସି)୩୦୮୭୧/୨୬ ନିର୍ଦ୍ଦେଶ ଜାରି କରିଛନ୍ତି। ଉଚ୍ଚ ନ୍ୟାୟାଳୟର ଅର୍ଡରର ନକଲ କପି ନିଜେ ହିତାଧିକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ବେଳେ ରିସିଭ କପି ଦିଆ ଯାଇନଥିବାରୁ ପୋଷ୍ଟାଲ ରେ ପ୍ରଦାନ କରିଥିଲେ ବୋଲି ଶିବ ଶଙ୍କର ବିଶ୍ୱାଳ ପ୍ରକାଶ କରିଛନ୍ତି। ଶ୍ରୀ ବିଶ୍ୱାଳଙ୍କ ସର୍ଭେ ଲିଷ୍ଟ ରେ ୨୨୧ନମ୍ବର ଥିବାର ଦେଖିବାକୁ ମିଳିଛି।

ଛାଡ଼ିଲା ବନ୍ୟା; ବଢ଼ିଲା ଦୁର୍ଦ୍ଦଶା

ପଟୁ ମାଡ଼ି ୧ ହଜାର ହେକ୍ଟର ଫସଲ ନଷ୍ଟ

ବାରିପଦା, ୩୦।୯(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ସ୍ଥିତିରେ ସୁଧାର ଆସିଛି ସତ, କିନ୍ତୁ ବନ୍ୟାଜଳ ଖସିବା ପରେ ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଗଙ୍ଗାହାର, ସୋନ, ପଳପଳା, ନାହ୍ଲୁଆ ଖଦି ନଦୀର ଜଳସ୍ତର ଯଥେଷ୍ଟ ହ୍ରାସ ପାଇ ଜିଲ୍ଲାର ସାମଗ୍ରିକ ସ୍ଥିତି ସ୍ୱାଭାବିକ ଆଡ଼କୁ ଫେରୁଛି। ତେବେ ବନ୍ୟା ପାଣି ଛାଡ଼ିବା ପରେ ଚାଷ ଜମିରେ ବାଲି ଓ ପଟୁମାଟି ମାଡ଼ିଯାଇ ଧାନ ଫସଲ ନଷ୍ଟ ହୋଇଯାଇଥିବାରୁ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ, ଜିଲ୍ଲାର ପ୍ରାୟ ୧, ୦୦୬ ହେକ୍ଟର ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜସ୍ୱ, କୃଷି ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ଏକ ମିଳିତ ଟିମ୍ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ତଦନ୍ତ କରୁଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିର ନିୟମାବଳୀ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀ ତଥା ଘର ଭାଙ୍ଗିଥିବା ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ, ବନ୍ୟା ପରବର୍ତ୍ତୀ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ରିଲିଫ୍ ଓ ସ୍ୱାସ୍ଥ୍ୟସେବାକୁ ତ୍ୱରାନ୍ୱିତ କରିଛି। ପ୍ରଭାବିତ ଅଞ୍ଚଳରେ ଜଳବାହିତ ରୋଗ ନିୟନ୍ତ୍ରଣ ତଥା ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୧୧ଟି ସ୍ୱତନ୍ତ୍ର ମେଡିକାଲ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି।ରୋଗ ବ୍ୟାପିବା ରୋକିବା ପାଇଁ ପ୍ରଭାବିତ ଗ୍ରାମଗୁଡ଼ିକରେ ନଳକୂପ ଏବଂ ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବିଶୋଧନ କାର୍ଯ୍ୟ ଜୋରଦାର ଚାଲିଛି। ପଶୁଙ୍କ ସୁରକ୍ଷା ପାଇଁ ବେତନଟୀ, ବଡ଼ସାହି ଏବଂ ବାରିପଦା ପୌରାଞ୍ଚଳରେ ଏପର୍ଯ୍ୟନ୍ତ ପ୍ରାୟ ୪୦ ମେଟ୍ରିକ ଟନ୍ ଗୋ-ଖାଦ୍ୟ ବଣ୍ଟନ କରାଯାଇଛି। ସ୍ଥିତିରେ ଉନ୍ନତି ଆସିବା ପରେ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ ଥିବା ଏକ 'ଓଡ୍ରାଫ୍' ଟିମକୁ ଫେରାଇ ନିଆଯାଇଛି। ବର୍ତ୍ତମାନ ପ୍ରଶାସନର ମୁଖ୍ୟ ଫୋକସ୍ ପୁନରୁଦ୍ଧାର, କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ଏବଂ ପ୍ରଭାବିତଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ଉପରେ ରହିଛି।

ବନ୍ୟା ପରେ ମିଳୁନି ସହାୟତା

ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା

ବୈଶିଙ୍ଗା, ୩୦।୯(ସମିସ): ବନ୍ୟାଜଳ ଘେରରେ ତିନିଦିନ ଧରି ଜଳବନ୍ଦୀ ଜୀବନ କାଟିବା ପରେ ମଧ୍ୟ ଆବଶ୍ୟକ ସହାୟତା ମିଳି ନ ଥିବା ଅଭିଯୋଗ କରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି। ବେତନଟୀ ବ୍ଲକ ଅନ୍ତର୍ଗତ କଳମା ପଞ୍ଚାୟତର ବୁଢ଼ାବଳଙ୍ଗ ନଦୀକୂଳ କଣ୍ଟିପୁର ଗ୍ରାମର ଏଭଳି ଘଟଣା ଘଟିଛି।

ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଯୋଗୁଁ କଣ୍ଟିପୁର ଗ୍ରାମର ପ୍ରାୟ ୨୦୦ ପରିବାର ତିନିଦିନ ଧରି ଜଳବନ୍ଦୀ ହୋଇଥିଲେ। ଘରୁ ବାହାରିବା ପାଇଁ ରାସ୍ତା ନ ଥିବାରୁ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହ ଘରେ ମହଜୁଦ ଥିବା ଖାଦ୍ୟ ସାମଗ୍ରୀ ମଧ୍ୟ ଶେଷ ହୋଇଯାଇଥିଲା। ଫଳରେ ଚୁଡ଼ା, ଚାଉଳ ଓ ଅନ୍ୟାନ୍ୟ ରାସନ ସାମଗ୍ରୀ ଯୋଗାଡ଼ କରିବା ଅନେକ ପରିବାର ପାଇଁ କଷ୍ଟକର ହୋଇଥିଲା। ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ଗ୍ରାମର କିଛି ଅଞ୍ଚଳ ଏବେ ବି ଜଳବନ୍ଦୀ ଥିବା ଗ୍ରାମବାସୀ କହିଛନ୍ତି। ମଣିଷଙ୍କ ସହ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ଖାଦ୍ୟ ଯୋଗାଡ଼ କରିବାରେ ସମସ୍ୟା ଦେଖାଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ତିନିଦିନ ଧରି ଏଭଳି ପରିସ୍ଥିତି ରହିଥିଲେ ମଧ୍ୟ ଆବଶ୍ୟକ ପ୍ରଶାସନିକ ସହାୟତା ପହଞ୍ଚି ନ ଥିଲା। ଏପରିକି କୌଣସି ଜନପ୍ରତିନିଧି ମଧ୍ୟ ସେମାନଙ୍କ ସମସ୍ୟା ବୁଝିବାକୁ ଆସି ନ ଥିବା ସେମାନେ କହିଛନ୍ତି। ଏହାକୁ ନେଇ ମଙ୍ଗଳବାର ମଧ୍ୟାହ୍ନରେ କଣ୍ଟିପୁର ଗ୍ରାମର ଏକାଧିକ ମହିଳା କଳମା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବନ୍ୟା ବିପନ୍ନଙ୍କୁ ତୁରନ୍ତ ଖାଦ୍ୟ ସାମଗ୍ରୀ ଓ ଆବଶ୍ୟକ ସହାୟତା ଯୋଗାଇବା ସହ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ଧାରଣା ସମୟରେ ସରପଞ୍ଚଙ୍କ ଉପସ୍ଥିତିକୁ ନେଇ ମଧ୍ୟ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ପ୍ରତିବାଦ ସମୟରେ ସରପଞ୍ଚ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ପରିବାରର ଖାଦ୍ୟ, ପାନୀୟଜଳ ଓ ପଶୁଖାଦ୍ୟ ଆବଶ୍ୟକତା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଟ୍ରାନ୍ସଫର୍ମରରୁ ଚୋରି; ଅନ୍ଧାରରେ ଗ୍ରାମବାସୀ

ରାଇରଙ୍ଗପୁର, ୩୦।୯(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନୂସାଡିହି ପଞ୍ଚାୟତର ନୂଆସାହି (ସାନସାହି) ଗ୍ରାମ ଟ୍ରାନ୍ସଫର୍ମରରୁ ୨୮ ତାରିଖ ରାତିରେ ବିଦ୍ୟୁତ୍ ଯନ୍ତ୍ରାଂଶ ଚୋରି ହୋଇଛି। ଏ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଫଳରେ ସମଗ୍ର ଗାଁ ଅନ୍ଧାରରେ ରହିଛି। ବର୍ଷାଋତୁରେ ବିଷାକ୍ତ କୀଟପତଙ୍ଗଙ୍କ ଭୟ ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ଘଟିଛି। ଏହାର ମରାମତି କରାଯାଇ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ଦାବିରେ ଗ୍ରାମବାସୀ ବାମନଘାଟୀ ଉପଜିଲ୍ଲାପାଳ ଓ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଅଙ୍ଗନବାଡ଼ି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ

ରାସଗୋବିନ୍ଦପୁର, ୩୦।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ରରେ ଆଙ୍ଗନ କା ଉତ୍ସବ ପାଳିତ ହୋଇଛି। ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ଅଧକ୍ଷା ମାଳତୀ ମାରାଣ୍ଡିଙ୍କ ନେତୃତ୍ୱରେ ଭଦୁଆଶୋଳ ପଞ୍ଚାୟତର କୃଷ୍ଣଚନ୍ଦ୍ରପୁର ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଷଣ, ସ୍ୱଚ୍ଛତା, ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ସ୍ୱାସ୍ଥ୍ୟ ଯତ୍ନ ଓ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ସ୍ୱାବଲମ୍ବନ ଉପରେ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜନପ୍ରତିନିଧି, ଅଭିଭାବକ ଓ ହିତାଧିକାରୀ ମହିଳା ଯୋଗ ଦେଇଥିଲେ। ଅଙ୍ଗନବାଡି କର୍ମୀ ସୁମିତ୍ରା ସାହୁ, ସହକର୍ମୀ ସୁଖି ହେମ୍ବ୍ରମଙ୍କ ସହ ନଳଗଜା ସେକ୍ଟର ମହିଳା ପରିଦର୍ଶିକା ସୁଜାତା ପଣ୍ଡା ଗୋସ୍ୱାମୀ ଓ ପୋଷଣ ବ୍ଲକ ସଂଯୋଜକ ତପୁ ବାବୁ ସହଯୋଗ କରିଥିଲେ।

ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି'

ସାନକେରକୋ, ୩୦।୯(ସମିସ): ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସାନକେରକୋ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାନକେରକୋ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଆୟୋଜକ ଥିବାବେଳେ ସଭାପତି ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ଗିରି, ସାନକେରକୋ କ୍ଲଷ୍ଟରର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦୟାନିଧି ପ୍ରତିହାରୀ, ସମ୍ମାନିତ ଅତିଥ Oଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ପ୍ରଦୀପ ଦାସ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୀବ ମହାନ୍ତ, ସମାଜସେବୀ ଜିତେନ୍ ମହାନ୍ତ, ୱାଡ଼ମେମ୍ବର ପ୍ରଦୀପ ପ୍ରତିହାରୀ, ପ୍ରତାପପୁର ସିଆରସିସି ସଞ୍ଜୀବ ସାହୁ, ଯଦୁନାଥପୁର ସିଆରସିସି ଶାଙ୍କ କିସ୍କୁ, କମଳାଶୋଳ ସିଆରସିସି ସୁନୀଲ ମହାନ୍ତ, ଅବସରପ୍ରାପ୍ତ ଇଟମୁଣ୍ଡିଆ ସିଆରସିସି ମାନସ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯକ୍ରମରେ ୧୩ଟି ବିଦ୍ୟାଳୟର ୩୨୫ ମଧ୍ୟରୁ ୧୧୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ବକ୍ତୃତା, ବିତର୍କ, ଚିତ୍ରାଙ୍କନ, କୁଇଜ୍, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥଲେ।

ଲଞ୍ଚ ୱିଣ୍ଡୋଜ ଏଜୁକେସନ ଟ୍ରଷ୍ଟରେ ହିନ୍ଦୀ ଅଲିମ୍ପିଆଡ୍ ପରୀକ୍ଷା

ରାଇରଙ୍ଗପୁର, ୩୦।୯(ସମିସ): ଲଞ୍ଚ ୱିଣ୍ଡୋଜ ଏଜୁକେସନ ଟ୍ରଷ୍ଟ ପରିସରରେ ଅନ୍ତର୍ଜାତୀୟ ହିନ୍ଦୀ ଅଲିମ୍ପିଆଡ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ରନାଥ ଟାଗୋର ବିଶ୍ୱବିଦ୍ୟାଳୟ, ଭୋପାଳ, ମଧ୍ୟପ୍ରଦେଶ ଓ ବିଶ୍ୱରଙ୍ଗ ଫାଉଣ୍ଡେସନ ମିଳିତ ସହଯୋଗରେ ଓଡ଼ିଶାର ଆଇସେକ୍ଟ ଇଣ୍ଡିଆ ପରୀକ୍ଷା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପରୀକ୍ଷା କେନ୍ଦ୍ର ପରିଦର୍ଶକ ଭାବେ ଆଇସେକ୍ଟ ଇଣ୍ଡିଆର ରାଜ୍ୟ ସଂଯୋଜକ ସୁଧାଂଶୁ ନାୟକ ଯୋଗ ଦେଇଥିଲେ। ଲଞ୍ଚ ୱିଣ୍ଡୋଜ ଏଜ୍ୟୁକେଶନ ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ବେହେରା, ନିର୍ଦ୍ଦେଶକ ଆଶିଷ ଦଳେଇ, ରିତେଶ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲଞ୍ଚ ୱିଣ୍ଡୋଜ ଏଜୁକେସନ ଟ୍ରଷ୍ଟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଭାଷାଗତ ଜ୍ଞାନ, ପ୍ରତିଭା ବିକାଶ ଓ ଜାତୀୟ, ଆନ୍ତର୍ଜାତିକସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣକୁ ଉତ୍ସାହିତ କରାଯାଉଥିବାରୁ ଅଭିଭାବକ ଓ ଶିକ୍ଷାପ୍ରେମୀ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଗୀତାଞ୍ଜଳି ମହାକୁଡ଼, କଳ୍ପନା ସେନାପତି, ରଶ୍ମିତା ବେହେରା, କାଞ୍ଚନ ବେହେରା, ବବୁଲ ମାଝୀ, ଧନେଶ୍ୱର ମାରାଣ୍ଡି, ମୁନା ଷ୍ଟାର ପ୍ରମୁଖ ସହଯୋଗ କରିଥିଲେ।

ଠାକୁରମୁଣ୍ଡା ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ମହୁଲଡିହା, ୩୦।୯(ସମିସ): ଠାକୁରମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯାତାୟାତ ନିୟମ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଅବସରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଆଦିମ ସାୱନ୍ତ ସେମଲେଦ ଗ୍ରୁପର ଅନୁରାଧା ମାଝୀ ଓ ଭୁଗୁଲ ମାରାଣ୍ଡି, ଜେପିଏନ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ମୁର୍ମୁ, ବ୍ଲକ ଜୁନିୟର ରେଡକ୍ରସ ସଂଯୋଜକ ଅଭିଜିତ ବେହେରା ଯୋଗ ଦେଇଥିଲେ। କୁଣ୍ଡିଥର ଚେଡୁପୁର ସରପଞ୍ଚ ଅରବିନ୍ଦ ଚେଦେୟ ଯୋଗ ଦେଇଥିଲେ। ଠାକୁରମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ସଡ଼କ ସୁରକ୍ଷା କେବଳ ଏକ ନିୟମ ନୁହେଁ, ଏହା ଜୀବନ ରକ୍ଷାର ଏକ ଶ୍ରେଷ୍ଠ ମାଧ୍ୟମ। ଗାଡ଼ି ଚଳାଇବା ସମୟରେ ହେଲମେଟ ଓ ସିଟ ବେଲ୍ଟର ବ୍ୟବହାର, ନିଶା ପିଇଥିବାବେଳେ ଗାଡ଼ି ନ ଚଳାଇବା, ରାସ୍ତା ପାର ହେବା ବେଳେ ସାବଧାନତା ଅବଲମ୍ବନ କରିବା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା ବିଷୟରେ ବିଶେଷ ଭାବେ ବୁଝାଇଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ନିଜ ନିଜ ପରିବାର ଓ ପଡୋଶୀଙ୍କୁ ମଧ୍ୟ ଏହି ନିୟମ ପାଳନ କରିବା ପାଇଁ ଆଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସଫଳ କୁଇଜ୍ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ କାଉନସିଲର ମାର୍ଥା ବାର୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱବିଦ୍ୟାଳୟରେ ଗେଟ୍ ଓ ଜାମ୍ ପରୀକ୍ଷା ସଚେତନତା

ବାରିପଦା, ୩୦।୯(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଗେଟ୍ ଓ ଜାମ୍ ପରୀକ୍ଷାର ସୁଯୋଗ, ପ୍ରସ୍ତୁତି ଓ ସଫଳତା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାରିୟର କାଉନସେଲିଂ ଓ ପ୍ଲେସ୍‌ମେଣ୍ଟ ସେଲ୍‌ଫ ଓ ଆଇଆଇଟି ଖଡଗପୁର ଜୋନାଲ୍ ଅଫିସ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ନିଜେ ଆଇଆଇଟିରେ ପାଠ ପଢ଼ିଥିବାର ଉପଯୋଗିତା ଉପରେ ଆଲୋକପାତ ପୂର୍ବକ ଏହାର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଆଇଆଇଟି ଖଡଗପୁରର ପ୍ରଫେସର ତଥା ଗେଟ-ଜାମ୍ ୨୦୨୭ର ଅଧ୍ୟକ୍ଷ ପ୍ର ଅଜୟ ସିଦ୍‌ପାରା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ଗେଟ୍ ଓ ଜାମ୍ ପରୀକ୍ଷାର ପ୍ରକିୟା, ପରୀକ୍ଷା ପଦ୍ଧତି ଓ ସର୍ବୋପରି ଗେଟ୍ ପରୀକ୍ଷାର ଫଳାଫଳ ବା ଗେଟ୍ ସ୍କୋର୍‌ର ଉପକାରିତା ସମ୍ପର୍କରେ ଦୀର୍ଘ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ପ୍ରଫେସର ସିଦ୍‌ପାରା ଗେଟ୍ ସ୍କୋର ଦ୍ୱାରା କେବଳ ବିଭିନ୍ନ ଶ୍ରେଷ୍ଠ ପ୍ରତିଷ୍ଠାନରେ ଉଚ୍ଚଶିକ୍ଷା ନୁହେଁ, ବରଂ ବିଭିନ୍ନ ନିଯୁକ୍ତି, ଫେଲୋସିପ, ସ୍କଲାରଶିପ୍, ବାହାର ଦେଶରେ ଉଚ୍ଚଶିକ୍ଷାର ସୁଯୋଗ ରହିଛି, ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ୟାରିୟର କାଉନସେଲିଂ ଓ ପ୍ଲେସ୍‌ମେଣ୍ଟ ସେଲ୍‌ଫର ସଂଯୋଜକ ପ୍ରଫେସର ବିଶ୍ୱଜିତ ରଥ, ପ୍ଲେସ୍‌ମେଣ୍ଟ ସେଲ୍‌ଫର ସଦସ୍ୟ ଡ ଅମର ଦୋରା, କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ ଶାନ୍ତିସ୍ୱରୁପ ବସା, ବ୍ୟବସାୟ ପ୍ରଶାସନ ବିଭାଗର ସହକାରୀ ପ୍ରଫେସର ଡ ସୀତାରାମ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ବୈଶିଙ୍ଗା ଥାନାରେ ପୁଲିସ ସମିତି ବୈଠକ

ବୈଶିଙ୍ଗା, ୩୦।୯(ସମିସ): ବୈଶିଙ୍ଗା ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫଙ୍କ ଅଧ୍ୟକ୍ଷତାରେ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ଥାନୀୟ ସରପଞ୍ଚ, ବୁଦ୍ଧିଜୀବୀ, ମହିଳା ପ୍ରତିନିଧି ଓ ସାମ୍ବାଦିକ ଯୋଗଦେଇ ଅଞ୍ଚଳର ଆଇନଶୃଙ୍ଖଳା ଓ ଜନସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଚୋରି ଓ ଅନ୍ୟାନ୍ୟ ଅପରାଧ ରୋକିବା ପାଇଁ ଥାନା ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ବଢ଼ାଇବା, ସୀମାନ୍ତ ଅଞ୍ଚଳରେ ସନ୍ଦେହଜନକ ବ୍ୟକ୍ତି ଓ ଗତିବିଧି ଉପରେ ନଜର ରଖିବା, ପୁଲିସ-ଜନସାଧାରଣ ମଧ୍ୟରେ ନିୟମିତ ସମନ୍ୱୟ ରଖିବାକୁ ମତ ପ୍ରକାଶ ପାଇଥିଲା। ବିଭିନ୍ନ ଛକରେ ଅଚଳ ହୋଇପଡ଼ିଥିବା ସିସିଟିଭି କ୍ୟାମେରା ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ନାବାଳକଙ୍କ ଦ୍ୱାରା ଟ୍ରାକ୍ଟର ଚାଳନା ଉପରେ ନିୟମିତ ଯାଞ୍ଚ କରିବା ସହ ସଡ଼କ ସୁରକ୍ଷା ନିୟମ ପାଳନ ନେଇ ସଚେତନତା ବଢ଼ାଇବାକୁ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ବେଆଇନ ମଦ ଓ ଅନ୍ୟାନ୍ୟ ନିଶା କାରବାରକୁ ନେଇ ମଧ୍ୟ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଭଳି କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବା ସହ ନିଶାମୁକ୍ତ ସମାଜ ଗଠନ ପାଇଁ ପୁଲିସ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଥାନା ଅଧିକାରୀ ବାବା ଶଙ୍କର ସରାଫ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ।

ସେବା ସଂକଳ୍ପ ଅଭିଯାନକୁ ନେଇ ପଥପ୍ରାନ୍ତ ନାଟକ

କୁଆମରା, ୩୦।୯(ସମିସ): ଖୁଣ୍ଟା ଡିଗ୍ରୀ କଲେଜ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭାରତ ସରକାରଙ୍କ ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ନିମିତ୍ତ ଏକ ପଥପ୍ରାନ୍ତ ନାଟକ ଅଭିନୀତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର କାର୍ଯ୍ୟକଳାପ ମାଧ୍ୟମରେ ବିଭିନ୍ନ ଯୋଜନା ଉପରେ ଛାତ୍ରଛାତ୍ରୀ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିବା ସହ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। କ୍ରୀଡ଼ା ପ୍ରଶିକ୍ଷକ କିଶୋର ଦାସ, ମାର୍ଗଦର୍ଶିକା ଡଃ ହିରଣ୍ମୟୀ ଶତପଥୀ, ସହମାର୍ଗଦର୍ଶିକା ମଧୁସ୍ମିତା ପାଇନ, ଶିକ୍ଷା ବିଭାଗ ମୁଖ୍ୟ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଧ୍ୟାପିକା ବବିତା ମହାନ୍ତ ଓ ହେମନ୍ତ ଲୋହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରମୋଦ ମିଶ୍ର, ଗୋପା ସିଂହ, ମାନଗୋବିନ୍ଦ ଖିଲାର, ନିରୋଦା ବାରିକ, କଳ୍ପନା ପଣ୍ଡା, ତପନ ବାରିକ, ଅଶ୍ୱନୀ ମିଶ୍ର, ପ୍ରଦୀପ ବେହେରାଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

ମୃତକଙ୍କ ପରିବାରକୁ ବିଜେଡି ଜିଲ୍ଲା ସଭାପତିଙ୍କ ସହାୟତା

ସାରସକଣା, ୩୦।୯(ସମିସ): ସାରସକଣା ବ୍ଲକ ଜାଲାଦା ପଞ୍ଚାୟତର ପୁନସିଆ ଗ୍ରାମର ଚୁନୁ ନାଏକଙ୍କ ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁଁ ପୁନସିଆ ଗ୍ରାମର ଯୋଗୁଁ ଶ୍ରୀ ହରି ନାଏକଙ୍କ ସ୍ତ୍ରୀ ଚୁନୁ ନାଏକ ଶୋଇଥିବା ବେଳେ ହଠାତ୍ କାନ୍ଥଟି ଭୁଶୁଡ଼ି ପଡ଼ିଥିଲା। ଫଳରେ ତାଙ୍କର ମୃତ୍ୟୁ ହେଇଥିଲା। ମୃତ୍ୟବରଣ କରିବା ମହିଳାଙ୍କ ପରିବାର କୁ ଭେଟିଲେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଡାକ୍ତର ଦେବାଶିଷ ମାର୍ଣ୍ଡି ଏବଂ ବ୍ଲକ ସଭାପତି ମଣିଶଙ୍କର ବାରିକ, ବରିଷ୍ଠ ନେତା ଅଜୟ ମଣ୍ଡଳ, ରାଜ୍ୟ ସମ୍ପାଦକ ଦୀପକ ମଡୁଆଳ, କାଳିଆ, ମାନସ ନାଏକ, ପ୍ରମୁଖ। ଶ୍ରୀ ମାର୍ଣ୍ଡି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେବା ସହିତ କିଛି ଅର୍ଥ ସହାୟତା କରିଥିଲେ ଏବଂ ତହସିଲଦାରଙ୍କ ସହିତ ଫୋନ ଯୋଗେ କଥା ହୋଇ ଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରିବା ପାଇଁ କହିଥିଲେ। ତେବେ ଶ୍ରୀ ମାର୍ଣ୍ଡି ସେହି ଗ୍ରାମରେ ଅନ୍ୟ କିଛି ପରିବାର ସହିତ ଭେଟି ଗ୍ରାମର ସମସ୍ୟା ବିଷୟରେ ଶୁଣିଥିଲେ ଏବଂ ଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି କହିଥିଲେ।

କେନ୍ଦ୍ରୀୟ ସିଲ୍କ ବୋର୍ଡ ପକ୍ଷରୁ ମହିଳା ଟସର ଚାଷୀଙ୍କୁ ତାଲିମ

ମହୁଲଡିହା, ୩୦।୯(ସମିସ): ସେଣ୍ଟ୍ରାଲ ସିଲ୍କ ବୋର୍ଡ ପକ୍ଷରୁ ଟସର ହିତାଧିକାରୀ ପରିବାରର ମହିଳାଙ୍କୁ ସୂତା ରଙ୍ଗ କରିବା କୌଶଳ ଉପରେ ଦୁଇଦିନିଆ ତାଲିମ ଦିଆଯାଇଛି। ଠାକୁରମୁଣ୍ଡାରେ ସ୍ଥାପିତ ରେଶମ ସାଧନ କେନ୍ଦ୍ରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।୨୯ ଓ ୩୦ ତାରିଖ ଦୁଇଦିନ ଧରି ଏହି ତାଲିମ ପ୍ରଦାନ କରାଯାଇଛି। ଏଥିରେ ବୈଷୟିକ ତାଲିମଦାତା ଭାବେ ପ୍ରଦୀପ୍ତ ଶତପଥୀ ଯୋଗଦେଇ ମହିଳାଙ୍କୁ ପ୍ରାକୃତିକ ଓ ରାସାୟନିକ ପଦ୍ଧତିରେ ସୂତା ରଙ୍ଗ କରିବାର କୌଶଳ ଶିଖାଇଥିଲେ। ସିଏସବି କର୍ମଚାରୀ ଗୟାଧର ଦାସ ତାଙ୍କୁ ସହଯୋଗ କରିଥିଲେ। ଆରଆରଡିଓ ସମ୍ପାଦକ ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଏହି ତାଲିମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଟସର ସୂତାର ମୂଲ୍ୟ ବୃଦ୍ଧି ଓ ମହିଳାଙ୍କ ଆୟ ବୃଦ୍ଧିରେ ଏହି ତାଲିମ ସହାୟକ ହେବ ବୋଲି ତାଲିମଦାତା ସୂଚନା ଦେଇଥିଲେ। ଏହି ତାଲିମ ଆୟୋଜନରେ ମାଷ୍ଟର ଟ୍ରେନର ତିଲୋତ୍ତମା ଗୁଇଁ, ନମିତା ରାଉତ, ଜାନକୀ ଗିରି ପ୍ରମୁଖ ସହଯୋଗ କରିଥିଲେ।

ଆବାସ ସାତ ସପନ

ଭଙ୍ଗା କୁଡ଼ିଆରେ ବିତୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ

ମୋରଡ଼ା, ୩୦।୯(ସମିସ): ଚିତ୍ରଡା ପଞ୍ଚାୟତ ଗ୍ରାମାଞ୍ଚଳରୁ ଏନଏସି ମାନ୍ୟତା ପାଇଛି। ଲୋକେ ଭାବିଥିଲେ ସମସ୍ତଙ୍କୁ ସହର ଭଳି ସୁବିଧା ସୁଯୋଗ ମିଳିବ। ମାତ୍ର ଏବେ ବି ଲୋକେ ଅତି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ପ୍ରଶାସନିକ ଅବହେଳା କାରଣରୁ ଚିତ୍ରଡା ଏନଏସି ଅଧୀନରେ ଥିବା ୧୨ ନମ୍ବର ୱାର୍ଡର ବୃଦ୍ଧ ଦମ୍ପତି ସୁରେଶ ମହାକୁଡ଼ (୭୫) ଓ ତାଙ୍କ ସ୍ତ୍ରୀ ବାସନ୍ତୀ ମହାକୁଡ଼ (୭୧) ଭଙ୍ଗା କୁଡ଼ିଆରେ ଦୀର୍ଘଦିନ ଧରି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ତେବେ ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଭଳି ଯୋଜନା ରହିଥିଲେ ମଧ୍ୟ ଏଥିରୁ ସେମାନେ ବଞ୍ଚିତ ରହିଛନ୍ତି। ଭଙ୍ଗା ଘରେ ଦୁହେଁ ବିଭିନ୍ନ ଝଡ଼ବାତ୍ୟାକୁ ସାମ୍ନା କରିଛନ୍ତି। ତେବେ ଗତ କିଛିଦିନ ହେବ ଲଗାଣ ବର୍ଷାରେ ତାଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଫଳରେ ସେମାନେ ପର ପିଣ୍ଡାରେ ମୁଣ୍ଡ ଗୁଞ୍ଜୁଛନ୍ତି।

ଗତ କିଛିମାସ ପୂର୍ବରୁ ପଞ୍ଚାୟତ ସ୍ତରରେ ଅଧିକାରୀମାନେ ଆସି ଗୃହର ତଦନ୍ତ କରି ଯାଇଛନ୍ତି। ଘର ଖଣ୍ଡେ ପାଇଁ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଥିଲେ ମଧ୍ୟ ତାଙ୍କ ଗୁହାରି କେହି ଶୁଣୁ ନ ଥିବା ଉକ୍ତ ଦମ୍ପତି ଅଭିଯୋଗ କରିଛନ୍ତି। ତେବେ ଦୁଃଖର ବିଷୟ ସୁରେଶଙ୍କ ଗୋଟିଏ ଝିଅ ଥିବାବେଳେ ସେ ବିବାହ କରିସାରିଛନ୍ତି। ସୁରେଶ ଠିକ ଭାବେ ଦେଖିପାରୁ ନ ଥିବାବେଳେ ବାସନ୍ତୀ ମଧ୍ୟ କାମ କରିବାକୁ ଅକ୍ଷମ। ସେମାନଙ୍କର ଏକମାତ୍ର ଭରସା ମିଳୁଥିବା ଭତ୍ତା। ସୁରେଶଙ୍କ ପଡ଼ୋଶୀଙ୍କ କହିବା ମୁତାବକ ବର୍ଷା ପବନ ଆସିଲେ ଉକ୍ତ ଦମ୍ପତି ନିକଟସ୍ଥ ସ୍କୁଲ ଘରେ କିମ୍ବା ପଡୋଶୀ ଘରେ ଆଶ୍ରୟ ନେଇଥା'ନ୍ତି। ଆସବାବପତ୍ର ବର୍ଷାରେ ଓଦା ହୋଇଯାଇଥାଏ। ସେମାନେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ସୁରେଶଙ୍କୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ତୁରୁମୁଙ୍ଗା ପୋଷ୍ଟ ଅଫିସରେ ଜମାକାରୀଙ୍କ ଅସନ୍ତୋଷ

ଟଙ୍କା ଫେରସ୍ତ ଦାବିରେ ଅଧିକାରୀଙ୍କୁ କବାଟ କିଳିଦେଲେ

ତୁରୁମୁଙ୍ଗା, ୩୦।୯ (ସମିସ)

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୋଷ୍ଟ ଅଫିସରେ ଜମାକାରୀଙ୍କ ଲକ୍ଷଲକ୍ଷ ଟଙ୍କା ହଡ଼ପକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ନିଜ କଷ୍ଟାର୍ଜିତ ଟଙ୍କା ଫେରସ୍ତ ଦାବିରେ ଜମାକାରୀମାନେ ବୁଧବାର ତଦନ୍ତ ପାଇଁ ଆସିଥିବା ଡାକ ବିଭାଗର ଅଧିକାରୀ ଓ ପୋଷ୍ଟ ଅଫିସ କର୍ମଚାରୀଙ୍କୁ କିଛି ସମୟ ପାଇଁ ପୋଷ୍ଟ ଅଫିସ ଭିତରେ ରଖି ବାହାରୁ କବାଟ ଦେଇଥିଲେ। ତୁରୁମୁଙ୍ଗା ପୋଷ୍ଟ ଅଫିସରେ ଜମାକାରୀଙ୍କ ଟଙ୍କାକୁ ପୂର୍ବତନ ପୋଷ୍ଟମାଷ୍ଟର ବିଜ୍ଞାନ ନାଏକ ଉଠାଇ ନେଇଥିବା ଅଭିଯୋଗ ଆଣିଛନ୍ତି ଜମାକାରୀ। ଘଟଣା ସାମ୍ନାକୁ ଆସିବା ପରେ ପୋଷ୍ଟମାଷ୍ଟର ଫେରାର ହୋଇଯାଇଛନ୍ତି। ଟଙ୍କା ଫେରସ୍ତ ପାଇଁ ଜମାକାରୀ ପୋଷ୍ଟାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଟଙ୍କା ଫେରସ୍ତରେ ବିଳମ୍ବ ହେଉଥିବାରୁ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାର ତଦନ୍ତ ପାଇଁ ବୁଧବାର ପୋଷ୍ଟାଲ ଇନ୍ସପେକ୍ଟର ଗୌରବ ରଞ୍ଜନ ସେଠଙ୍କ ସମେତ ଡାକ ବିଭାଗର ଅନ୍ୟ କର୍ମଚାରୀ ତୁରୁମୁଙ୍ଗା ପୋଷ୍ଟ ଅଫିସକୁ ଆସିଥିବା ସମୟରେ ଜମାକାରୀମାନେ ଟଙ୍କା ଫେରସ୍ତ ଦାବିରେ ଅସନ୍ତୋଷ ପ୍ରକାଶ କରିବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ବାହାରୁ କବାଟ ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜମାକାରୀଙ୍କୁ ବୁଝାସୁଝା କରିଥିଲା। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତୁରନ୍ତ ତଦନ୍ତ ଶେଷ କରି ଜମାକାରୀଙ୍କ କଷ୍ଟାର୍ଜିତ ଟଙ୍କା ଫେରସ୍ତ କରିବାକୁ ଜମାକାରୀମାନେ ଦାବି କରିଥିବା ବେଳେ ଜମାକାରୀଙ୍କ ଟଙ୍କା ଠିକ ସମୟରେ ଫେରସ୍ତ କରାଯିବ ବୋଲି କେନ୍ଦୁଝର ଡାକ ବିଭାଗ ଅଧୀକ୍ଷକ ସର୍ବେଶ୍ୱର ବଳିଆର ସିଂ କହିଛନ୍ତି।

ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ, ପୁରନ୍ଦର ସୋରେନ, ଲକ୍ଷ୍ମୀଧର ରାଉତ, ସନ୍ତୋଷ ସାହୁ, ଗୋଲକ ଜେନା ମନୋନୀତ ହୋଇଛନ୍ତି। ସେମାନଙ୍କୁ ଆଜି ସନ୍ଧ୍ୟାରେ ଘସିପୁରା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସମ୍ବର୍ଦ୍ଧିତ କରାଯାଇଛି। ବିଜେପି ନେତା ଡ଼ ଶମ୍ଭୁନାଥ ରାଉତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଘସିପୁରା ଆମ୍ବ ସଭାପତି ପ୍ରଣବ ପୁହାଣ, ବିଜେପି ଯୁବମୋର୍ଚ୍ଚା ସଭାପତି ଅଜିତ ପୃଷ୍ଟି, କୃଷ୍ଣଚନ୍ଦ୍ର ପରିଡା, ବାବନ ଭୂଇଁଆଁ, ଶ୍ରୀଧର ମହାନ୍ତ, ରଞ୍ଜନ ସାହୁ, କମ୍ପାଳ ଓଝା, ବଳରାମ ସେନାପତି, ହରିହର ସାହୁ, ଆତୁଳ ରଣା, ବିନୋଦ ବେହେରା, ଗଜେନ୍ଦ୍ର ଜେନା, ଭୀମସେନ ସୋରେନ, ଲୋକନାଥ ମୁର୍ମୁ, ଶେଷନାଥ ଖିଲାର ପ୍ରମୁଖ ଯୋଗ ଦେଇଥିଲେ।

ସଫେଇ ମିତ୍ର ସୁରକ୍ଷା ଓ ସମ୍ମାନ ଶିବିର

କେନ୍ଦୁଝର, ୩୦।୯ (ସମିସ): ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସଫାଇ ମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର ଆଜି ଜିଲ୍ଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାର ସମସ୍ତ ସ୍ୱଚ୍ଛତା କର୍ମୀ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଏହାସହ ସ୍ୱଚ୍ଛତା ଶପଥ ପାଠ, ସ୍ୱଚ୍ଛତା କର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସୁରକ୍ଷା ଉପକରଣ ବଣ୍ଟନ, ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତିକରଣ, ସୁରକ୍ଷା ଉପକରଣ ବ୍ୟବହାର ଉପରେ ପ୍ରଦର୍ଶନ ସହ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂଘର ବାର୍ଷିକୋତ୍ସବ ପ୍ରସ୍ତୁତି

ଆନନ୍ଦପୁର, ୩୦।୯ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନର ପୁରାତନ ଶିକ୍ଷାନୁଷ୍ଠାନ ବି.ଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୧୮ ତାରିଖ ରବିବାର ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଆନନ୍ଦପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂଘର ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏନ୍. ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ତତସହିତ ସ୍କୁଲର ପୁରାତନ ଶିକ୍ଷକଙ୍କୁ ସମ୍ମାନିତ କରାଯିବ। ଆଗାମୀ କାର୍ଯ୍ୟକ୍ରମରେ ବି.ଏନ୍ ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେଇ ତାର ନିରାକରଣ ଦିଗରେ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସଂପାଦକ ଦିଲ୍ଲୀପ ସିଂହ, ନିରାକାର ଦଲେଇ, ଗଗନ ବିହାରୀ ସିଂ, ପ୍ରାଣବନ୍ଧୁ ସାହୁ, ଅଜୟ ହୋତା, ପଦ୍ମ ବାରିକ, ସନ୍ତୋଷ ସିଂ, କୈଳାସଚନ୍ଦ୍ର ନାୟକ, ଦେବବ୍ରତ ଚକ୍ରବର୍ତ୍ତୀ, ରାଜେନ୍ଦ୍ର ସାହୁ, ଅଶୋକ ରାଉତ, ବାବୁଲା ରାଉଲ, ସିପୁ ଦଲେଇ, ଘନଶ୍ୟାମ ମୁଦୁଲିଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

ନାବାଳକର ଆତ୍ମହତ୍ୟା

ତେଲକୋଇ, ୩୦।୯ (ସମିସ): ତେଲକୋଇ ଥାନା ପଡ଼ାଙ୍ଗ ଗ୍ରାମରେ ଜଣେ ନାବାଳକ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମିଟୁ ପେଣ୍ଡେଇଙ୍କ ମଝିଆ ପୁଅ ଅନିଲ (୧୭)। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

ଶିକ୍ଷକଙ୍କୁ ନେସନ ବିଲ୍ଡର ସମ୍ମାନ

କେନ୍ଦୁଝର, ୩୦।୯ (ସମିସ): ଇନରହୁଇଲ କ୍ଲବ ତରଫରୁ ରୋଟାରୀ ଭବନରେ ଗୁରୁପୂଜନ ନ୍ୟାସନାଲ ବିଲଡର ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨-୨୦୨୪-୨୫ର ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ମୁଖ୍ୟଅତିଥି, ଜୋନାଲ ଚେୟାର ପୂର୍ବତନ ସଭାପତି ରୋଟାରିୟାନ୍ ପ୍ରଶାନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚେୟାରମ୍ୟାନ୍ ରୋଟାରିୟାନ୍ ବସନ୍ତ ପୃଷ୍ଟି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଇନରହୁଇଲ କ୍ଲବର ସଭାପତି ଶ୍ରାବଣୀ ମହାପାତ୍ର, ସମ୍ପାଦକ ମିନତୀ ମହାପାତ୍ର ଗୁରୁଜୀମାନଙ୍କର ସମାଜ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସଭାନେତ୍ରୀ ନିରୁପମା ସ୍ୱାଇଁ ପରବର୍ତ୍ତୀ ସମୟରେ ଏହିପରି ଗୁରୁବନ୍ଦନା କାର୍ଯ୍ୟକ୍ରମକୁ ଅଧିକ ସଂଖ୍ୟାରେ ଲୋକଙ୍କ ପାଖରେ ପହଁଚାଇବାକୁ ପରାମର୍ଶ ଦେଇଥିଲେ। ସଂପାଦକ ଡାଃ ମମତା ମଞ୍ଜରୀ ଜେନା ଗୁରୁମାନଙ୍କର ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ଆଦର୍ଶ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ରୋଟାରିୟାନ୍ ଅଶ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଏମ୍‌ପିସି କଲେଜରେ ଜୋନ୍‌ସ୍ତରୀୟ କମର୍ସ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ

ବାରିପଦା,୩୦।୯ (ସମିସ): ଓଡ଼ିଶା କମର୍ସ ଆସୋସିଏସନ୍ ପକ୍ଷରୁ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଜୋନ୍‌ସ୍ତରୀୟ 'କମର୍ସ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୨୮୭ ଜଣ ବି କମ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଥିବା ଶ୍ରେଷ୍ଠ ଦୁଇଜଣ ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧୯ ଓ ୨୦ ତାରିଖରେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେଠାରେ ଓଡ଼ିଶା କମର୍ସ ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀ ଅବସରରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏମ୍‌ପିସି କଲେଜକୁ ଚୟନ କରାଯାଇଥିବାରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା ଆସୋସିଏସନ୍‌ର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ବାଣିଜ୍ୟ ବିଭାଗ ମୁଖ୍ୟ ଡ ଆଶୁତୋଷ ପ୍ରୟାସ ଦାଶଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳିତ ହୋଇଥିଲା। ବିଭାଗୀୟ ଅଧ୍ୟାପକ ଭୀମ ଚରଣ ମୁର୍ମୁ, ଶାକିଲା ମାଝୀ, ସୀମା ଅଗ୍ରୱାଲ, ମିନତୀ ବାସ୍କେ, ଡ ଅର୍ଜୁନ କୁମାର ସାହୁ ଓ ଡ ଅନାମ ଚରଣ ରାଉଳଙ୍କ ସମେତ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିରଦୋସ, କିରଣମୟୀ ମିଶ୍ର, ସୁଜାତା ବେହେରା ଓ ହିମାଂଶୁ ପ୍ରଧାନ ସହଯୋଗ କରିଥିଲେ।

ଅର୍ଥନୀତି ବିଭାଗର ସ୍ୱାଗତ ସମାରୋହ

ବାରିପଦା, ୩୦।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ଏବଂ ବିଭାଗର ଶିକ୍ଷା ପରିବେଶ ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ''ଇକୋନୋଭା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ନବାଗତ ଛାତ୍ରଛାତ୍ରୀ ଏବଂ ବରିଷ୍ଠ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗର ସାପ୍ତାହିକ ଅର୍ଥନୀତି ସେମିନାର ''ଅର୍ଥରେଖା' ର ଲୋଗୋ ବିଭାଗର ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ଉନ୍ମୋଚନ କରିଥିଲେ। ଏଥିସହିତ ବିଭାଗର ଉଭୟ ଶ୍ରେଣୀ ପାଇଁ କ୍ଲାସରୁମ୍ ପ୍ରତିନିଧି ଏବଂ ଆଗାମୀ ଶିକ୍ଷାବର୍ଷ ପାଇଁ ସେମିନାର ସେକ୍ରେଟାରୀ ଓ ଆସିଷ୍ଟାଣ୍ଟ ସେମିନାର ସେକ୍ରେଟାରୀଙ୍କର ଚୟନ କରାଯାଇଥିଲା।

ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା

ବଡ଼ସାହି,୩୦।୯ (ସମିସ): ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଡ଼ସାହି ତରଫରୁ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ବଡ଼ସାହି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପେନସନରମାନଙ୍କର ୧୨ ଦଫା ଦାବି ନେଇ ଧାରଣା ପ୍ରଦାନ ସହ ଜାତୀୟ ଦାବି ଦିବସ ପାଳନ କରାଯାଇଅଛି। ଏହି ଅବସରରେ ସେମାନେ ସମ୍ମିଳିତ ଭାବରେ ବିଡିଓ, ବଡ଼ସାହିଙ୍କ ପ୍ରକୋଷ୍ଠକୁ ଯାଇ ତାଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଲ୍ଲିଖିତ ୧୨ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଘର ସଭାପତି ରଣଜିତ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଅନନ୍ତ କୁମାର ଶତପଥୀ, କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ଦଣ୍ଡପାଟ, ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ସହ ସମ୍ପାଦକ ଶଙ୍କର୍ଷଣ ଛାଟିଆ, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର, ଉପଦେଷ୍ଟା ସନ୍ତୋଷ କୁମାର ବେହେରା, ସୁରେଶ ଚନ୍ଦ୍ର ଭୋଇ, ଭଗବାନ ବିଶ୍ୱାଳ, ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ, ମହିଳା ସଦସ୍ୟା ସୁରସୀ ପଣ୍ଡା, ଲତିକା ପାତ୍ର, ସଂଯୁକ୍ତା ରାଉତ ଆଦି ମୋଟ ୩୫ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ।

ସହିଦ ଭଗତ ସିଂହଙ୍କ ଜନ୍ମ ଦିବସ

ରାସଗୋବିନ୍ଦପୁର,୩୦।୯ (ସମିସ): ସିପିଆଇ(ଏମ୍) ଆଞ୍ଚଳିକ କମିଟି ଅମରଦା ଓ ନେତାଜୀ ଯୁବ ସାମ୍ମୁଖ୍ୟ, ତମ୍ବାଖୁରୀର ମିଳିତ ଆନୁକୂଲ୍ୟରେ ଅମରଦା ଓ ତମ୍ବାଖୁରୀଠାରେ ଶହୀଦ ଭଗତ ସିଂହଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭଗତ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଦସ୍ୟ ବିକର୍ତ୍ତନ କବି ଭଗତ ସିଂହଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ। ଆୟୋଜିତ ସଭାରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଦସ୍ୟ ପ୍ରଶାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗଦାଧର ସାହୁ, ବଂଶୀଧର ମଣ୍ଡଳ, ହାଡ଼ିବନ୍ଧୁ ପ୍ରମାଣିକ, ଗଦାଧର କବି, ଅଗଣା ବେହେରା, ସୁବଳ ଜେନା, ଜୟଗୋପାଳ ପରିଡ଼ା, ବିମଳ ସାହୁ, କାର୍ତ୍ତିକ ମଣ୍ଡଳ, ବାସନ୍ତୀ ସାହୁଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।

ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ବଡ଼ସାହି,୩୦।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମଚରଣ ହାଁସଦାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିବାର ଜଣାଯାଇଛି। ସେ ଜଣେ ଦୃଢ ସଂଗଠକ, ଧର୍ମ ପରାୟଣ,ଆଧ୍ୟାସିକ ଚିନ୍ତାଧାରାର ବ୍ୟକ୍ତି ଥିଲେ। ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ନେଇ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୨ ପୁଅ, ବିଧବା ପତ୍ନୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ଖବରପାଇ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ସାଧାରଣ ଲୋକ ଓ ନେତାମାନେ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ଗାଁ ତଥା ଆଖପାଖ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା

ବେତନଟୀ,୩୦।୯ (ସମିସ): ରାଜ୍ୟ କର୍ମଚାରୀ ମହାସଂଘର ଡାକରାରେ ସମଗ୍ର ରାଜ୍ୟବ୍ୟାପୀ ଅବସରପ୍ରାପ୍ତ କର୍ମଚାରୀଙ୍କ ପକ୍ଷରୁ 'ପ୍ରତିବାଦ ଦିବସ' ପାଳିତ ହୋଇଛି। ବୁଧବାର ବେତନଟୀ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସ୍ଥାୟୀ ବିଡିଓ ନଥିବାରୁ, କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଅରୁଣ କୁମାର ପୃଷ୍ଟିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଂଘ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଏବଂ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ମିଳିତ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେନସନ ବିରୋଧୀ ନୀତିର ସମାଲୋଚନା କରିଥିଲେ। ସଂସଦରେ ପାରିତ ପେନସନ ବିରୋଧୀ କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ଅଷ୍ଟମ ବେତନ କମିଶନର ବିଳମ୍ବିତ ସୁପାରିଶକୁ ନେଇ କ୍ଷୋଭ ପ୍ରକାଶ କରି ଏହା ବାର୍ଦ୍ଧକ୍ୟରେ ଉପନୀତ ପେନସନଧାରୀଙ୍କ ପାଇଁ ''ଆକାଶ କଇଁଆ ଚିଲିକା ମାଛ'' ସଦୃଶ ବୋଲି କହିଥିଲେ। ଏହି ଅବସରରେ ୧୮ ମାସର ବକେୟା ମହଙ୍ଗା ଭତ୍ତା (ଡିଏ) ପ୍ରଦାନ, ବସ୍, ରେଳ ଓ ବିମାନ ଯାତ୍ରାରେ ରିହାତି, ଉପଯୁକ୍ତ ସ୍?ାସ୍ଥ୍ୟ ଚିକିତ୍ସା ଭତ୍ତା, ୮ମ ବେତନ କମିଶନ ରିପୋର୍ଟ ଲାଗୁ ନହେବା ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଭତ୍ତା, ୬୦ ବର୍ଷ ପରେ ପ୍ରତି ୫ ବର୍ଷରେ ବର୍ଦ୍ଧିତ ଭତ୍ତା ପ୍ରଦାନ, ଜାତୀୟ ପେନସନ କମିଶନ ଗଠନ, ରାଜ୍ୟରେ ବନ୍ଦ ଥିବା ପେନସନ ଅଭିଯୋଗ ବିଭାଗର ପୁନଃ ପ୍ରଚଳନ, କମ୍ୟୁଟେଡ ପେନସନ ଅବଧିକୁ ୧୫ ବର୍ଷରୁ ୧୦ ବର୍ଷ ୮ ମାସକୁ ହ୍ରାସ ଏବଂ ପୁରୁଣା ପେନସନ ବ୍ୟବସ୍ଥା ପୁନଃ ଲାଗୁ କରିବା ଆଦି ପ୍ରମୁଖ ଦାବି ସମ୍ପର୍କରେ ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଆଲୋଚନା କରିଥିଲେ। ସଭାପତି ନନ୍ଦଗୋସ୍ୱାମୀ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଜନପ୍ରତିନିଧି ମାତ୍ର ବର୍ଷେ କାର୍ଯ୍ୟକାଳ ମଧ୍ୟରେ ଆଜୀବନ ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ ଜୀବନସାରା ସେବା କରିଥିବା ଅବସରପ୍ରାପ୍ତ କର୍ମଚାରୀ ନିଜ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଅଜୟ କୁମାର କର, କୃଷ୍ଣଚନ୍ଦ୍ର ନାୟକ, ଗଣେଶ ଚନ୍ଦ୍ର ସାହୁ, ଚିତ୍ତ ରଞ୍ଜନ ଖଟୁଆ, ଦୁର୍ଯୋଧନ ସିଂ ଓ ବାସୁଦେବ ନାପିତ ପ୍ରମୁଖ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ଆ ହ୍ୱାନ ଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ମୋଡିଫାଏଡ୍ ସାଇଲେନ୍ସର ଜବତ କରି ବୁଲ୍‌ଡୋଜର ଚଢ଼ାଇଲା ପୁଲିସ

ରାଇରଙ୍ଗପୁର,୩୦।୯ (ସମିସ): ସହରରେ ଶବ୍ଦ ପ୍ରଦୂଷଣ ରୋକିବା ତଥା ଦ୍ରୁତଗତିରେ ବାଇକ୍ ଚଳାଉଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ରାଇରଙ୍ଗପୁର ପୁଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ଛକ ଓ ରାସ୍ତାରେ ଯାଞ୍ଚ କଡ଼ାକଡ଼ି ଯାଞ୍ଚ କରି ପୁଲିସ ବିପୁଳ ପରିମାଣର ମୋଡିଫାଏଡ୍ ତଥା କାନଫଟା ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ଜବତ କରିବା ସହ ସେଗୁଡ଼ିକ ଉପରେ ବୁଲ୍‌ଡୋଜର ଚଢ଼ାଇ ସର୍ବସାଧାରଣରେ ନଷ୍ଟ କରିଛି। ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ରାଇରଙ୍ଗପୁର ସହର ତଥା ଏହାର ଆଖପାଖ ଅଞ୍ଚଳରେ କେତେକ ଯୁବକ ନିଜ ଦୁଇଚକିଆ ଯାନ, ବିଶେଷକରି ରୟାଲ ଏନ୍‌ଫିଲ୍ଡ (ବୁଲେଟ୍) ଓ ସ୍ପୋର୍ଟସ୍ ବାଇକ୍‌ର ମୂଳ ସାଇଲେନ୍ସର ବଦଳାଇ ବେଆଇନ ଭାବେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ବେପରୁଆ ଭାବେ ଗାଡ଼ି ଚଳାଉଥିଲେ। ଏହି ବିକଟାଳ ଶବ୍ଦ ଯୋଗୁଁ ରାସ୍ତାରେ ଯାଉଥିବା ସାଧାରଣ ଲୋକ, ବରିଷ୍ଠ ନାଗରିକ ଏବଂ ରୋଗୀ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ଏହାକୁ ଗୁରୁତ୍ୱର ସହ ନେଇ ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି ଏବଂ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ସହରର ମୁଖ୍ୟ ଛକମାନଙ୍କରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ କରିଥିଲା। ଯାଞ୍ଚ ବେଳେ ବେଆଇନ ସାଇଲେନ୍ସର ଲାଗିଥିବା ଗାଡ଼ିଗୁଡ଼ିକୁ ଅଟକାଇ ସେଥିରୁ ତୁରନ୍ତ ସାଇଲେନ୍ସର ଖୋଲି ଜବତ କରାଯାଇଥିଲା ଏବଂ ଆଇନ ଅନୁଯାୟୀ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଥିଲା। ପରେ ଅନ୍ୟ ବାଇକ୍ ଆରୋହୀଙ୍କୁ ସଚେତନ ଓ ଚେତାବନୀ ଦେବା ଉଦ୍ଦେଶ୍ୟରେ ଜବତ ସମସ୍ତ ବେଆଇନ ସାଇଲେନ୍ସର ଉପରେ ଥାନା ପରିସରରେ ରୋଲର କିମ୍ବା ବୁଲ୍‌ଡୋଜର ଚଢ଼ାଇ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି କୌଣସି ବ୍ୟକ୍ତି ନିୟମ ଉଲ୍ଲଙ୍ଘନ କରି ଏଭଳି ସାଇଲେନ୍ସର ବ୍ୟବହାର କରନ୍ତି, ତେବେ ତାଙ୍କ ବିରୋଧରେ ଆଗକୁ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ସହରରେ ଥିବା ଗ୍ୟାରେଜ୍ ଓ ମୋଡିଫିକେସନ୍ ଦୋକାନୀଙ୍କୁ ଏଭଳି ବେଆଇନ ସାଇଲେନ୍ସର ବିକ୍ରି କିମ୍ବା ଫିଟିଂ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ର ଏହି ପଦକ୍ଷେପକୁ ରାଇରଙ୍ଗପୁରବାସୀ ସାଧୁବାଦ ଜଣାଇଛନ୍ତି।

କାର୍ କାଚ ଭାଙ୍ଗି ବନ୍ଧୁକ ସହ ସାମଗ୍ରୀ ଲୁଟ୍

ବାରିପଦା, ୩୦।୯ (ସମିସ): ବାରିପଦା ନିକଟ ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ପର୍ଯ୍ୟଟନସ୍ଥଳୀରେ ଥିବା 'ଶିମିଳିପାଳ ପ୍ରକୃତି ନିବାସ'ର ମାଲିକ ତଥା ବାଲେଶ୍ୱର ପୁଲିସ ଲାଇନ ଛକର ବାସିନ୍ଦା ଜିଡିୟନ ସାଇମନଙ୍କ କାର କାଚ ଭାଙ୍ଗି ଦୁର୍ବୃତ୍ତମାନେ ଲାଇସେନ୍ସପ୍ରାପ୍ତ ପିସ୍ତଲ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଓ ଆତଙ୍କ ଖେଳିଯାଇଛି। ସୂଚନା ଅନୁଯାୟୀ, ଗତ ରବିବାର ବନ୍ୟାର ପ୍ରଭାବ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଶ୍ରୀ ସାଇମନ ନିଜ କାର୍ (ଓଡି୦୧ଏନ୍-୨୧୨୦) ଯୋଗେ 'ଶିମିଳିପାଳ ପ୍ରକୃତି ନିବାସ'କୁ ଯାଇଥିଲେ। ସେଠାରେ ସେ ଲୁଲୁଙ୍ଗ ପୋଲ ନିକଟରେ କିଛି ସମୟ ପାଇଁ କାରଟିକୁ ଛିଡ଼ା କରି କାର୍ଯ୍ୟବ୍ୟସ୍ତ ଥିଲେ। କିନ୍ତୁ ଫେରିବା ପରେ କେତେକ ଅଜ୍ଞାତ ଦୁର୍ବୃତ୍ତ ତାଙ୍କ କାରର କାଚ ଭାଙ୍ଗି ଗାଡ଼ି ଭିତରେ ଥିବା ତିନୋଟି ଲଗେଜ୍ ଲୁଟି ନେଇଥିବା ଦେଖିବାକୁ ପାଇଥିଲେ। ସେହି ତିନୋଟି ଲଗେଜ୍ ମଧ୍ୟରେ ତାଙ୍କର ଏକ ଲାଇସେନ୍ସପ୍ରାପ୍ତ ପିସ୍ତଲ ସମେତ ଅନ୍ୟାନ୍ୟ ଜରୁରୀ ଓ ମୂଲ୍ୟବାନ ସାମଗ୍ରୀ ଥିଲା। ଏ ନେଇ ଶ୍ରୀ ସାଇମନଙ୍କ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦିନଦ୍ୱିପ୍ରହରରେ ଏପରି ବନ୍ଧୁକ ସହ ସାମଗ୍ରୀ ଚୋରି ହେବା ଘଟଣା ସ୍ଥାନୀୟ ଲୋକଙ୍କ ସୁରକ୍ଷା ସହ ବନ୍ୟଜନ୍ତୁ ତସ୍କରୀ ବୃଦ୍ଧି ସମସ୍ତ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

ମନମୋହିଲା 'ସମକାଳ', ବହୁ ପ୍ରତିଭା ସମ୍ବର୍ଦ୍ଧିତ

ବାରିପଦା, ୩୦।୯ (ସମିସ)



ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ''ଆମେ ବାରିପଦା' ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ୯ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଭୁବନେଶ୍ୱରର ନାଟ୍ୟ ସଂସ୍ଥା 'ଅଜିତ' ଦ୍ୱାରା ପ୍ରଯୋଜିତ ତଥା ଶଙ୍କର ତ୍ରିପାଠୀଙ୍କ ରଚିତ ଏବଂ ଅମନଙ୍କ ନିର୍ଦ୍ଦେଶିତ ଚର୍ଚ୍ଚିତ ନାଟକ ''ସମକାଳ' ମଞ୍ଚସ୍ଥ ହୋଇଥିଲା। କଳାକାରମାନଙ୍କ ଜୀବନ୍ତ ତଥା ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରି ରଖିଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଡ଼. ମାୟା ଦାସ ସଂଯୋଜନା କରିଥିଲେ। ଆୟୋଜନ କମିଟିର ସଭାପତି ଡା. କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସର୍ବୋଚ୍ଚ ନ୍ୟାୟାଳୟର ସରକାରୀ ପ୍ଲିଡର ଜୀବନ କୁମାର ସାହୁ ଏବଂ ବିଶିଷ୍ଟ ଶିକ୍ଷାବିତ ମେଜର ଡ. କଳ୍ପନା ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ନାଟ୍ୟ ମହୋତ୍ସବର ସଫଳତା ନିମନ୍ତେ ଆୟୋଜକଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ''ନାଟ୍ୟ ସଙ୍ଗମ' ଉନ୍ମୋଚିତ ହୋଇଥିଲା। ଏହାର ସମ୍ପାଦନାରେ ଡ଼. ପୁଷ୍ପା ପାତ୍ର ଓ ଡ଼. ଅସୀମା ସାହୁ ସହଯୋଗ କରିଥିଲେ।

ଏହି ସମାରୋହରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ମୟୂରଭଞ୍ଜ ମହା ସମ୍ମାନ' ଓ 'ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହିତ ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ଚାମ୍ପିଅନ ତଥା ରନର୍ସ ଅପ୍ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ବାରିପଦା ତଥା ଜିଲ୍ଲାର ୧୮ ଜଣ ମଞ୍ଚ ଅଭିନେତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ତଥା କମିଟିର ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଡ. କଳ୍ପନା ଦାଶ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ଶ୍ରୀ ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA
www.sakalaepaper.com

ଆଜିର ରାଶିଫଳ

ମେଷ: ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

ବୃଷ: ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

ମିଥୁନ: ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

କର୍କଟ: ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

ସିଂହ: ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

କନ୍ୟା: ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

ବିଛା: ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

ଧନୁ: ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

ମକର: ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

କୁମ୍ଭ: ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

ମୀନ: ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୮୫୪- ଭାରତରେ ଡାକ ଟିକେଟ ପ୍ରଚଳନ ଆରମ୍ଭ ହେଲା।
- ୧୯୪୯- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ହେଲା।
- ୧୯୫୩- ଆନ୍ଧ୍ର ପ୍ରଦେଶ ରାଜ୍ୟ ହେଲା।
- ୧୯୬୭- ଭାରତୀୟ ପର୍ଯ୍ୟଟନ ବିକାଶ ନିଗମର ସ୍ଥାପନା ହେଲା।
- ୨୦୦୦- ସିଡ୍‌ନୀରେ ୨୭ତମ ଅଲିମ୍ପିକ୍ ଖେଳ ସମ୍ପନ୍ନ।

ବରିଷ୍ଠଙ୍କ ପାଇଁ ଦିନଟିଏ

ବରିଷ୍ଠ ନାଗରିକମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସମସ୍ୟା ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଭାବରେ ପାଳନ କରାଯାଏ। ଜାତିସଂଘ ପକ୍ଷରୁ ୧୯୯୦ ମସିହାରେ ଏହି ଦିନଟିକୁ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ୧୯୯୧ ମସିହା ଅକ୍ଟୋବର ୧ରେ ପ୍ରଥମ ଥର ପାଇଁ ଏହା ପାଳିତ ହୋଇଥିଲା। ବରିଷ୍ଠ ନାଗରିକମାନେ ସେମାନଙ୍କ ଜୀବନର ଅଧିକାଂଶ ସମୟ ପରିବାର, ସମାଜ ଏବଂ ଦେଶର ଗଠନ ପାଇଁ ଉତ୍ସର୍ଗ କରିଥାନ୍ତି। ଆମେ ଆଜି ଯେଉଁ ସମାଜରେ ବଞ୍ଚୁଛୁ, ତାର ମୂଳଦୁଆ ସେମାନେ ହିଁ ପକାଇଛନ୍ତି। ସେମାନଙ୍କର ସେହି ଅବଦାନ, ଅଭିଜ୍ଞତା ଓ ଜ୍ଞାନକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଏହି ଦିବସର ପ୍ରଥମ ଲକ୍ଷ୍ୟ। ଭାରତୀୟ ପରମ୍ପରାରେ ଘରର ବୟସ୍କ ବ୍ୟକ୍ତିମାନଙ୍କୁ ସମ୍ମାନ ଦେବାର ପରମ୍ପରା ରହିଛି। ବୟସ ବଢ଼ିବା ସହ ମଣିଷର ଅଭିଜ୍ଞତା ବି ବଢ଼େ। ଆଉ ସେହି ଅଭିଜ୍ଞ ଲୋକଙ୍କ ମେଳରେ ରହିଲେ କିଛି ନୂଆ, ଅଜଣା ଓ ଶିକ୍ଷଣୀୟ ବିଷୟ ଜାଣିବାକୁ ମିଳେ। ଯାହା ଇଣ୍ଟରନେଟ କିମ୍ବା କୌଣସି ସ୍ମାର୍ଟ ଡିଭାଇସ୍‌ରୁ ମିଳି ନ ଥାଏ। ଏହି ସତ୍ୟତା ଉପରୁ ମୁହଁ ଫେରାଇ ନେଇଛି ସ୍ୱାର୍ଥପର ମଣିଷ। ଏଥପାଇଁ ତ ବଢ଼ିଚାଲିଛି ବୃଦ୍ଧାଶ୍ରମ ଓ ସେବାଶ୍ରମ ଭଳି ସଂସ୍ଥା। ଯୌଥ ପରିବାରର ଗଡ଼ ବୋଲାଉଥିବା ଆମ ଭାରତରେ ବି ଏବେ ବୟସ୍କମାନେ ଅଲୋଡ଼ା। ଅନେକ ପରିବାରରେ ବାପା, ମାଆ ଯେତେବେଳେ ବୟସ୍କ ହୋଇଯାଉଛନ୍ତି, ସେତେବେଳେ ପୁଅଝିଅ ସେମାନଙ୍କୁ କୌଣସି ବୃଦ୍ଧାଶ୍ରମ ବା ମଠ, ମନ୍ଦିରରେ ଛାଡ଼ି ଦେଉଛନ୍ତି। ଆଉ ଯିଏ ଦୁର୍ଭାଗ୍ୟବଶତଃ ଘରେ ରହିଲେ, ସେ ପରିବାର ଲୋକଙ୍କ ଦ୍ୱାରା ମାନସିକ ଓ ଶାରିରୀକ ନିର୍ଯାତନା ଶିକାର ହେଉଛନ୍ତି। ବିଶେଷକରି ସହରଗୁଡ଼ିକରେ ଏପରି ଦେଖାଯାଉଛି। ବରିଷ୍ଠ ନାଗରିକମାନେ ହିଁ ଦେଶର ସମ୍ପତ୍ତି, ବୟସ୍କମାନେ ପରବର୍ତ୍ତୀ ପିଢ଼ିର ମାର୍ଗଦର୍ଶନ କରିଥାନ୍ତି। ସେମାନେ ଯେପରି ମର୍ଯ୍ୟାଦା ଓ ମାନସିକ ଶାନ୍ତି ସହ ଜୀବନଯାପନ କରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ସେମାନଙ୍କୁ ସମ୍ମାନ ଜଣାଇ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି ଅବସରରେ ବିଭିନ୍ନ ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଚେତନତା ଶୋଭାଯାତ୍ରା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଏ। ଅନେକ ସମୟରେ ବୟସ୍କମାନଙ୍କୁ 'ସମାଜ ପାଇଁ ଏକ ବୋଝ' ଭାବେ ଦେଖାଯାଏ, ଯାହା ସମ୍ପୂର୍ଣ୍ଣ ଭୁଲ୍। ବରିଷ୍ଠ ନାଗରିକଙ୍କ ପାଖରେ ଥିବା ପ୍ରଚୁର ଜ୍ଞାନ ଓ ଅନୁଭୂତି ଆଜିର ଯୁବପିଢ଼ି ପାଇଁ ମାର୍ଗଦର୍ଶକ ସଦୃଶ। ସମାଜର ବିଭିନ୍ନ ନିଷ୍ପତ୍ତି ପ୍ରକ୍ରିୟା, ସାମାଜିକ କାର୍ଯ୍ୟ ଏବଂ ପରିବାରରେ ସେମାନଙ୍କର ମତାମତକୁ ଗୁରୁତ୍ୱ ଦେଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସର ଅନ୍ୟତମ ବଡ଼ ଉଦ୍ଦେଶ୍ୟ। ଏହି ଦିବସ ଆମକୁ ମନେ ପକାଇଦିଏ ଯେ, ବୃଦ୍ଧାବସ୍ଥା ଜୀବନର ଶେଷ ନୁହେଁ, ବରଂ ଏକ ସମ୍ମାନଜନକ ପର୍ଯ୍ୟାୟ। ସେମାନଙ୍କୁ କେବଳ ସାହାଯ୍ୟ ନୁହେଁ, ବରଂ ସେମାନଙ୍କର ଅଧିକାର ଓ ସମ୍ମାନ ଫେରାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଚଳିତ ବର୍ଷ ଏହି ଦିବସର ମୁଖ୍ୟ ବିଷୟବସ୍ତୁ ରହିଛି "ଦୀର୍ଘାୟୁର ଯୁଗ: ଦୀର୍ଘ ଜୀବନ ପାଇଁ ବ୍ୟବସ୍ଥାର ପୁନର୍ବିଚାର।"

ନଭେମ୍ବର ୬ରେ 'ରାମାୟଣ'



ଭାରତୀୟ ସିନେମା ଜଗତର ସବୁଠାରୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ବିଦେଶରେ ଏହି ମେଗା ଚଳଚ୍ଚିତ୍ରର ବିତରଣ ଦାୟିତ୍ୱ ନେଇଥିବା ବିଶ୍ୱପ୍ରସିଦ୍ଧ ପ୍ରଯୋଜନା ସଂସ୍ଥା ସୋନି ପିକ୍ଚର୍ସ ନିକଟରେ ଫିଲ୍ମର ପ୍ରଥମ ଭାଗର ଟାଇଟଲ୍ ଏବଂ ମୁକ୍ତିଲାଭ ଦିନ ଘୋଷଣା କରି ସିନେପ୍ରେମୀଙ୍କ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି। ଏହି ଚଳଚ୍ଚିତ୍ରର ପ୍ରଥମ ଭାଗକୁ 'ରାମାୟଣ: ରାଇଜ୍ ଅଫ୍ ଏ ଲିଜେଣ୍ଡ' ନାମ ଦିଆଯାଇଛି। ନମିତ ମଲହୋତ୍ରାଙ୍କ ଦ୍ୱାରା ନିର୍ମିତ ଏହି ଭବ୍ୟ ଚଳଚ୍ଚିତ୍ରରେ ରଣବୀର କପୁର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ସେହିଭଳି ସାଇ ପଲ୍ଲବୀ ମାତା ସୀତା, କନ୍ନଡ଼ ସୁପରଷ୍ଟାର୍ ୟଶ୍ ରାବଣ ଏବଂ ସନ୍ନି ଦେଓ୍ୱଲ ହନୁମାନଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ସହ ଲକ୍ଷ୍ମଣ ଭୂମିକାରେ ରବି ଦୁବେ ନଜର ଆସିବେ। ଫିଲ୍ମଟି କେବଳ ଏକ ସାଧାରଣ ପୌରାଣିକ କାହାଣୀ ହେବ ନାହିଁ, ବରଂ ଏହା ବିଶ୍ୱସ୍ତରୀୟ ସିନେମାର ଅନୁଭୂତି ପ୍ରଦାନ କରିବ। ସୋନି ପିକ୍ଚର୍ସ ପକ୍ଷରୁ କୁହାଯାଇଛି ଯେ, "ମାନବ ଜାତିର ସବୁଠାରୁ ମହାନ କାହାଣୀ ଏବେ ବଡ଼ ପରଦାରେ ଜୀବନ୍ତ ହୋଇଉଠିବ।" ଫିଲ୍ମର ରିଲିଜ୍ ତାରିଖ ମଧ୍ୟ ଚଳିତ ବର୍ଷର ଦୀପାବଳି ସମୟକୁ ଧାର୍ଯ୍ୟ କରାଯାଇଛି। ଆସନ୍ତା ୬ ନଭେମ୍ବରରେ ଏହି ଚଳଚ୍ଚିତ୍ର ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହା ହିନ୍ଦୀ ଏବଂ ଇଂରାଜୀ ସମେତ ବିଭିନ୍ନ ଆନ୍ତର୍ଜାତୀୟ ଭାଷାରେ ଆଇମାକ୍ସ ଥ୍ରୀଡି ଏବଂ ପ୍ରିମିୟମ ଲାର୍ଜ ଫର୍ମାଟରେ ରିଲିଜ୍ ହେବ।

ଭଡ଼ାରେ ପରିବାର

ଜାପାନରେ ଆଜିର ସମୟରେ ଏକଲାପଣ ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ବହୁ ସଂଖ୍ୟାରେ ବୃଦ୍ଧବୃଦ୍ଧା ଏବଂ ଯୁବପିଢ଼ି ଏକାକୀ ଜୀବନ ବିତାଉଛନ୍ତି। ଏହି ଏକଲାପଣକୁ ଦୂର କରିବା ପାଇଁ ଲୋକେ ଏଜେନ୍ସି ମାଧ୍ୟମରେ କିଛି ଘଣ୍ଟା ପାଇଁ ନକଲି ପରିବାର ଭଡ଼ାରେ ଆଣୁଛନ୍ତି, ଯେଉଁମାନେ ସେମାନଙ୍କ ସହ ସମୟ ବିତାନ୍ତି, ପାର୍କ ବୁଲିବାକୁ ଯାଆନ୍ତି ଏବଂ ସାଂସାରିକ ଜୀବନର ଅଭାବକୁ କିଛି ମାତ୍ରାରେ ପୂରଣ କରନ୍ତି। ଜାପାନୀ ସମାଜରେ ସାମାଜିକ ପ୍ରତିଷ୍ଠା ଏବଂ ପରମ୍ପରାକୁ ବହୁତ ଗୁରୁତ୍ୱ ଦିଆଯାଏ। ଯଦି କାହାର ବିବାହ ଉତ୍ସବରେ ଯୋଗଦେବା ପାଇଁ ପର୍ଯ୍ୟାପ୍ତ ବନ୍ଧୁ କିମ୍ବା ସମ୍ପର୍କୀୟ ନ ଥାନ୍ତି, ତେବେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ସେମାନେ ନକଲି ଅତିଥି ଭଡ଼ାରେ ଆଣନ୍ତି। ସେହିପରି, ସ୍କୁଲରେ ପିଲାଙ୍କ ନାମଲେଖା ପାଇଁ ସିଙ୍ଗଲ୍ ମଦର ବା ଫାଦରମାନେ ନକଲି ସ୍ୱାମୀ/ସ୍ତ୍ରୀ ଭଡ଼ାରେ ନେଇଥାନ୍ତି, ଯଦ୍ୱାରା ସମାଜ ସେମାନଙ୍କୁ ଦୁର୍ବଳ ବୋଲି ନ ଭାବୁ। ଜାପାନରେ ଏଥିପାଇଁ ଅନେକ ବଡ଼ ବଡ଼ କମ୍ପାନି କାମ କରୁଛନ୍ତି। ଏହି କମ୍ପାନିଗୁଡ଼ିକ ପାଖରେ ହଜାର ହଜାର ପ୍ରଫେସନାଲ୍ ଅଭିନେତା ଥାଆନ୍ତି। ଗ୍ରାହକମାନେ ନିଜର ଆବଶ୍ୟକତା, ବୟସ ଏବଂ ପସନ୍ଦ ଅନୁସାରେ ଏଜେନ୍ସି ମାଧ୍ୟମରେ ଅଭିନେତା ଚୟନ କରିପାରନ୍ତି। ସାକ୍ଷାତକାର ପୂର୍ବରୁ ଏଜେନ୍ସି ପକ୍ଷରୁ ଅଭିନେତାଙ୍କୁ ସମ୍ପୂର୍ଣ୍ଣ କାହାଣୀ, ଗ୍ରାହକଙ୍କ ସହ ସମ୍ପର୍କ ଏବଂ ବ୍ୟବହାର ବିଷୟରେ ଭଲ ଭାବେ ବୁଝାଇ ଦିଆଯାଏ। ୧୯୯୦ ଦଶକରୁ ଜାପାନରେ ଚାଲିଆସୁଥିବା ଏହି ସେବାର ମୂଲ୍ୟ ଘଣ୍ଟା ପ୍ରତି ୩,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ। ଏହି ଅଭିନେତାମାନେ ଏଭଳି ଅଭିନୟ କରନ୍ତି, ଯେମିତି କେହି ଜାଣିପାରିବେ ନାହିଁ ଯେ ସେମାନେ ପରିବାରର ସଦସ୍ୟ ନୁହନ୍ତି। ଏହା ବ୍ୟତୀତ ସେମାନଙ୍କ ଖାଇବା ଏବଂ ବୁଲିବା ଖର୍ଚ୍ଚ ମଧ୍ୟ ଗ୍ରାହକଙ୍କୁ ବହନ କରିବାକୁ ହୁଏ। ଏହି ବ୍ୟବସାୟ ଜାପାନରେ ଖୁବ୍ ସଫଳ ହେଉଥିଲେ ମଧ୍ୟ ଏହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାନସିକ ରୋଗ ବିଶେଷଜ୍ଞଙ୍କ ମତରେ, ଏଭଳି ମିଛିମିଛିକା ସମ୍ପର୍କ ଲୋକଙ୍କୁ କିଛି ସମୟ ପାଇଁ ଆଶ୍ୱାସନା ଦେଇଥାଏ ସତ କିନ୍ତୁ ଦୀର୍ଘ ଅବଧିରେ ଏହା ମଣିଷକୁ ଆହୁରି ଏକାକୀ କରିଦିଏ।

ସୁଶ୍ରୀ

ତ୍ୱଚା ପାଇଁ କୋକୋନଟ୍ ମିଷ୍ଟ

ଶୁଷ୍କ ଏବଂ ରୁକ୍ଷ ତ୍ୱଚାକୁ ନେଇ ଅଧିକାଂଶ ମହିଳା ଚିନ୍ତିତ ଥାନ୍ତି। ଏଥିପାଇଁ ଅନେକ ମହିଳା ଦାମୀ ପ୍ରସାଧନ ସାମଗ୍ରୀ ଲଗାଇଥାନ୍ତି। ହେଲେ ପ୍ରାକୃତିକ ଉପାୟରେ ଏହାର ସମାଧାନ କରିବାକୁ ଚାହୁଁଥିଲେ ଏଥିପାଇଁ ଘରେ କୋକୋନଟ୍ ମିଷ୍ଟ ପ୍ରସ୍ତୁତ କରି ଲଗାଇପାରିବେ। ଏହା ତ୍ୱଚାକୁ ପୋଷଣ ଦେବା ସହ ଚମକ ଆଣିଥାଏ।

- ଏକ ପାତ୍ରରେ ନଡ଼ିଆ ପାଣି ନେଇ ଏଥିରେ ଗୋଲାପଜଳ ଏବଂ ଆଲୋଭେରା ଜେଲ ପକାଇ ଭଲରେ ଗୋଳାନ୍ତୁ।
- ମିଶ୍ରଣ ହୋଇଯିବା ପରେ ଏଥିରେ ଭିଟାମିନ୍ ଇ- ଅଏଲ୍ ଏବଂ ଟି -ଟ୍ରି ଅଏଲ୍ ମିଶାନ୍ତୁ।
- ଏହି ମିଶ୍ରଣକୁ ଛାଣି ଏକ ବୋତଲରେ ଷ୍ଟୋର କରନ୍ତୁ।
- ଚାହିଁଲେ ଏହାକୁ ଏକ ବାୟୁରୋଧୀ ବୋତଲରେ ଭର୍ତ୍ତି କରିପାରିବେ।
- ଏହାପରେ ଏହାକୁ କିଛି ସମୟ ଫ୍ରିଜ୍‌ରେ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ।
- ଏହାପରେ ଆବଶ୍ୟକ ଅନୁସାରେ ଏହାକୁ ତ୍ୱଚାରେ ସ୍ପ୍ରେ କରିପାରିବେ।

ଓଡ଼ିଆ ରୋଷେଇ ଘର

ଜହ୍ନି ଆଳୁ ତାଟିଆ ବସା



ଆବଶ୍ୟକ ସାମଗ୍ରୀ

ଜହ୍ନି – ୨୫୦ ଗ୍ରାମ୍, ଆଳୁ- ଦୁଇଟି, କଟା ପିଆଜ – ଅଧା କପ୍, କଟା ଟମାଟୋ – ଏକ କପ୍, ଧଳା ସୋରିଷ – ଏକ ଚାମଚ, କଳା ସୋରିଷ– ଏକ ଚାମଚ, କଞ୍ଚା ଲଙ୍କା – ଦୁଇଟି, ରସୁଣ ଛେଚା – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, ଗରମ ମସଲା ଗୁଣ୍ଡ – ଅଧା ଚାମଚ, ଚିନାବାଦାମ – ଅଧା କପ୍, ଲୁଣ –ସ୍ୱାଦ ଅନୁସାରେ ତେଲ – ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି

ଜହ୍ନିରୁ ଶିରାଗୁଡ଼ିକୁ କାଢ଼ି ଛୋଟ ଖଣ୍ଡରେ କାଟି ଧୋଇ ରଖନ୍ତୁ। ଏହାପରେ ଆଳୁକୁ କାଟି ଧୁଅନ୍ତୁ। ଗ୍ରାଇଣ୍ଡିଂ ଜାର୍‌ରେ କଳା ଧଳା ସୋରିଷ ସହ ଚିନାବାଦାମ ଦେଇ ଗ୍ରାଇଣ୍ଡ କରନ୍ତୁ। ଏହାପରେ ଏକ ପାତ୍ର ନେଇ ସେଥିରେ ଜହ୍ନି ଆଳୁ ଦେଇ ସୋରିଷ ବଟା ଲଙ୍କାଗୁଣ୍ଡ, ଲୁଣ, ପିଆଜ, ଟମାଟୋ ତେଲ ଦେଇ ଭଲରେ ଗୋଳାନ୍ତୁ। ଗ୍ୟାସ୍ ଲଗାଇ କଡ଼ାଇ ବସାଇ ଗୋଳାଇ ରଖିଥିବା ଏହି ଜହ୍ନିକୁ ଦେଇ ଉପରେ ସାମାନ୍ୟ ରସୁଣ ଛେଚା ପକାଇ ଘୋଡ଼ାଇ ଦିଅନ୍ତୁ। ଏହାପରେ ଢାଙ୍କୁଣି ଖୋଲି ଏପାଖ ସେପାଖ କରନ୍ତୁ। ଜହ୍ନିରୁ ପାଣି ବାହାରି ଫୁଟିଗଲା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଜହ୍ନି ଆଳୁ ତାଟିଆ ବସା'।

ଉତ୍ତର-ପୂର୍ବର ପାରମ୍ପରିକ ପରିଧାନ

ପାରମ୍ପରିକ ପରିଧାନ କହିଲେ ଶାଢ଼ି, ଲେହେଙ୍ଗା, ସାଲ୍‌ୱାର୍ କମିଜ୍ କଥା ସମସ୍ତେ ଭାବନ୍ତି। ହେଲେ ଉତ୍ତର-ପୂର୍ବ ଭାରତରେ ଏନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାର ପାରମ୍ପରିକ ପରିଧାନରେ ଏହାର ସମୃଦ୍ଧ ସଂସ୍କୃତି, ଜନଜାତି ଏବଂ ଅପୂର୍ବ ବୟନକଳା ପ୍ରଦର୍ଶିତ ହୋଇଥାଏ। ଆସାମରୁ ଅରୁଣାଚଳ ପ୍ରଦେଶରେ ପ୍ରଚଳିତ କିଛି ପାରମ୍ପରିକ ପରିଧାନକୁ ନେଇ ଏହି ଉପସ୍ଥାପନା।

ଆପଟାନି

ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ଥିବା ଆପଟାନି ଜନଜାତିଙ୍କ ପାରମ୍ପରିକ ପରିଧାନ ଭାବେ ଏହା ପରିଚିତ। ଏହି ପାରମ୍ପରିକ ପୋଷାକରେ ସିଧା ଗାର ଏବଂ ଜ୍ୟାମିତିକ ଆକୃତି ଦେଖିବାକୁ ମିଳିଥାଏ। ନାଲି, ନେଳି, ହଳଦିଆ, କଳା, ଧଳା ଭଳି ରଙ୍ଗ ବ୍ୟବହାର କରାଯାଏ। ଆପଟାନି ବୁଣାକାର୍ଯ୍ୟ କେବଳ ଗୋଟିଏ ପ୍ରକାରର କପଡ଼ାରେ ସୀମିତ ନୁହେଁ, ଏହା ଡ୍ରେସ୍, ବ୍ୟାଗ୍ ଏବଂ ଓଢ଼ଣୀରେ ଦେଖିବାକୁ ମିଳିଥାଏ। ଏଥିପାଇଁ ଏହି ଡିଜାଇନ୍‌କୁ ବର୍ତ୍ତମାନ ଫେଶନରେ ଆପଣାଯାଇପାରିବ।

ମେଖଳା ଚାଦର

ଆସାମର ପାରମ୍ପରିକ ପରିଧାନ ଭାବେ ଏହା ବେଶ୍ ପରିଚିତ। ବିଶେଷ କରି ଆସାମ ମହିଳାମାନେ ଏହାକୁ ପରିଧାନ କରିଥାନ୍ତି। ଏହା ଶାଢ଼ି ଭଳି ଦୃଶ୍ୟମାନ ହେଲେ ମଧ୍ୟ ଏହା ଶାଢ଼ିଠୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ମୁଖ୍ୟତଃ ଦୁଇଟି ଅଂଶ ଥାଏ। ଅଣ୍ଟାରୁ ତଳକୁ ପିନ୍ଧା ଯାଉଥିବା ଅଂଶକୁ ମେଖଳା କୁହାଯାଉଥିବାବେଳେ ଶରୀରର ଉପର ଅଂଶରେ ପିନ୍ଧାଯାଉଥିବା ଅଂଶକୁ ଚାଦର କୁହାଯାଏ। ଏହା ଆସାମର ପ୍ରସିଦ୍ଧ ମୁଗା, ଏରି ଏବଂ ପାଟ୍ ସିଲ୍‌କରେ ପ୍ରସ୍ତୁତ କରାଯାଏ। ଏଥିରେ ଆସାମର ପ୍ରକୃତି, ଜୀବଜନ୍ତୁ ଏବଂ ପାରମ୍ପରିକ ଜାପି ସହ ଫୁଲ ଚିତ୍ର ବୁଣାଯାଇଥାଏ।

ଜୈନସେମ୍

ମେଘାଳୟ ଖାସି ଜନଜାତି ମହିଳାଙ୍କ ପାରମ୍ପରିକ ପୋଷାକ ଭାବେ ଏହା ଜଣାଯାଏ। ଏହା ସେମାନଙ୍କ ସାଂସ୍କୃତିକ ପରିଚୟ, ଗୌରବ ଏବଂ ମର୍ଯ୍ୟାଦାର ପ୍ରତୀକ। ବିନା ସିଲେଇରେ ନିର୍ମିତ ଏହା ଦୁଇଟି ପୃଥକ୍ କପଡ଼ାର ସମାହାର। ଏହାକୁ ଶରୀର ଦୁଇପାର୍ଶ୍ୱରୁ ଗଣ୍ଠି ପକାଇ ପିନ୍ଧାଯାଏ। ଏହା କାନ୍ଧରୁ ଆଣ୍ଠୁ ଯାଏ ଢିଲା ହୋଇ ରହିଥାଏ। ଏଥିସହ ଆରାମଦାୟକ ମଧ୍ୟ ଲାଗିଥାଏ। ଏହାକୁ ମେଘାଳୟର ପାରମ୍ପରିକ ମୁଗା, ଏରି, ପ୍ରାକୃତିକ ସୂତାରେ ବୁଣାଯାଏ। ଏହା ଦେଖିବାକୁ ସୁନ୍ଦର ବର୍ଡର ଡିଜାଇନ୍ ପାଇଁ ଆକର୍ଷଣୀୟ ଦିଶିଥାଏ।

ଡକମାଣ୍ଡା

ମେଘାଳୟ ଗାରୋ ଜନଜାତି ମହିଳାଙ୍କର ପାରମ୍ପରିକ ପୋଷାକ ଭାବେ ଡକମାଣ୍ଡା ପରିଚିତ। ଏହାକୁ ହାତରେ ବୁଣି ପ୍ରସ୍ତୁତ କରାଯାଏ। ଏହାକୁ ଶାଢ଼ି ଭଳି ଅଣ୍ଟାରେ ଗୁଡ଼ାଇ ପିନ୍ଧାଯାଏ। ଏହା ଏକ ପ୍ରକାର ରାପଆରାଉଣ୍ଡ ସ୍କର୍ଟ୍। ଏହାକୁ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଏବଂ ସ୍କର୍ଟ୍ ସହ ପିନ୍ଧାଯାଏ। ଏହାର ଚଉଡ଼ା ଧଡ଼ି ଏବଂ ଡିଜାଇନ ଏହାକୁ ସ୍ୱତନ୍ତ୍ର ଆକର୍ଷଣୀୟ କରିଥାଏ। ଏଥିରେ ବ୍ୟବହୃତ ରଙ୍ଗ ଚମକଯୁକ୍ତ ହୋଇଥାଏ। ଏହାର ଡିଜାଇନ ଗାରୋ ଜନଜାତି ପରମ୍ପରା ଏବଂ ସାଂସ୍କୃତିକ ପରିଚୟ ସହ ମଧ୍ୟ ଜଡ଼ିତ। ଏହାକୁ ୨୦୨୩ ମସିହାରେ ଭୌଗୋଳିକ ମାନ୍ୟତା ମଧ୍ୟ ମିଳିଛି।

ରିଗନାଇ, ରିସା

ତ୍ରିପୁରା ଜନଜାତି ମହିଳାଙ୍କ ପାରମ୍ପରିକ ପରିଧାନ ଭାବେ ରିଗନାଇ ଏବଂ ରିସାର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ସଂସ୍କୃତି, କଳା ଏବଂ ପରିଚୟର ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ତିନୋଟି ଭାଗକୁ ନେଇ ନିର୍ମିତ। ରିଗନାଇ ହାତବୁଣା ସ୍କର୍ଟ୍ ଏବଂ ଲୁଙ୍ଗି ଭଳି ହୋଇଥାଏ। ଏହାକୁ ଅଣ୍ଟାରେ ଗୁଡ଼ାଇ ପିନ୍ଧାଯାଏ। ସେହିପରି ରିସା ଶରୀରର ଉପର ଭାଗରେ ପିନ୍ଧା ଯାଉଥିବା ଏକ ଛୋଟ ହାତବୁଣା କପଡ଼ା। ତ୍ରିପୁରା ପରମ୍ପରାରେ ରିସାର ଏକ ଗୁରୁତ୍ୱରୂର୍ଣ୍ଣ ସ୍ଥାନ ରହିଛି। ପାରମ୍ପରିକ ରିସାକୁ ଭୌଗୋଳିକ ମାନ୍ୟତା ମଧ୍ୟ ମିଳିଛି। ଅବଶ୍ୟ ସମ୍ପ୍ରଦାୟ ଅନୁସାରେ ଏହାର ରଙ୍ଗ ଏବଂ ଡିଜାଇନ୍ ଭିନ୍ନ ଥାଏ।

ଆଇଚି-ନାଗୋୟା ଏସିଆନ ଗେମ୍ସ

ତୀରନ୍ଦାଜୀରେ କ୍ଲିନ୍‌ସୁଇପ୍, ନୀରୁଙ୍କ ଦ୍ୱିତୀୟ ସ୍ୱର୍ଣ୍ଣ

ଟୋକି, ୩୦।୯ (ଏଜେନ୍ସି):

ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣର ଦ୍ୱାଦଶ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କ୍ରୀଡ଼ାବିତ୍‌ମାନେ ଦ୍ୱାଦଶ ଦିବସରେ ମୋଟ୍ ୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ୩ଟି କାଂସ୍ୟ ପଦକ ରହିଛି। ବିଶେଷ କରି ଭାରତୀୟ ତୀରନ୍ଦାଜଙ୍କ ଲାଗି ବୁଧବାର ସ୍ମରଣୀୟ ରହିଥିଲା। କମ୍ପାଉଣ୍ଡର ତିନୋଟିଯାକ ଦଳଗତ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣପଦକ କ୍ଲିନସୁଇପ୍ କରିନେଇଥିଲା। ଭାରତର ପୁରୁଷ, ମହିଳା ଓ ମିକ୍ସଡ କମ୍ପାଉଣ୍ଡ ଟିମ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଏଥିସହ ଏହି ତିନୋଟି ଦଳ ୨୦୨୮ ଅଲିମ୍ପିକ୍ସକୁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିବସର ଚତୁର୍ଥ ସ୍ୱର୍ଣ୍ଣ ପଦକ ସୁଟିଂରୁ ଆସିଥିଲା। ନୀରୁ ଧଣ୍ଡା ଓ କ୍ୟାନନ ଚେନାଇଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟ୍ରାପ୍ ଟିମ୍ ୩୪ଟି ସଫଳ ଲକ୍ଷ୍ୟ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଗତକାଲି ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ପୋଡିୟମ ଶୀର୍ଷରେ ରହିଥିବା ନୀରୁ ଏଥିସହ ଡବଲ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବକ୍ସିଂରେ ପ୍ରିୟା ଘଙ୍ଘାସ ଓ କପିଳ ପୋଖରିୟା ଏବଂ ରେସଲିଂରେ ସୁନିଲ କୁମାର କାଂସ୍ୟ ପଦକ ଜିତିଛନ୍ତି। ଫଳରେ ଭାରତର ମୋଟ୍ ପଦକ ସଂଖ୍ୟା ୬୦ ଛୁଇଁଛି। ତାରକା ମହିଳା ବକ୍ସର ଲଭଲିନା ବୋରଗୋହେଁ ଓ ମହିଳା ହକି ଦଳ ଫାଇନାଲରେ ପ୍ରବେଶ କରି ଅତିକମରେ ରୌପ୍ୟ ପଦକ ସୁନିଶ୍ଚିତ କରିଛନ୍ତି। ପୁରୁଷ ଓ ମହିଳା ଦଳଗତ ସ୍କ୍ୱାଶରେ ମଧ୍ୟ ଭାରତର ଉଭୟ ଦଳ ସେମିଫାଇନାଲରେ ପହଞ୍ଚି ପଦକ ପକ୍କା କରିଛନ୍ତି। ସୁମିତ ନାଗାଲ ପୁରୁଷ ସିଙ୍ଗଲ୍ସ ଟେନିସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ପଦକ ଦୌଡ଼ରେ ରହିଛନ୍ତି।

ସାହିଲ, ଚିକିତାଙ୍କୁ ଡବଲ୍ ସ୍ୱର୍ଣ୍ଣ

ଏସିଆନ ଗେମ୍ସର ଦ୍ୱାଦଶ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଭାରତୀୟ ତୀରନ୍ଦାଜମାନେ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଐତିହାସିକ ସଫଳତା ଆଣିଛନ୍ତି। କମ୍ପାଉଣ୍ଡ ବିଭାଗରେ ପୁରୁଷ ଓ ମହିଳା ଦଳ ସମେତ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ପଦକ ଜିତି ୨୦୨୮ ଅଲିମ୍ପିକ୍ସକୁ ଟିକଟ୍ ହାସଲ କରିଛନ୍ତି। ଜ୍ୟୋତି ସୁରେଖା ଭେନ୍ନମ, ତନିପତ୍ରୀ ଚିକିତା ଓ ପ୍ରିତୀକା ପ୍ରଦୀପଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ୨୩୮-୨୩୪ ସ୍କୋରରେ ଚାଇନାକୁ ପରାସ୍ତ କରି ଦିବସରେ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲା। ଏଥିପୂର୍ବରୁ ମହିଳା ଦଳ ସେମିଫାଇନାଲରେ ଦକ୍ଷିଣ କୋରିଆକୁ ହରାଇ ଫାଇନାଲକୁ

ପ୍ରବେଶ କରିଥିଲା। ଏହାପରେ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଚିକିତା ଓ ସାହିଲ ରାଜେଶ ଯାଦବ ଯୋଡ଼ି ମାତ୍ର ୧୫୮-୧୫୭ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ତୀରନ୍ଦାଜୀରେ ଅନ୍ତିମ ତଥା ତୃତୀୟ ସ୍ୱର୍ଣ୍ଣ ପଦକ ପୁରୁଷ କମ୍ପାଉଣ୍ଡ ଦଳକୁ ମିଳିଥିଲା। ସାହିଲ, କୁଶାଲ ଦଲାଲ ଓ ଗଣେନ ମଣିରତ୍ନମ ତିରୁମୁରୁଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ରୋମାଞ୍ଚକର ଫାଇନାଲରେ ୨୩୮-୨୩୭ ସ୍କୋରରେ ଚାଇନାକୁ ହରାଇଥିଲା। ତିନିବର୍ଷ ତଳେ ହାଙ୍ଗଝୋଉ ଏସିଆନ ଗେମ୍ସର କମ୍ପାଉଣ୍ଡରେ ଭାରତ ସମସ୍ତ ୫ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

ଟ୍ରାପ୍ ମିକ୍ସଡ ଟିମ୍ ସୁଟିଂରେ ନୀରୁ-ଚେନାଇଙ୍କୁ ସ୍ୱର୍ଣ୍ଣ

ଦ୍ୱାଦଶ ଦିବସରେ ଭାରତକୁ ଚତୁର୍ଥ ସ୍ୱର୍ଣ୍ଣ ପଦକ ସୁଟିଂରୁ ମିଳିଥିଲା। ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟରେ ନୀରୁ ଧଣ୍ଡା ଓ କ୍ୟାନନ ଚେନାଇ ଭାରତ ପାଇଁ ଏହି ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହି ଭାରତୀୟ ଯୋଡ଼ି ରେକର୍ଡ ୩୪ ସ୍କୋର ସହ ପୋଡିୟମର ଶୀର୍ଷରେ ରହିଥିଲେ। କାତାରର ମହମ୍ମଦ ରୁମାଇ ଓ ରେ ବାସିଲ ଯୋଡ଼ି ୩୨ ସ୍କୋର ସହ ରୌପ୍ୟ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ନୀରୁଙ୍କ ଏହା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟ। ଏଥିପୂର୍ବରୁ ନୀରୁ ଗତକାଲି ମହିଳା ଟ୍ରାପ୍ ସୁଟିଂର ଇଣ୍ଡିଭିଜୁଆଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ମହିଳା ହକି: ସ୍ୱର୍ଣ୍ଣ ପାଇଁ ଚାଇନା ସହ ଲଢ଼ିବ ଭାରତ

ଚଳିତ ଏସିଆନ ଗେମ୍ସର ମହିଳା ହକିରେ ଭାରତ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଭାରତୀୟ ମହିଳା ଦଳ ୨-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଇଶିକା ଓ ଅଧିନାୟିକା ସାଲିମା ଟେଟେ ଦଳ ପାଇଁ ଗୋଲ୍‌ସ୍କୋର କରିଥିଲେ। ଅକ୍ଟୋବର ୨ରେ ଚାଇନା ସହ ଭାରତ ଫାଇନାଲ ମ୍ୟାଚ୍ ଖେଳିବ। ଅନ୍ୟ ଏକ ସେମିଫାଇନାଲରେ ଚାଇନା ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୨ ଗୋଲରେ ଆୟୋଜକ ଜାପାନକୁ ପରାସ୍ତ କରିଥିଲା। ୧୯୮୨ ମସିହାରୁ ଭାରତୀୟ ମହିଳା ଦଳ ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ଏଠାରେ ଚାମ୍ପିଅନ ହୋଇ ସାଲିମା ଟେଟେଙ୍କ ସହ ୨୦୨୮ ଅଲିମ୍ପିକ୍ସକୁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭାରତୀୟ ପୁରୁଷ ଦଳ ଗୁରୁବାର ପାକିସ୍ତାନ ସହ ସେମିଫାଇନାଲ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଫାଇନାଲରେ ଲଭ୍‌ଲିନା; ପ୍ରିୟା, କପିଳଙ୍କୁ କାଂସ୍ୟ

ଭାରତୀୟ ବକ୍ସରଙ୍କ ପାଇଁ ମଧ୍ୟ ବୁଧବାର ସ୍ମରଣୀୟ ରହିଥିଲା। ତାରକା ମହିଳା ବକ୍ସର ଲଭ୍‌ଲିନା ବୋରଗୋହେଁ ୭୫ କିଗ୍ରା ବିଭାଗରେ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଲଭ୍‌ଲିନା ୩-୨ରେ କାଜାଖସ୍ତାନର ନାଟାଲ୍ୟା ବୋଗଦାନୋଭାଙ୍କୁ ହରାଇ ପଦକ ପକ୍କା କରିଛନ୍ତି। ଫାଇନାଲରେ ଲଭଲିନାଙ୍କ ମୁକାବିଲା ଚାଇନାର ଜିୟି ବାଓ'ଙ୍କ ସହ ହେବ। ସେହିଭଳି ଅନ୍ୟ ଦୁଇ ଭାରତୀୟ ବକ୍ସର ପ୍ରିୟା ଘଙ୍ଘାସ ଓ କପିଳ ପୋଖରିୟା ସେମିଫାଇନାଲରେ ହାରିଯାଇ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ୬୦ କିଗ୍ରା ସେମିଫାଇନାଲରେ ପ୍ରିୟା ୧-୪ରେ ଚାଇନାର ୟାଙ୍ଗ ଚେଙ୍ଗୟୁଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ପୁରୁଷ ୯୦ କିଗ୍ରାରେ କପିଳ ୧-୪ରେ ଉଜବେକିସ୍ତାନ ବକ୍ସରଙ୍କଠାରୁ ହାରି କାଂସ୍ୟ ପଦକ ଅର୍ଜନ କରିଛନ୍ତି।

ରେସ୍‌ଲର୍ ସୁନିଲ କୁମାରଙ୍କ କୀର୍ତ୍ତିମାନ

ରେସଲର ସୁନିଲ କୁମାର ପ୍ରଥମ ଭାରତୀୟ ଭାବେ ଏସିଆନ ଗେମ୍ସର ଗ୍ରୀକୋ-ରୋମାନ କୁସ୍ତିରେ ଦୁଇଟି ପଦକ ଜିତିବାର କୀର୍ତ୍ତିମାନ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ୮୭ କିଗ୍ରା ଗ୍ରୀକୋ-ରୋମାନ୍ କୁସ୍ତି ଇଭେଣ୍ଟର କାଂସ୍ୟ ପଦକ ମ୍ୟାଚ୍‌ରେ ସୁନିଲ ୯-୦ରେ ଫିଲିପାଇନ୍ସର ଜନ୍‌ଷ୍ଟନ୍ ରବର୍ଟସ୍‌ଙ୍କୁ ପରାସ୍ତ କରିଥିଲେ। ଫଳରେ ସୁନିଲ ଏସିଆନ ଗେମ୍ସରେ କ୍ରମାଗତ ଦ୍ୱିତୀୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏଥିପୂର୍ବରୁ ସେ ୨୦୨୩ ହାଙ୍ଗଝୋଉ ଏସିଆନ ଗେମ୍ସରେ ମଧ୍ୟ ସମାନ ବର୍ଗରେ କାଂସ୍ୟ ପଦକ ଜିତିଥିଲେ।

ଓଡ଼ିଶା ଟି-୨୦ ଲିଗ୍: ସମ୍ବଲପୁରକୁ ହରାଇ କେନ୍ଦୁଝର ଚାମ୍ପିଅନ

ଭୁବନେଶ୍ୱର, ୩୦।୯ (ସମିସ): 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍'ର ଦ୍ୱିତୀୟ ସଂସ୍କରଣରେ କେନ୍ଦୁଝର ମାଇନର୍ସ ଚାମ୍ପିଅନ ହୋଇଛି। ବୁଧବାର ରାତିରେ ଆଇକନିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ୯ ୱିକେଟରେ ସମ୍ବଲପୁର ୱାରିୟର୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୮.୩ ଓଭରରେ ମାତ୍ର ୧୦୨ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଶାନ୍ତନୁ ମିଶ୍ର ୪୦ ଓ ସୟଦ ଅହମ୍ମଦ ତୁଫେଲ ୧୮ ବଲରେ ୨୬ ରନ କରିଥିଲେ। ବୋଲିଂରେ କେନ୍ଦୁଝର ପକ୍ଷରୁ ଦେବବ୍ରତ ପ୍ରଧାନ (୪-୧-୨୧-୩) ସବୁଠୁ ପ୍ରଭାବୀ ବୋଲିଂ କରିଥିଲେ। ଜାମଲା ମହାପାତ୍ର (୨/୧୩), ଭଗୀଶ ଶର୍ମା (୨/୧୭) ଓ ଶୁଭମ ବିସ୍ତ (୨/୨୨) ଦୁଇଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ କେନ୍ଦୁଝର ଓପନର ମୟଙ୍କ ପଟ୍ଟନାୟକ (୩୪ ବଲରେ ୭୨ ରନ)ଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ମାତ୍ର ଗୋଟିଏ ୱିକେଟ ହରାଇ ୧୦.୪ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ଅଧିନାୟକ ସେନାପତି ୩୨ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିଅନ କେନ୍ଦୁଝର ଦଳକୁ ୫୦ ଲକ୍ଷ ଓ ରନର୍ସଅପ୍ ସମ୍ବଲପୁରକୁ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବବ୍ରତ ପ୍ରଧାନ ଫାଇନାଲ ଓ ଭଗିସ ଶର୍ମା ଲିଗ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ପ୍ରଜ୍ଞାନ ଅନ୍ତରୀଣ ଚୟନ କମିଟି ମୁଖ୍ୟ

ମୁମ୍ବଇ, ୩୦।୯ (ଏଜେନ୍ସି): ଭାରତୀୟ ସିନିଅର ଚୟନ କମିଟିରୁ ଅଜିତ୍ ଅଗରକର ଓହରି ଯାଇଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଚଳିତ ଦିନିକିଆ ସିରିଜ୍ ପାଇଁ ଦଳ ଚୟନ କରିବା ଥିଲା ମୁଖ୍ୟ ଚୟନକର୍ତ୍ତା ଭାବେ ଅଗରକରଙ୍କ ଶେଷ ଦାୟିତ୍ୱ। ରିପୋର୍ଟ ଅନୁଯାୟୀ, ବିସିସିଆଇ ପୂର୍ବତନ ବାମହାତୀ ସ୍ପିନର ତଥା ଓଡ଼ିଆ କ୍ରିକେଟର୍ ପ୍ରଜ୍ଞାନ ଓଝାଙ୍କୁ ବର୍ତ୍ତମାନର ଚାରିଜଣିଆ ଚୟନ କମିଟିର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଛି। ୨୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ୪୦ ବର୍ଷୀୟ ଓଝାଙ୍କୁ ଏହି ପଦବୀରେ ସ୍ଥାୟୀ ଭାବେ ନିଯୁକ୍ତ କରାଯିବାର ମଧ୍ୟ ସମ୍ଭାବନା ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ପୂର୍ବରୁ ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଚୟନ କମିଟିର ଚାରିଜଣ ସଦସ୍ୟ- ଶିବସୁନ୍ଦର ଦାସ, ଅଜୟ ରାତ୍ରା, ଆର.ପି. ସିଂହ ଏବଂ ଓଝାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ସମୟରେ ଅଗରକର ସେଠାରେ ଉପସ୍ଥିତ ନଥିଲେ। ରିପୋର୍ଟ ଅନୁଯାୟୀ, ଓଝାଙ୍କୁ ଚୟନ କମିଟିର ଅନ୍ତରୀଣ ମୁଖ୍ୟ ଭାବେ ଘୋଷଣା କରାଯାଇଛି। ସେ ପରବର୍ତ୍ତୀ ମୁଖ୍ୟ ଚୟନକର୍ତ୍ତା ହେବାର ଦୌଡ଼ରେ ରହିଛନ୍ତି।

ଷଷ୍ଠଥର: ଗୋଟିଏ ଦିନିକିଆ ଇନିଂସରେ ୩ ଶତକ

ଗୌହାଟୀ, ୩୦।୯ (ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୪୦୫ ରନର ବିଶାଳ ସ୍କୋର କରିଛି। ଯାହାକି ଦିନିକିଆ କ୍ରିକେଟ୍‌ରେ ୱେଷ୍ଟଇଣ୍ଡିଜର ସର୍ବାଧିକ ଦଳଗତ ସ୍କୋର ହୋଇଛି। ସେହିଭଳି ଏହି ମ୍ୟାଚରେ ୩ଜଣ ଇଣ୍ଡିଜ ବ୍ୟାଟର ଶତକୀୟ ପାଳି ଖେଳିଥିଲେ। ସେମାନଙ୍କ ମଧ୍ୟରେ ଓପନର ଜନ୍ କ୍ୟାମ୍ପବେଲ୍ ୧୦୧, ଅଧିନାୟକ ସାଇ ହୋପ୍ ୧୦୪ ଓ ଆମିର ଜାଙ୍ଗୋ ୧୧୪ ରନ କରିଥିଲେ। ଫଳରେ ଦିନିକିଆ କ୍ରିକେଟ୍ ଇତିହାସରେ ଏହା ୬ଷ୍ଠ ଘଟଣା ହୋଇଛି ଯେତେବେଳେ ଗୋଟିଏ ପାଳିରେ ୩ଜଣ ବ୍ୟାଟର ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଭାରତ ବିପକ୍ଷରେ ଗୋଟିଏ ଦିନିକିଆରେ ୩ଜଣ ବ୍ୟାଟର ଶତକ ହାସଲ କରିବାରେ ଏହା ଦ୍ୱିତୀୟ ଘଟଣା। ଏଥିପୂର୍ବରୁ ୨୦୧୫ରେ ୱାଙ୍ଖଡେ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାର ୩ଜଣ ବ୍ୟାଟର ଘରୋଇ ଭାରତ ବିପକ୍ଷରେ ଶତକ ମାରିଥିଲେ। ବିଶ୍ୱର ଏକମାତ୍ର ଦଳ ଭାବେ ଦକ୍ଷିଣ ଆଫ୍ରିକା ୩ଥର ଏହି ରେକର୍ଡ କରିଛି।

ଆକ୍ୱିବଙ୍କ ପଦାର୍ପଣ

ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଅନ୍ତର୍ଜାତୀୟ କ୍ରିକେଟ୍ ପଦାର୍ପଣ କରିଛନ୍ତି। ବୁଧବାର ଗୌହାଟୀରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ଖେଳି ନବି ଭାରତ ପକ୍ଷରୁ କ୍ୟାରିୟର ଆରମ୍ଭ କରିଛନ୍ତି। ଫଳରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ନବି ଜମ୍ମୁ-କାଶ୍ମୀରର ତୃତୀୟ କ୍ରିକେଟର ହୋଇଛନ୍ତି। ତାଙ୍କ ପୂର୍ବରୁ ୨୦୧୪ରେ ପରଭେଜ ରସୁଲ ଓ ୨୦୨୨ରେ ଦ୍ରୁତ ବୋଲର ଉମରା ମଲିକ ଟିମ୍ ଇଣ୍ଡିଆରୁ ଖେଳିସାରିଛନ୍ତି।

ଭାରତର ରେକର୍ଡ ରନ ଚେଜ୍ ସହ ସିରିଜ୍ କବ୍‌ଜା

ଗିଲ୍‌ଙ୍କ ଦ୍ୱିଶତକ ଆଗରେ କ୍ୟାମ୍ପବେଲ୍, ହୋପ୍, ଜାଙ୍ଗୋଙ୍କ ଶତକ ଫିକା

ଗୌହାଟୀ, ୩୦।୯ (ଏଜେନ୍ସି):

ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ଇତିହାସ ରଚିଛି। ଦିନିକିଆ କ୍ରିକେଟ୍ ଇତିହାସରେ ଭାରତ ଏହାର ସର୍ବବୃହତ୍ ରନ ଚେଜ୍ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୪୦୬ ରନର ବିଶାଳ ଲକ୍ଷ୍ୟକୁ ଟିମ୍ ଇଣ୍ଡିଆ ୩୯ଟି ବଲ୍ ବାକି ଥାଇ ମାତ୍ର ୨ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ଶୁବମନ ଗିଲ୍ (୧୩୩ ବଲରେ ଅପରାଜିତ ୨୨୩ ରନ) ବିଶ୍ୱରେକର୍ଡ ଦ୍ରୁତତମ ଦ୍ୱିଶତକୀୟ ପାଳି ଖେଳି ଦଳକୁ ଏହି ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ବିଜୟ ସହ ଭାରତ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨-୦ରେ ଆଗୁଆ କବଜା କରିନେଇଛି। ଅନ୍ତିମ ତଥା ୩ୟ ଦିନିକିଆ ଶନିବାର ଚଣ୍ଡିଗଡ଼ରେ ଖେଳାଯିବ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଓପନର୍ ଜନ କ୍ୟାମ୍ପବେଲ୍ (୬୮ ବଲରେ ୧୦୧ ରନ), ଅଧିନାୟକ ସାଇ ହୋପ୍ (୯୪ ବଲରେ ୧୦୪ ରନ) ଓ ଆମିର ଜାଙ୍ଗୋ (୭୭ ବଲରେ ୧୧୪ ରନ)ଙ୍କ ବିସ୍ଫୋରକ ଶତକ ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୪୦୫ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଦିନିକିଆ କ୍ରିକେଟରେ ୱେଷ୍ଟଇଣ୍ଡିଜର ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର ହୋଇଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଗୁରନୁର ବ୍ରାର ୨ଟି ଲେଖାଏ ୱିକେଟ ନେଇଥିଲେ।

ଓପନିଂରେ ୨୫୫ ରନ ଭାଗୀଦାରି

ବର୍ଷାପରାର ଏହି ଛୋଟିଆ ଗ୍ରାଉଣ୍ଡ ଓ ବ୍ୟାଟିଂ ପିଚରେ ଦୁଇ ଓପନର୍ ଗିଲ୍ ଓ ରୋହିତ୍ ଶର୍ମା ଓପନିଂ ୱିକେଟରେ ୧୫୮ ବଲରେ ୨୫୫ ରନର ଭାଗୀଦାରି ଗଢ଼ି ବିଜୟପଥ ପରିଷ୍କାର କରିଥିଲେ। ୭୫ ବଲରେ ୧୦ ଚୌକା ଓ ୬ ଛକା ବଳରେ ୧୦୧ ରନ କରିଥିବା ରୋହିତଙ୍କୁ ଆଉଟ୍ କରି ଜେଡେନ ସିଲ୍ସ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ଗିଲ୍ ଗୋଟିଏ ପାଶ୍ୱର୍ରେ ୨୨୩ ରନ (୧୩୩ ବଲ, ୨୬ ଚୌକା ଓ ୮ ଛକା)ର ଅପରାଜିତ ଦ୍ୱିଶତକୀୟ ପାଳି ଖେଳି ଭାରତକୁ ୪୩.୩ ଓଭରରେ ୮ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ବିରାଟ କୋହଲି ୨୯ ଓ ଋତୁରାଜ ଗାଏକୱାଡ ଅପରାଜିତ ୩୧ ରନ କରିଥିଲେ।

ୱେଷ୍ଟଇଣ୍ଡିଜ: ୪୦୫/୭, ୫୦ ଓଭର (କ୍ୟାମ୍ପବେଲ- ୧୦୧, ହୋପ୍- ୧୦୪, ଜାଙ୍ଗୋ- ୧୧୪, କୁଲଦୀପ୍- ୨/୬୫, ଜାଡେଜା- ୨/୭୫)। **ଭାରତ:** ୪୦୬/୨, ୪୩.୩ ଓଭର (ଗିଲ୍- ୨୨୩*, ରୋହିତ୍- ୧୦୧, କୋହଲି- ୨୯, ଗାଏକୱାଡ- ୩୧*, ସାମରା ଜୋସେଫ- ୧/୫୨)।

ଦିନିକିଆରେ ଦ୍ରୁତତମ ଦ୍ୱିଶତକ

ବଲ୍	ବ୍ୟାଟର	ପ୍ରତିପକ୍ଷ	ବର୍ଷ
୧୧୭	ଶୁବମନ ଗିଲ୍	ୱେଷ୍ଟଇଣ୍ଡିଜ	୨୦୨୬
୧୨୬	ଇଶାନ କିଶାନ	ବାଂଲାଦେଶ	୨୦୨୨
୧୨୮	ଗ୍ଲେନ ମ୍ୟାକ୍ସୱେଲ	ଆଫଗାନିସ୍ତାନ	୨୦୨୩
୧୩୬	ପାଥୁମ ନିଶାଙ୍କ	ଆଫଗାନିସ୍ତାନ	୨୦୨୪
୧୩୮	କ୍ରିସ ଗେଲ୍	ଜିମ୍ବାୱେ	୨୦୧୫

ଦିନିକିଆରେ ସର୍ବୋଚ୍ଚ ରନ ଚେଜ୍

ଦଳ	ଟାର୍ଗେଟ	ପ୍ରତିପକ୍ଷ	ବର୍ଷ
ଦ.ଆଫ୍ରିକା	୪୩୫	ଅଷ୍ଟ୍ରେଲିଆ	୨୦୦୬
ଭାରତ	୪୦୬	ୱେଷ୍ଟଇଣ୍ଡିଜ	୨୦୨୬
ନେଦରଲାଣ୍ଡସ	୩୭୫	ୱେଷ୍ଟଇଣ୍ଡିଜ	୨୦୨୩
ଦ.ଆଫ୍ରିକା	୩୭୨	ଅଷ୍ଟ୍ରେଲିଆ	୨୦୧୬
ନେଦରଲାଣ୍ଡସ	୩୭୦	ସ୍କଟଲାଣ୍ଡ	୨୦୨୫
ଭାରତ	୩୬୦	ଅଷ୍ଟ୍ରେଲିଆ	୨୦୧୩

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY